R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୬୬
ତିଥି : ଦଶମୀ
୨୦ ମାର୍ଚ୍ଚ ୨୦୨୪, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 166
20 March 2024, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ସିଏଏ ମାମଲା

# କେନ୍ଦ୍ରକୁ ସୁପ୍ରିମ୍‌କୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ, ୧୯।୩ : ନାଗରିକ ସଂଶୋଧନ ଆଇନ୍ (ସିଏଏ) ଲୋକସଭା ନିର୍ବାଚନର କିଛି ସପ୍ତାହ ପୂର୍ବରୁ ଲାଗୁ ହୋଇଥିବାରୁ ଏହା ବିରୋଧରେ ସୁପ୍ରିମ୍‌କୋର୍ଟରେ ୨୩୭ ଯାଚିକା ଦାଖଲ ହୋଇଛି । ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡଙ୍କ ଅଧକ୍ଷତାରେ ଗଠିତ ଜଷ୍ଟିସ୍ ଜେବି ପାରିଡ୍‌ୱାଲା ଓ ଜଷ୍ଟିସ୍ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିବେ । ସିଏଏ ଆଇନ୍‌କୁ ଅସମ୍ବିଧାନିକ ବୋଲି ଦର୍ଶାଯାଇଛି । ତେବେ ସୁପ୍ରିମ୍‌କୋର୍ଟ ଏହି ପ୍ରସଙ୍ଗରେ ଆଜି କେନ୍ଦ୍ର ସରକାରଙ୍କୁ ନୋଟିସ୍ କରିଛନ୍ତି । ଏପ୍ରିଲ ୯ରେ ପରବର୍ତ୍ତୀ ଶୁଣାଣି ହେବ । ଏପ୍ରିଲ ୨ ସୁଦ୍ଧା କେନ୍ଦ୍ର ସରକାର ଦୁଇଟି ଜବାବ ଦାଖଲ କରିବେ ।

ଏହି ଆଇନ୍ ବିରୋଧରେ ଇଣ୍ଡିଆନ ୟୁନିୟନ୍ ମୁସ୍‌ଲିମ୍ ଲିଗ୍, ଡେମୋକ୍ରାଟିକ୍ ୟୁଥ୍ ଫେଡେରେସନ୍ ଅଫ୍ ଇଣ୍ଡିଆ, କଂଗ୍ରେସ ନେତା ଜୟରାମ ରମେଶ, ତୃଣମୂଳ ନେତ୍ରୀ ମହୁଆ ମୈତ୍ରା ଓ ଏଆଇଏମ୍‌ଆଇଏମ୍ ମୁଖ୍ୟ ଆସାଉଦ୍ଦିନ୍ ଓସିସ୍ ଯାଚିକା ଦାଖଲ କରିଛନ୍ତି । ସିଏଏ ରୁଲ୍‌କୁ କେନ୍ଦ୍ର ବିଜ୍ଞପ୍ତି ପ୍ରକାଶ କରିବା ପରେ ଦୁଇ ସଂଗଠନ ପ୍ରଥମେ ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲେ । ସେମାନେ ଏହି ଆଇନ୍‌କୁ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ । ସେମାନେ ସିଏଏକୁ ମୁସ୍‌ଲିମ୍ ସମ୍ପ୍ରଦାୟ ବିରୋଧରେ ବାଛବିଚାର ବୋଲି ବର୍ଣ୍ଣନା କରିଥିଲେ । ୨୦୧୯ରେ ସଂସଦରେ ଏହି ବିଲ୍ ପାରିତ ହୋଇଥିଲା । ଏହି ବିଲ୍ ବିରୋଧରେ ଅନେକ ଯାଚିକା ମଧ ଦାଖଲ ହୋଇଥିଲା । କିନ୍ତୁ ବିଜ୍ଞପ୍ତି ପ୍ରକାଶ ପାଇନଥିବାରୁ ସୁପ୍ରିମ୍‌କୋର୍ଟ ଏହାକୁ ଗ୍ରହଣ କରିନଥିଲେ । ଗତ ଶୁକ୍ରବାର ଆଇନ୍‌ଜୀବୀ କପିଲ ଶିବଲ କହିଥିଲେ ଯେ ଅତିତରେ ନିୟମ ବିଜ୍ଞପ୍ତି ପ୍ରକାଶ ପାଇନଥିଲା । ସଲିସେଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ ଯେ ନିର୍ବାଚନ ପୂର୍ବରୁ ଏହି ବିଜ୍ଞପ୍ତି ଅନେକ ମହତ୍ୱ ରଖୁଛି । ଏହି ଆଇନ୍ ଅନୁଯାୟୀ ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରୁ ଯେଉଁ ଅଣମୁସ୍‌ଲିମ୍ ଶରଣାର୍ଥୀମାନେ ଧାର୍ମିକ ଦୃଷ୍ଟିକୋଣରୁ ଭାରତ ଫେରିବେ ସେମାନଙ୍କୁ ନାଗରିକତ୍ୱ ଦିଆଯିବ । ହିନ୍ଦୁ, ଶିଖ୍, ବୁଦ୍ଧିଷ୍ଟ, ଜୈନ, ପାର୍ଶୀ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ଯେଉଁମାନେ କି ଆଫଗାନିସ୍ତାନ, ପାକିସ୍ତାନ, ବାଂଲାଦେଶରୁ ୨୦୧୪ ଡିସେମ୍ବର ୩୧ (୯ ପୃଷ୍ଠାରେ)





### ଏପ୍ରିଲ ୯ରେ ପରବର୍ତ୍ତୀ ଶୁଣାଣି

### ସିଏଏ ବିରୋଧରେ ୨୩୭ ଯାଚିକା

## ଡ୍ରାଫ୍ଟ ସିଡିପି-୨୦୪୦

# ଲୋକଙ୍କୁ ଭୂଆଁ ବୁଲାଉଛି ବିଡିଏ

ଭୁବନେଶ୍ୱର, ୧୯।୩ (ସବ୍ୟୁ) : ବିଡିଏ ତା'ର ପରିସୀମା ବୃଦ୍ଧି କରିବାକୁ ଯାଉଛି । ଏଥିପାଇଁ ସିଡିପି (କମ୍ପ୍ରେହେନ୍‌ସିପ୍ ଡେଭ୍‌ଲପ୍‌ମେଣ୍ଟ ପ୍ଲାନ ବା ବିସ୍ତୃତ ବିକାଶ ଯୋଜନା)-୨୦୪୦ ପ୍ରସ୍ତୁତ କରିଛି । ଲକ୍ଷ୍ୟ ରଖିଛି ଲୋକଙ୍କୁ ସହରୀ ସୁବିଧା ଦେବାକୁ । ଏଥିପାଇଁ ଡ୍ରାଫ୍ଟ ବା ଚିଠା ସିଡିପି-୨୦୪୦ ପ୍ରକାଶ କରିଛି । ଲୋକମାନେ ସେମାନଙ୍କର ଘର ବା ଜାଗାର କିସମ କିପରି ଅଛି ଏବଂ କେଉଁ ଜୋନ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି ତାହା ଏହି ଚିଠା ସିଡିପିରେ ଦେଖିପାରିବେ । ଏହା ସହ ଆପତ୍ତି ଅଭିଯୋଗ ମଧ୍ୟ ବିଡିଏକୁ ଜଣାଇ (୯ ପୃଷ୍ଠାରେ)




### ଅଧା ନକ୍ସା ଅପଲୋଡ୍ କରି ବସିଛି

### ୨୦ରୁ ଉର୍ଦ୍ଧ୍ୱ ରାଜସ୍ୱ ଗାଁ ନକ୍ସାରେ ନାହିଁ

### ଆପତ୍ତି ଅଭିଯୋଗ କାହାକୁ କରିବେ?

# ପାୱାରଙ୍କୁ ଝଟ୍‌କା : ତୁରୀ ଚିହ୍ନ ବ୍ୟବହାର କରିବେ

ନୂଆଦିଲ୍ଲୀ, ୧୯।୩ : ନିର୍ବାଚନ ପୂର୍ବରୁ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ଗୋଷ୍ଠୀକୁ ଝଟ୍‌କା ଲାଗିଛି । ଏନ୍‌ସିପିର ନିର୍ବାଚନ ଚିହ୍ନ ଘଣ୍ଟାକୁ ବ୍ୟବହାର କରିବା ନେଇ ପାୱାର ଗୋଷ୍ଠି ପକ୍ଷରୁ ହୋଇଥିବା ଆବେଦନକୁ ସୁପ୍ରିମ୍‌କୋର୍ଟ ଖାରଜ କରିଛନ୍ତି । ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ମତଦାତାଙ୍କ ସହ ପରିହାସ କରନାହିଁ । କୋର୍ଟ ପକ୍ଷରୁ କୁହାଯାଇଛି ଯେ ସମ୍ବିଧାନର ଦଶମ ଅନୁଚ୍ଛେଦ ଅନୁଯାୟୀ ନିଷ୍ପତ୍ତି ନିଆଯାଇଛି । ତେଣୁ ପାୱାର ଗୋଷ୍ଠୀ ତାଙ୍କୁ ଦିଆଯାଇଥିବା ତୁରୀ ଚିହ୍ନକୁ ବ୍ୟବହାର କରିବେ । ଏହାଛଡା ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଅନ୍ୟ କାହାକୁ ତୁରୀ ଚିହ୍ନ ନଦେବାକୁ ନିର୍ବାଚନ ଆୟୋଗକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ଅଜିତ୍ ପାୱାରଙ୍କ ଗୋଷ୍ଠୀ ନିର୍ବାଚନ ପ୍ରଚାରରେ ବା କୌଣସି ବି ପ୍ରଚାର ସାମଗ୍ରିରେ ଶରଦ ପାୱାରଙ୍କ ନାଁ କିମ୍ବା ଫଟୋକୁ ବ୍ୟବହାର କରିପାରିବେ ନାହିଁ ।

ପୂର୍ବରୁ ମଧ ଶିବସେନା ବିଭାଜନବେଳେ ଏଭଳି ନିଷ୍ପତ୍ତି ନିର୍ବାଚନ କମିଶନ ନେଇଥିଲେ । ଏକନାଥ ସିନ୍ଧେଙ୍କ ନେତୃତ୍ୱାଧୀନ ଗୋଷ୍ଠିକୁ ପ୍ରକୃତ ଶିବସେନା ବୋଲି ନିର୍ବାଚନ କମିଶନ ସ୍ୱୀକୃତି ଦେଇଥିଲେ । ଜଷ୍ଟିସ୍ ଏସ୍‌ଜେ ବିଶ୍ୱନାଥନ୍ କହିଛନ୍ତି ଯେ ଯେତେବେଳେ ନିର୍ବାଚନ କମିଶନ ଗୋଟିଏ ଗୋଷ୍ଠିକୁ ସ୍ୱୀକୃତି ଦିଅନ୍ତି ସେମାନେ ସେମାନଙ୍କ ସାଙ୍ଗଠନିକ ଓ ବ୍ୟବସ୍ଥାପକ ସଂଖ୍ୟାକୁ ଦୃଷ୍ଟିରେ ରଖି ଦେଇଥାନ୍ତି । କୌଣସି ବିଭାଜନକୁ ସ୍ୱୀକୃତି (୯ ପୃଷ୍ଠାରେ)




# କଂଗ୍ରେସ ଛାଡ଼ିଲେ ବିଧାୟକ ଅଧିରାଜ

ଭୁବନେଶ୍ୱର, ୧୯।୩ (ସବ୍ୟୁ) : ନୂଆପଡ଼ା ଜିଲ୍ଲା ଖରିଆର ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମଙ୍ଗଳବାର କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ବୁଧବାର ଶ୍ରୀ ପାଣିଗ୍ରାହୀ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଗଣମାଧ୍ୟମକୁ କହିଛନ୍ତି । ୨୦୧୯ ନିର୍ବାଚନରେ ବିଧାୟକ ଶ୍ରୀ ପାଣିଗ୍ରାହୀ କଂଗ୍ରେସ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ୫୯, ୩୦୮ ଖଣ୍ଡ ଭୋଟ୍ ପାଇଥିଲେ। ବିଜେଡି ନେତା ଲମ୍ବୋଦର ନିଆଲ ୫୬,୪୫୧ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ବିଧାୟକ ଶ୍ରୀ ପାଣିଗ୍ରାହୀ ବିଜେଡିରେ ଯୋଗ ଦେବେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

# ଶିକାରୀ ଗୁଳିରେ ୨ ବନକର୍ମଚାରୀ ଗୁରୁତର

ନୀଳଗିରି, ୧୯।୩ (ସବ୍ୟୁ) : ସୋମବାରଦିନ କିଛି ଶିକାରୀ କୁଲଡିହା ଅଭୟାରଣ୍ୟ ମଧକୁ ଶିକାର ପାଇଁ ଯାଇଥିବା ଖବର ମିଳିବା ପରେ ବନବିଭାଗର ପଞ୍ଚଲିଙ୍ଗେଶ୍ୱର ବିଟ୍ ଫରେଷ୍ଟଗାଡ ସିଂରାୟ ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ୮ଜଣିଆ ଟିମ୍ ରାତ୍ରି ୮ଟାରୁ ପେଟ୍ରୋଲିଂରେ ଯାଇ ଶିକାରୀଙ୍କ ପିଛା କରିଥିଲେ । ରାତ୍ରୀ ପ୍ରାୟ ୨ଟା ସମୟରେ ଅଭୟାରଣ୍ୟ ମଧ୍ୟସ୍ଥ ଧାନସୁଆଚତୁରି ନିକଟରେ ପେଟ୍ରୋଲିଂ ଟିମ୍ ସହିତ ୨ଜଣ ଶିକାରୀଙ୍କ ମୁହାଁମୁହିଁ ହୋଇଥିଲା । ଶିକାରୀ ଦ୍ୱୟ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ବନକର୍ମଚାରୀମାନେ ସେମାନଙ୍କୁ ବାଧା ଦେଇଥିଲେ । ଅନ୍ୟ ଉପାୟ ନପାଇ ଶିକାରୀମାନେ ନିଜ ଦେଶୀ ବନ୍ଧୁକର ଗୁଳି ଚଳାଇଥିଲେ । ଏହି ଘଟଣାରେ କ୍ଷିତୀଶ ପରିଡ଼ା ଓ ବିରଞ୍ଚି ଜେନା ନାମକ (୯ ପୃଷ୍ଠାରେ)

# ଝାରପଡା ଜେଲ୍‌ରେ ଗ୍ୟାଙ୍ଗୱାର, ୫ ଆହତ

ଭୁବନେଶ୍ୱର, ୧୯।୩ (ସବ୍ୟୁ) : ଖୋର୍ଦ୍ଧା ଜେଲ୍ ଗ୍ୟାଙ୍ଗୱାର ମନରୁ ଲିଭିନଥିବା ବେଳେ ଝାରପଡା ସ୍ପେଶାଲ ଜେଲ୍‌ରେ ଗ୍ୟାଙ୍ଗୱାର ଘଟି ୫ଜଣ ଆହତ ହୋଇଛନ୍ତି । ୫ଜଣ ଆହତଙ୍କ ମଧ୍ୟରୁ ଜଣେ ଗୁରୁତର ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରୁ ଚିକିତ୍ସିତ ହୋଇ ଜେଲ୍ ମେଡିକାଲକୁ ଫେରିଛି । ଅନ୍ୟ ସାମାନ୍ୟ ଆହତ ୪ଜଣ ଜେଲ୍‌ରେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ।

ଝାରପଡା ଜେଲ୍‌ରେ ଶମ୍ଭୁ ଓ ଚକରା ଗ୍ୟାଙ୍ଗ୍ ମଧରେ ଛକାପଞ୍ଝା ଲାଗିରୁହେ । ୧୭ ତାରିଖ ଦିନ ଜେଲ୍ କ୍ୟାଣ୍ଟିନରୁ ଆସୁଥିଲେ ଚକ୍ରଧର ବାରିକ, ଜଗନ୍ନାଥ ମହାନ୍ତି, ପାପୁନ ମାଝୀ । ଶମ୍ଭୁନାଥ ବାରିକଙ୍କ ସହିତ ଏହି ଗ୍ୟାଙ୍ଗ୍‌ରୁ ଜଣେ ଜାଣିଜାଣି ଧକ୍କା ହୋଇଥିଲା । ସେହି ସମୟରେ ସେମାନଙ୍କ ମଧରେ କଳିଝଗଡା ଜୋର୍‌ରେ ହୋଇଥିଲା । ଯାହାଫଳରେ ଶମ୍ଭୁକୁ ମିଳିତ ଭାବେ ଚକରା ଗ୍ୟାଙ୍ଗ୍ ଆକ୍ରମଣ କରିବାରୁ ଶମ୍ଭୁ ଗ୍ୟାଙ୍ଗ୍ ପ୍ରତିରୋଧ କରିଥିଲେ । ୧୭ ତାରିଖ ଅପରାହ୍ଣ ୪ଟାରୁ ୫ଟା ପର୍ଯ୍ୟନ୍ତ ଉଭୟ ଗୋଷ୍ଠୀ ମଧରେ ସଂଘର୍ଷ ହେଲା । ଜେଲ୍ କର୍ମଚାରୀ କାହାରିକୁ ସେମାନେ ମାନିଲେ ନାହିଁ । ଯାହା ଫଳରେ ଶମ୍ଭୁ ଆଖିରେ ଗୁରୁତର ଆଘାତ ଲାଗିବାରୁ ତା'ଡୋଳା ଲେଉଟି ପଡିଛି । ଅନ୍ୟ ସାମାନ୍ୟ ଆହତଙ୍କୁ ଜେଲ୍ ମେଡିକାଲରେ ଚିକିତ୍ସା କରାଯିବା ସହ ଶମ୍ଭୁକୁ (୯ ପୃଷ୍ଠାରେ)


# ରାମଦେବଙ୍କୁ ସୁପ୍ରିମ୍‌କୋର୍ଟଙ୍କ ସମନ

ନୂଆଦିଲ୍ଲୀ, ୧୯।୩ : ଯୋଗଗୁରୁ ରାମଦେବଙ୍କୁ ସୁପ୍ରିମ୍‌କୋର୍ଟ ସମନ କରିଛନ୍ତି । ପୂର୍ବରୁ ସୁପ୍ରିମ୍‌କୋର୍ଟ ପତଞ୍ଜଳୀ ଆୟୁର୍ବେଦ ବିରୋଧରେ ଅଦାଲତ ଅବମାନନା ନୋଟିସ୍ ଦେଇଥିଲେ । ବିଜ୍ଞାପନ ଜରିଆରେ ସେମାନେ ବିଭ୍ରାନ୍ତ କରୁଥିବା ନେଇ କୁହାଯାଇଥିଲା । ରାମଦେବ କୋର୍ଟରେ ହାଜର ହେବାକୁ କୁହାଯାଇଥିଲା । ଜଷ୍ଟିସ୍ ହିମା କୋହିଲି ଓ ଆଶା ଉଦ୍ଦିନ୍ ଅମନଉଲ୍ଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ମଧ ପତଞ୍ଜଳୀର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଲ୍‌କ୍ରିଷ୍ଣଙ୍କୁ ସମନ କରିଛନ୍ତି।

ଗତମାସରେ ସୁପ୍ରିମ୍‌କୋର୍ଟ ପତଞ୍ଜଳୀକୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ବିଜ୍ଞାପନ ଓ ବକ୍ତବ୍ୟ ଆଇନ୍ ଉଲ୍ଲଂଘନ କରୁଛି ବୋଲି ଦର୍ଶାଇଥିଲେ । ଏହି ସଂସ୍ଥା ପକ୍ଷରୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଔଷଧର ଯେଉଁ ଦକ୍ଷତା କୁହାଯାଉଛି ତାହାକୁ ନେଇ ପ୍ରଶ୍ନ ଉଠାଇଥିଲେ । କୋର୍ଟ ପକ୍ଷରୁ ପତଞ୍ଜଳୀକୁ ଓ ବାଲ୍‌କ୍ରିଷ୍ଣାଙ୍କୁ ଅଦାଲତ ଅବମାନନା ନୋଟିସ୍ ଦିଆଯାଇଥିଲା । ହେଲେ ପତଞ୍ଜଳୀ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲାନାହିଁ କିମ୍ବା ଏହି ନୋଟିସ୍‌ର ଜବାବ ଦିଆଗଲାନାହିଁ । ଏପର୍ଯ୍ୟନ୍ତ ସୁଦ୍ଧା ସେମାନେ (୯ ପୃଷ୍ଠାରେ)

## ଜାତୀୟ କନ୍‌କ୍ଲେଭ୍‌ରେ କାର୍ତ୍ତିକ ପାଣ୍ଡିଆନଙ୍କ ମନ୍ତବ୍ୟ


# ବିଜେଡି ସରକାର ଲାଗି ବିଜେପିର ଆବଶ୍ୟକତା ନାହିଁ



- ପ୍ରତି ନିର୍ବାଚନରେ ୩ ଚତୁର୍ଥାଂଶ ଭୋଟ୍‌ରେ ଜିତୁଛନ୍ତି ନବୀନ
- ଷଷ୍ଠ ଥର ଲାଗି ନବୀନ ମୁଖ୍ୟମନ୍ତ୍ରୀ ହେବେ
- ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ ହେବାକୁ ବିଜେଡିର ଆବଶ୍ୟକ ପଡିବ ନାହିଁ
- ଦୁଇ ରାଷ୍ଟ୍ର ନାୟକଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା ରହିଛି
- ରାଜନୀତି ଠାରୁ ଉର୍ଦ୍ଧ୍ୱରେ ଏହି ଦୁଇ ନେତା ଚିନ୍ତା କରନ୍ତି
- ନବୀନ ପଟ୍ଟନାୟକ ହେଉଛନ୍ତି ମୋର ଗୁରୁ
- ଉତ୍ତରାଧିକାରୀ ବାଛିବେ ଓଡ଼ିଶାବାସୀ

ଭୁବନେଶ୍ୱର, ୧୯।୩ (ସବ୍ୟୁ) : ଅନେକ ସମୟରେ ରାଜନୈତିକ ଦଳମାନେ ନିର୍ବାଚନ ଜିତିବାକୁ କିମ୍ବା ନିର୍ବାଚନ ଗଣିତକୁ ପ୍ରଭାବିତ କରିବା ଲାଗି ମେଣ୍ଟ କରିଥାନ୍ତି । ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିର୍ବାଚନ ଜିତିବାକୁ ମେଣ୍ଟର ଆବଶ୍ୟକତା ନାହିଁ । ଦେଶର ଶାସନକୁ ଫେରିବାକୁ ବିଜେପିକୁ ବିଜେଡିର ଆବଶ୍ୟକତା ନାହିଁ । କି ରାଜ୍ୟରେ ଶାସନକୁ ଫେରିବା ପାଇଁ ବିଜେଡିର ବିଜେପି ସହଯୋଗ ଦରକାର ନାହିଁ ବୋଲି ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ମତ ରଖିଛନ୍ତି ।

ଏକ ଜାତୀୟ ଗଣମାଧମ ପକ୍ଷରୁ ଆୟୋଜିତ କନ୍‌କ୍ଲେଭ୍‌ରେ ଯୋଗଦେଇ ଶ୍ରୀ ପାଣ୍ଡିଆନ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି । ତାଙ୍କୁ ପ୍ରଶ୍ନ (୯ ପୃଷ୍ଠାରେ)





# ଡିଟକ୍ସ ଡ୍ରିଙ୍କ

ଖରାଦିନ ଆସିଲେ ସମସ୍ତେ ଚାହାନ୍ତି କିଭଳି ହାଇଡ୍ରେଟ୍ ରହିବେ । ସେହିଭଳି କେବଳ ହାଇଡ୍ରେଟ୍ ନୁହେଁ ଏହାସହିତ ସମସ୍ତେ ଏହି ଡ୍ରିଙ୍କଗୁଡିକ କିଭଳି ଟେଷ୍ଟି ମଧ ହେବ ସେନେଇ ସମସ୍ତେ ଚେଷ୍ଟିତ ଥାଆନ୍ତି । ସେହିଭଳି ଏକ ଡ୍ରିଙ୍କ ହେଲା ପୋଦିନା ଡ୍ରିଙ୍କ, ଯାହା ପାଟିକୁ ବେଶ୍ ସ୍ୱାଦିଷ୍ଟ ଲାଗିବା ସହିତ ଶରୀର ପାଇଁ ଲାଭ ଦାୟକ ହୋଇଥାଏ । ବିଶେଷଭାବେ ଏହା ଆପଣଙ୍କର ଓଜନକୁ ନିୟନ୍ତ୍ରଣରେ ରଖିବାକୁ ସହାୟକ ହୋଇଥାଏ ।

- ପୋଦିନା ଡ୍ରିଙ୍କ୍ ପାଚନତନ୍ତ୍ର ଠିକ୍ ରଖିଥାଏ । ଯଦି ଆପଣଙ୍କର ଅନେକ ସମୟରେ ବଦ ହଜମି ହେଉଛି, ତେବେ ମଝିରେ ମଝିରେ ପୋଦିନା ଡ୍ରିଙ୍କ ପିଅନ୍ତୁ । ଏହା ଦ୍ୱାରା ଆପଣଙ୍କର ମେଟାବଲିଜିମ୍ ପ୍ରକ୍ରିୟା ବଢିବ । ବ୍ଲୋଟିଂ, ଏସିଡିଟି, ଗ୍ୟାସ୍ ଭଳି ସମସ୍ୟାକୁ ଏହି ଡ୍ରିଙ୍କ ଦୂର କରିଥାଏ ।
- ପୋଦିନା ଡ୍ରିଙ୍କ ପିଇବାକୁ ବେଶ୍ ସ୍ୱାଦିଷ୍ଟ ହୋଇଥାଏ, ଏହା ସହିତ ଏହି ପାନୀୟଟି ଆପଣଙ୍କର କ୍ରେଭିଂକୁ ରୋକିବାରେ ମଧ ସହାୟକ ହୋଇଥାଏ । କ୍ରେଭିଂ ନହେବା ଫଳରେ ଆପଣଙ୍କର ବାହାରର ଜଙ୍କଫୁଡ୍ ଖାଇବା କମିଥାଏ, ତେଣୁ ଓଜନ ମଧ ନିୟନ୍ତ୍ରଣରେ ରହିଥାଏ ।

ଏହି ଡ୍ରିଙ୍କ ଶରୀରକୁ ହାଇଡ୍ରେଟ୍ କରିବାରେ ବିଶେଷଭାବେ ସହାୟକ ହୋଇଥାଏ । ଓଜନ ହ୍ରାସ ପାଇଁ ହାଇଡ୍ରେଟ୍ ରହିବା ସବୁଠାରୁ ସରଳ ଉପାୟ ହୋଇଥାଏ । ସେହିଭଳି ଖରାଦିନେ ଡିଟକ୍ସ ହେବା ପାଇଁ ଏହି ଡ୍ରିଙ୍କ ବିଶେଷଭାବେ ସହାୟକ ହୋଇଥାଏ । ଏହା ଆମ ଶରୀରରେ ଥିବା ଫ୍ୟାଟ୍‌କୁ କମାଇବାରେ ବିଶେଷ ସହାୟତା କରିଥାଏ ।



- ପୋଦିନା ଡ୍ରିଙ୍କ ଆମ ଶରୀର ପାଇଁ ନ୍ୟାଚୁରାଲ ଡିଟକ୍ସିଫିକେସନ୍ ଏଜେଣ୍ଟ ଭାବେ କାର୍ଯ୍ୟ କରିଥାଏ । ଏହା ଶରୀରରେ ଥିବା ସମସ୍ତ ଟକ୍ସିନ୍‌କୁ ବାହାର କରି ଶରୀରକୁ ସଫା କରିବାରେ ସହାୟତା କରିଥାଏ ।

# ଟି ସାର୍ଟରେ ଟିଣ୍ଡର ପ୍ରୋଫାଇଲ୍

ଆଜିକାଲି ଅନେକ ଡେଟିଂ ଆପ୍ ରହିଛି, ଯେଉଁଥିରେ ଯୁବକ ଯୁବତୀ ନିଜର ମନ ପସନ୍ଦର ସାଥୀ ପାଉଛନ୍ତି । ତେବେ ବର୍ତ୍ତମାନ ଜଣେ ଯୁବକ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛନ୍ତି । ଭାଇରାଲ ହେଉଥିବା ଯୁବକ ଜଣଙ୍କ ଏକ ଟି-ସାର୍ଟ ପିନ୍ଧିଥିଲେ ଯେଉଁଥିରେ ଏକ କ୍ୟୁଆର କୋର୍ଡ ରହିଥିଲା । ଏହାସହ ଟି ସାର୍ଟରେ ‘ କେବଳ ସିଙ୍ଗଲ ଥିବା ଲୋକଙ୍କ’ ପାଇଁ ବୋଲି ଏକ କୋଟେସନ୍ ମଧ ଲେଖାଯାଇଥିଲା । ସୂଚନା ଅନୁସାରେ ଏହି କ୍ୟୁଆର୍ କୋର୍ଡକୁ ସ୍କାନ କରିବା ପରେ ଆପଣ ସିଧା ସଳଖ ଯୁବକଙ୍କର ଟିଣ୍ଡର ପ୍ରୋଫାଇଲ୍ ଦେଖିପାରିବେ । ଯୁବକ ଜଣଙ୍କ ଏହି ଟି ସାର୍ଟ ପିନ୍ଧି ଇଣ୍ଟରନ୍ୟାସନାଲ ସିଙ୍ଗର ଇଡି ସରିନ୍‌ଙ୍କର କନର୍ସଟ ଦେଖିବାକୁ ଯାଇଥିଲେ । ଯୁବକଙ୍କର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ତାଙ୍କର ଏଭଳି ଆଇଡିଆକୁ ସମସ୍ତେ ବେଶ୍ ପ୍ରଶଂସା କରୁଛନ୍ତି ।




## ଇତିହାସ

୧୩୫୧– ଦିଲ୍ଲୀ ସୁଲତାନ ମହମ୍ମଦ ବିନ୍ ତୋଗଲକ ମୃତ୍ୟୁବରଣ କରିଥିଲେ ।
୧୯୯୦– ଅର୍ଦ୍ଧରାତ୍ରରେ ନାମିବିୟାର ସ୍ୱତନ୍ତ୍ରତା ଘୋଷଣା କରାଯାଇଥିଲା ।
୧୯୦୪– ମହାତ୍ମା ଗାନ୍ଧୀଙ୍କ ସହ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ଲାଗି ସି.ଏଫ୍. ଆଣ୍ଡ୍ରୁଜ୍ ଭାରତ ଆସିଥିଲେ ।
୧୯୧୬–ଆଲବର୍ଟ ଆଇନଷ୍ଟାଇନ୍‌ଙ୍କ ପୁସ୍ତକ ଜେନେରାଲ୍ ଥିଓରି ଅଫ୍ ରିଲେଟିଭିଟିର ପ୍ରକାଶନ ହୋଇଥିଲା ।
୧୯୭୭– ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଲୋକସଭା ନିର୍ବାଚନରେ ପରାଜିତ ହୋଇଥିଲେ ।
୧୯୯୧– ବେଗମ୍ ଖାଲିଦା ଜିୟା ବାଂଲାଦେଶର ରାଷ୍ଟ୍ରପତି ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ ।

## ସୋସିଆଲ କୋଟ୍ସ



ରଣବୀରଙ୍କର ଷ୍ଟାରପାୱାର ଥିବା ସତ୍ତ୍ୱେ ସେ କେବେ ବି ଶକ୍ତିମାନ ଚରିତ୍ରରେ ଅଭିନୟ କରିପାରିବେ ନାହିଁ । ରଣବୀରଙ୍କ ନ୍ୟୁଡ୍ ଫଟୋ ସୁଟକୁ ମୁଁ ବିରୋଧ କରୁଛି । ସେ ଏହି ଚରିତ୍ର ପାଇଁ ଉପଯୁକ୍ତ ନୁହେଁ ।
ମୁକେଶ ଖାନ୍ନା, ଅଭିନେତା




ମୁଁ ସବୁବେଳେ ଏଭଳି ଫିଲ୍ମ କରିବାକୁ ଚାହେଁ, ଯାହା ଅନ୍ୟକେହି ଆଗରୁ କରିନଥିବେ । ମୋତେ ବଲିଉଡ୍‌ରେ କିଛି ଭିନ୍ନ କରିବାର ଥିଲା । ସେହି ଟିପିକାଲ ହିରୋ କି ଭିଲେନ୍ ଚରିତ୍ର ମୋର ପସନ୍ଦ ନୁହେଁ ।
ଆୟୁଷ୍ମାନ ଖୁରାନା, ଅଭିନେତା



ଆଗରୁ ବଲିଉଡ୍‌ରେ ନକରାତ୍ମକ ଚରିତ୍ରରେ କେବଳ ଭିଲେନ୍ ଓ ସକରାତ୍ମକ ଚରିତ୍ରରେ କେବଳ ହିରୋ ଅଭିନୟ କରୁଥିଲେ । ହେଲେ ବର୍ତ୍ତମାନ ଏପରି ହେଉନି, ହିରୋମାନେ ମଧ ନକରାତ୍ମକ ଚରିତ୍ରରେ ଅଭିନୟ କରୁଛନ୍ତି ।
ପ୍ରେମ ଚୋପ୍ରା, ଅଭିନେତା

# ପଖାଳ ଦିବସ

ଓଡ଼ିଆ ପରମ୍ପରାରେ ଖାଦ୍ୟର ଯେଉଁ ବିଶେଷ ମହତ୍ତ୍ୱ ରହିଛି ସେଥିମଧ୍ୟରୁ ପଖାଳ ଅନ୍ୟତମ । ତେଣୁ ଆଧୁନିକ ଯୁଗରେ ପଖାଳର ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖରେ ଆନୁଷ୍ଠାନିକ ଭାବେ ପାଳିତ ହୋଇଥାଏ ପଖାଳ ଦିବସ । ୨୦୧୧ ମସିହା ମାର୍ଚ୍ଚ ୨୦ ତାରିଖକୁ ପ୍ରଥମ ଥର ପାଇଁ ଏହି ଦିବସ ରୂପେ ପାଳନ କରିବା ଲାଗି ନିର୍ଣ୍ଣୟ ନିଆଯାଇଥିଲା । ପଖାଳ ଓଡ଼ିଆମାନଙ୍କର ଏକ ପ୍ରମୁଖ ଖାଦ୍ୟ ହୋଇଥିବାରୁ ଏହି ନିର୍ଣ୍ଣୟ ପରେ ସମଗ୍ର ବିଶ୍ୱରେ ଥିବା ଓଡ଼ିଆମାନେ ମାର୍ଚ୍ଚ ୨୦କୁ ପଖାଳ ଦିବସ ରୂପେ ପାଳିଥାଆନ୍ତି । ହୋଟେଲ ଓ ରେସ୍ତୋରାଁଗୁଡ଼ିକ ମଧ ପଖାଳର ଚାହିଦାକୁ ଦୃଷ୍ଟିରେ ରଖି ନିଜନିଜ ମେନୁରେ ଏହାକୁ ସାମିଲ କରୁଛନ୍ତି । ଆଗକୁ ଆସୁଥିବା ଅତ୍ୟନ୍ତ ରୌଦ୍ରତାପରୁ ରକ୍ଷା କରିବା ଲାଗି ଓଡ଼ିଆମାନେ ପଖାଳ ଓ ତୋରାଣିକୁ ଆଦର କରିଥାଆନ୍ତି । ଏହି ଦିନ ଲୋକେ ସେମାନଙ୍କ ସାଙ୍ଗସାଥୀଙ୍କ ଗହଣରେ ବସି ପଖାଳ ଖାଇ ଏହି ଦିନକୁ ପାଳିଥାଆନ୍ତି । ତେବେ ଭାତରେ ପାଣି ମିଶାଇ ପ୍ରସ୍ତୁତ କରାଯାଉଥିବା ଏକ ଓଡ଼ିଆ ଖାଦ୍ୟ ହେଉଛି ପଖାଳ । ଶ୍ରୀମନ୍ଦିରରେ ପ୍ରସ୍ତୁତ ହେଉଥିବା ଛପନ ଭୋଗ ମଧ୍ୟରୁ ଏହା ଅନ୍ୟତମ । ଉଷୁନା ଓ ଅରୁଆ ପଖାଳ ମଧ୍ୟରୁ ମହାପ୍ରଭୁଙ୍କ ଉପାସନାରେ ଅରୁଆ ପଖାଳ ପ୍ରଚଳିତ । ଶ୍ରୀଗୁଣ୍ଡିଚା ଠାରୁ ନିଳାଦ୍ରୀ ବିଜେ ମଧରେ ଥିବା ବ୍ୟବଧାନ ବ୍ୟତୀତ ବର୍ଷର ଅନ୍ୟ ସମସ୍ତ ଦିନ ଦାରୁଦିଅଁଙ୍କ ନିକଟରେ ପଖାଳ ଭୋଗ ଲଗାଯାଏ ।





# ଦଣ୍ଡାସନ

ଏହି ଆସନଟିକୁ କରିବା ପାଇଁ ସର୍ବପ୍ରଥମେ ଯୋଗମ୍ୟାଟ୍ ଉପରେ ପିଠିକୁ ସିଧା କରି ବସିପଡ଼ନ୍ତୁ । ଆଗକୁ ଗୋଡ଼ ସିଧା ଭାବେ ଲମ୍ବାନ୍ତୁ । ଏହାପରେ ଆପଣଙ୍କ ପାପୁଲିକୁ ସିଧା କରି ଭୂଇଁ ଉପରେ ରଖନ୍ତୁ । ଏହି ପୋଜ୍‌ରେ ରହି ଦୀର୍ଘ ନିଃଶ୍ୱାସ ଛାଡନ୍ତୁ ଏବଂ ୨୦ରୁ ୩୦ ସେକେଣ୍ଡ୍ ରହିବା ପରେ ପୁନଶ୍ଚ ପୂର୍ବସ୍ଥିତିକୁ ଫେରିଆସନ୍ତୁ ।

**ଉପକାର**

- ଗୋଡ, ପିଠି ଏବଂ ଜଙ୍ଘ ମାଂସପେଶୀ ଶକ୍ତ ହେବ ।
- ନିଃଶ୍ୱାସ ନେବା କ୍ଷମତା ବୃଦ୍ଧି ପାଇବ ।
- ଆର୍ଥରିଟିସ୍ ଯନ୍ତ୍ରଣାରୁ ମୁକ୍ତି ମିଳିବ ।
- ପାଚନ ପ୍ରକ୍ରିୟା ଉନ୍ନତ ହେବ ।
- ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ।



# ବୃଦ୍ଧାଙ୍କ ରେଭ୍ ପାର୍ଟି

ପରିଣତ ବୟସରେ ବ୍ରିଟେନ୍‌ର ଜଣେ ବୃଦ୍ଧା ନିଜ ଜନ୍ମଦିନରେ ରେଭ୍ ପାର୍ଟି କରି ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛନ୍ତି । କେୟାର ହୋମ୍‌ରେ ରହୁଥିବା ବେରା ସାକ୍ ନାମ୍ନୀ ଏହି ବୃଦ୍ଧା ନିକଟରେ ତାଙ୍କର ୧୦୩ତମ ଜନ୍ମଦିବସ ପାଳିଛନ୍ତି । ଏହି ଅବସରରେ କେୟାରହୋମ୍‌ର ମ୍ୟାନେଜର ଓ ବୃଦ୍ଧାଙ୍କ ଦୁଇପୁଅଙ୍କ ଉଦ୍ୟମ ବଳରେ ଅବିସ୍ମରଣୀୟ ରେଭ୍ ପାର୍ଟିର ଆୟୋଜନ କରାଯାଇଥିଲା । ଯାହାଫଳରେ ବେରା ଖୁବ୍ ଖୁସି ହୋଇଯାଇଥିଲେ । ବେରାଙ୍କ ଜନ୍ମଦିନ ପାର୍ଟିକୁ ଆହୁରି ଅଧିକ ମନୋରଞ୍ଜିତ କରିବା ଲାଗି କେୟାର ହୋମ୍‌କୁ ନିୟନ୍ ଲାଇଟ୍ ଓ ବେଲୁନ୍‌ରେ ଆକର୍ଷଣୀୟ ସାଜସଜ୍ଜା କରାଯାଇ କ୍ଲବ୍‌ର ରୂପ ଦିଆଯାଇଥିଲା । ଯେଉଁଠି ବେରା ତାଙ୍କ ଦୁଇପୁଅ ଓ କେୟାର୍‌ହୋମ୍ ପରିବାର ସହିତ ନିଜର ୧୦୩ତମ ଜନ୍ମଦିବସକୁ ଧୁମ୍‌ଧାମ୍‌ରେ ପାଳନ କରିଥିଲେ ।



# ଦାମୀ ଭିଲେନ୍

କେଜିଏଫ୍‌ର ହିରୋ ବର୍ତ୍ତମାନ ସବୁଠାରୁ ଦାମୀ ଭିଲେନ୍ ପାଲଟିଛନ୍ତି । ଆଗକୁ ତାଙ୍କୁ ରଣବୀର କପୁର ଓ ସାଇ ପଲ୍ଲବୀଙ୍କ ଅଭିନୀତ ରାମାୟଣ ଫିଲ୍ମରେ ରାବଣ ଭୂମିକାରେ ଦେଖିବାକୁ ମିଳିବ । ତେବେ ଏହି ଚରିତ୍ର ପାଇଁ ଯଶ ପାରିଶ୍ରମିକ ଭାବେ ୧୫୦ କୋଟି ଟଙ୍କା ନେଇଥିବା ଜଣା ପଡିଛି । ଯାହାଫଳରେ ସେ ବର୍ତ୍ତମାନ ବଲିଉଡ୍‌ର ସବୁଠାରୁ ଦାମୀ ଖଳନାୟକ ପାଲଟିଛନ୍ତି । ବର୍ତ୍ତମାନ ସେ କେଜିଏଫ୍ ୩ର ସୁଟିଂରେ ବ୍ୟସ୍ତ ଥିଲେ ମଧ ନିଜର ପ୍ରଥମ ବଲିଉଡ ଫିଲ୍ମକରିବାକୁ ରାଜି ଅଛନ୍ତି ଯଶ । ଏଥିପାଇଁ ସେ ସମୟ କାଢିବା ସହିତ ନିଜକୁ ପ୍ରସ୍ତୁତ କରୁଥିବା ଜଣା ପଡିଛି । ବର୍ତ୍ତମାନ ଯଶ ରଣବୀର ସିଂ, ସଞ୍ଜୟ ଦତ୍ତ, କମଲ ହାସନ, ବିଜୟ ସେତୁପତି ଆଦିଙ୍କର ରେକର୍ଡ କାଟି ସବୁଠାରୁ ମହଙ୍ଗା ଭିଲେନ୍ ପାଲଟିଛନ୍ତି । ଫିଲ୍ମଟି ଆସନ୍ତା ୨୦୨୫ରେ ପରଦାକୁ ଆସିବ ବୋଲି ସୂଚନା ରହିଛି । ତେବେ ବର୍ତ୍ତମାନ ଫିଲ୍ମଟିର ସୁଟିଂ ଆରମ୍ଭ ହୋଇ ସାରିଛି । ରଣବୀର ଓ ସାଇପଲ୍ଲବୀଙ୍କୁ ରାମ ଓ ସୀତା ଭୂମିକାରେ ଦେଖିବାକୁ ଦର୍ଶକ ବେଶ୍ ଉତ୍ସୁକ ଅଛନ୍ତି ।

# ୧୨୩ ଫୁଟର ଦୋସା

ସାଧାରଣତଃ ଦୋସା ଖାଇବାକୁ ସମସ୍ତଙ୍କୁ ଖୁବ୍ ଭଲ ଲାଗେ । ହେଲେ କେବେ ୧୨୩ ଫୁଟ ଲମ୍ବବିଶିଷ୍ଟ ଦୋସା ଦେଖିଛନ୍ତି କି ? ଆଶ୍ଚର୍ଯ୍ୟ ଲାଗିଲେ ବି ସତ । ବେଙ୍ଗାଲୁରୁର ଏକ କମ୍ପାନୀ ନିଜର ୭୫ ଜଣ ସେଫ୍‌ଙ୍କ ଉଦ୍ୟମ ବଳରେ ୧୨୩ ଫୁଟ ଲମ୍ବର ଏକ ଦୋସା ପ୍ରସ୍ତୁତ କରି ଗିନିଜ୍ ବିଶ୍ୱ ରେକର୍ଡର ପୂର୍ବର ସମସ୍ତ ରେକର୍ଡକୁ ଭାଙ୍ଗିଛି । ଏହି ଦୋସାକୁ ପ୍ରସ୍ତୁତ କରିବାରେ ପ୍ରାୟ ୧୧୦ ଥର ବିଫଳ ହେବା ସତ୍ତ୍ୱେ ମଧ କମ୍ପାନୀର ସମସ୍ତ ସେଫ୍ ପଛଘୁଞ୍ଚା ଦେଇନଥିଲେ । ଯାହାଫଳରେ ବିଶ୍ୱର ସବୁଠୁ ବଡ଼ ଦୋସା ପ୍ରସ୍ତୁତ କରିବାର ଲକ୍ଷ୍ୟକୁ ଏମାନେ ହାସଲ କରିବାରେ ସକ୍ଷମ ହୋଇଛନ୍ତି । ରେଗି ମାଥ୍ୟୁ ନାମକ ଜଣେ ସେଫ୍ ନିକଟରେ ଇନ୍‌ଷ୍ଟାଗ୍ରାମ୍‌ରେ ଭିଡିଓ ପୋଷ୍ଟ କରି ବିଶ୍ୱର ସବୁଠୁ ଲମ୍ବା ଦୋସା ପ୍ରସ୍ତୁତ କରିଥିବା ଉଲ୍ଲେଖ କରିଛନ୍ତି । ଗତ ୧୫ ତାରିଖରେ ବେଙ୍ଗାଲୁରୁର ଏମ୍‌ଟିଆର୍ ଫ୍ୟାକ୍ଟ୍ରି ପକ୍ଷରୁ ଏହି ରେକର୍ଡ କରାଯାଇଛି । ଏହି ଦୋସାର ଲମ୍ବ ହେଉଛି ୧୨୩.୦୩ ଫୁଟ । ତେବେ ଏହାକୁ ପ୍ରସ୍ତୁତ କରିବା ଲାଗି ଫ୍ୟାକ୍ଟ୍ରିର ସମସ୍ତ ସେଫ୍‌ଙ୍କ ବ୍ୟତୀତ ହୋଟେଲ ମ୍ୟାନେଜମେଣ୍ଟ ସହ ଜଡ଼ିତ ଲୋକଙ୍କର ମଧ ସହଯୋଗ ରହିଛି ବୋଲି ମାଥ୍ୟୁ କହିଛନ୍ତି । ଭିଡିଓ ପୋଷ୍ଟ କରିବା ପରଠାରୁ ସୋସିଆଲ୍ ମିଡିଆ ୟୁଜର୍ସ ମାଥ୍ୟୁ ଓ ତାଙ୍କ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି ।



# ପରକୀୟା ପ୍ରୀତିରୁ ସ୍ୱାମୀ ହତ୍ୟା, ୧୦ ଗିରଫ



ଭୁବନେଶ୍ୱର, (ସବ୍ୟୁ) : ସ୍ତ୍ରୀ ସହ ପରକୀୟା ପ୍ରୀତିରେ ଲିପ୍ତ ଥିବା ଜଣେ ସମ୍ପର୍କୀୟ ଦିଅରଙ୍କ ସହ ସ୍ୱାମୀର ଗଣ୍ଡଗୋଳ ହେବା ସହ ସମାଧାନ ହୋଇଥିଲା । ପୁଣି ୧୭ ତାରିଖ ସନ୍ଧ୍ୟାବେଳେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ସ୍ୱାମୀ ଅକ୍ଷୟ ମାଝୀଙ୍କୁ ମିଳିତ ଭାବେ ହତ୍ୟା କରିଥିଲେ ଦିଲୁ ଭୋଇ ସମ୍ପର୍କୀୟମାନେ । ଅକ୍ଷୟଙ୍କ ସ୍ତ୍ରୀ ଶ୍ରାବଣୀ ମାଝୀ (୨୫) ବାଲିପାଟଣା ଥାନାରେ ଏତଲା କରିବା ପରେ ପୋଲିସ ଷଡଯନ୍ତ୍ର ଓ ହତ୍ୟା ଦଫାରେ ୧୦ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

ବାଲିପାଟଣା ଥାନା ଅଧୀନ ମଝିହରା ସାହିରେ ଶ୍ରାବଣୀ ମାଝୀ ଓ ଅକ୍ଷୟ ମାଝୀ ରହୁଥିବା ବେଳେ ସେହି ଗାଁର ପଲେଇ ସାହିରେ ଦିଲୁ ଭୋଇର ଘର । ଦିଲୁ ଭୋଇ ଶ୍ରାବଣୀଙ୍କ ସହ ପରକୀୟା ପ୍ରୀତି ସମ୍ପର୍କ ସ୍ଥାପନ କରି ବାରମ୍ବାର ମେସେଜ୍, ଭିଡିଓ କଲ ଓ ଫୋନ୍ କରିବାକୁ ନେଇ ଦିଲୁ ଓ ଶ୍ରାବଣୀଙ୍କ ସ୍ୱାମୀ ଅକ୍ଷୟଙ୍କ ମଧ୍ୟରେ ଦୁଇ ତିନିଥର କଳିଝଗଡା ହୋଇଛି । ଚଳିତ ମାସ ୪ ତାରିଖରେ ଉଭୟଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ବାଳକାଟି ଫାଣ୍ଡିରେ ସମାଧାନ କରାଯାଇଥିଲା । ଉଭୟ ଅଣ୍ଡରଟେକିଂ ଲେଖିଥିଲେ ପରସ୍ପର ମଧ୍ୟରେ ଆଉ କଳିଝଗଡା କରିବେ ନାହିଁ । ହେଲେ ୧୭ ତାରିଖ ସନ୍ଧ୍ୟାରେ ମଝିହରା ସାହିରେ ଥିବା ମନ୍ଦିର ପାଖରେ ଅକ୍ଷୟ ବସିଥିବା ବେଳେ ଦିଲୁ ଭୋଇ ସେହି ବାଟରେ ଆସିଥିଲା । ଅକ୍ଷୟ ତାକୁ ପୁଣି କାହିଁକି ମୋ ସ୍ତ୍ରୀ ପାଖକୁ ମେସେଜ କରୁଛୁ ବୋଲି କହି ଧକ୍କା ମାରିଥିଲା । ଏହି ସମୟରେ ଦିଲୁ ଚିଲ୍ଲେଇ ଅନ୍ୟମାନଙ୍କୁ ଡାକିବାରୁ ତା'ର ବାପା ଓ ସାହିର କେତେକ ସହଯୋଗୀ ଆସିଥିଲେ । ଅକ୍ଷୟ ଗାଡିରେ ରଖିଥିବା ଏକ ତରୱାଲରେ ସେମାନଙ୍କୁ ହାଣିବାକୁ ଉଦ୍ୟମ କରିବା ବେଳେ ତାହା ହାତରୁ ଖସିପଡିଥିଲା । ଏହି ସୁଯୋଗରେ ଦିଲୁର ବାପା ତରୱାଲକୁ ନେଇ ଅକ୍ଷୟକୁ ବାରମ୍ବାର ହାଣିଥିଲା । ସନ୍ଧ୍ୟା ୭ଟା ବେଳୁ ସେଠାରେ ସେ ଗୁରୁତର ହୋଇ ପଡିଥିବା ବେଳେ ପୋଲିସ ଖବର ପାଇ ରାତି ୧୦ଟାରେ ପହଞ୍ଚିଥିଲା ।

ଗୁରୁତର ଅବସ୍ଥାରେ ଅକ୍ଷୟକୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ଓ ପରେ ବେସରକାରୀ ହସ୍ପିଟାଲକୁ ନିଆଯାଇଥିଲେ ମଧ ତା'ର ମୃତ୍ୟୁ ହୋଇଥିଲା । ସ୍ତ୍ରୀ ଶ୍ରାବଣୀ ଏତଲାକୁ ଭିତ୍ତିକରି ପୋଲିସ ହତ୍ୟା ଓ ଷଡଯନ୍ତ୍ର ମାମଲା ରୁଜୁ କରି ତଦନ୍ତ କରିବା ସହ ୧୦ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ଗିରଫ ୧୦ଜଣ ହେଲେ ବଳରାମ ପଲେଇ, ସୁନୀଲ ପଲେଇ, ବିଦେଶୀ ପଲେଇ, ବିକାଶ ପଲେଇ, ନବକିଶୋର ପଲେଇ, କେଦାରନାଥ ପଲେଇ, କାଳନ୍ଦୀ ପଲେଇ, ସଂଯୁକ୍ତା ପଲେଇ, ରମାମଣି ପଲେଇ, କାଳନ୍ଦୀ ଭୋଇ । ଏମାନଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ମୁଖ୍ୟ ଅଭିଯୁକ୍ତ ଦିଲୁ ଭୋଇକୁ ପୋଲିସ ଗିରଫ କରିବା ପାଇଁ ସମ୍ପର୍କୀୟଙ୍କ ଘରେ ଓ ଅନ୍ୟାନ୍ୟ ସ୍ଥାନରେ ଛାନ୍‌ଭିନ୍ କରୁଛି ।

### ଦିନିକିଆ ଓଡିଶା ଗସ୍ତରେ ଛତିଶଗଡ ଉପମୁଖ୍ୟମନ୍ତ୍ରୀ

# ଓଡ଼ିଶାର ବିକାଶ ପାଇଁ ମୋଦି ସରକାର ସଂକଳ୍ପବଦ୍ଧ : ବିଜୟ ଶର୍ମା

ଭୁବନେଶ୍ୱର (ସବ୍ୟୁ): ମୋଦି ସରକାର ଓଡ଼ିଶାର ବିକାଶ ପାଇଁ ସଂକଳ୍ପବଦ୍ଧ। ଓଡ଼ିଶାର ବିକାଶ ପାଇଁ ମୋଦି ସରକାର ଓଡ଼ିଶାକୁ ୧୮ଲକ୍ଷ ୮୩ହଜାର କୋଟି ଟଙ୍କା ଦେଇଛନ୍ତି ହେଲେ ରାଜ୍ୟ ସରକାର ତାହାକୁ ବିକାଶ କାମରେ ଲଗାଇବାରେ ବିଫଳ ହୋଇଛନ୍ତି । ଓଡ଼ିଶାର ଜନତା ତଥା ନବରଙ୍ଗପୁରବାସୀଙ୍କୁ ସେମାନଙ୍କ ଅଧିକାର ପାଇବାରୁ ବଂଚିତ କରିଛନ୍ତି । ଗରିବ, କୃଷକ, ମହିଳା, ଯୁବକମାନଙ୍କ ଆର୍ଥିକ ବିକାଶ ପାଇଁ ମୋଦି ସରକାର ଯୋଜନା ପ୍ରସ୍ତୁତ କରୁଥିବାବେଳେ ରାଜ୍ୟ ସରକାର ସେଥିରୁ ସେମାନଙ୍କୁ ବଞ୍ଚିତ କରୁଛନ୍ତି । କୃଷକଙ୍କ ଉନ୍ନତୀ ପାଇଁ ମୋଦି ସରକାର ଜଳସେଚନର ବ୍ୟବସ୍ଥା କରିଥିବାବେଳେ ନବରଙ୍ଗପୁର ଚାଷୀ ଏଯାଏଁ ସେ ସୁବିଧାରୁ ବଂଚିତ ହୋଇଛନ୍ତି । ସେହିପରି ସ୍ଥାନୀୟ ଜିଲ୍ଲାର ମକା ଚାଷୀ ସେମାନଙ୍କ କଷ୍ଟ ଉତ୍ପାଦିତ ମକାର ଅଭାବି ବିକ୍ରି କରୁଛନ୍ତି । ଜିଲ୍ଲାରେ ଉଚିତ ମୂଲ୍ୟ ମିଳୁନଥିବାରୁ ପଡୋଶୀ ରାଜ୍ୟ ଛତିଶଗଡକୁ ଯାଇ ମକା ବିକ୍ରି କରୁଛନ୍ତି । ଏହିପରି ଦେଖିବାକୁ ଗଲେ ଚାଷୀଙ୍କ ପାଇଁ କୌଣସି ସୁବିଧା ୨୪ବର୍ଷ ଶାସନରେ ରାଜ୍ୟ ସରକାର କରିନାହାନ୍ତି । ସେହିପରି ନବରଙ୍ଗପୁରରେ ଇଥାନଲ୍ ପ୍ଲାଂଟ ପ୍ରତିଷ୍ଠା ପାଇଁ ମୋଦି ସରକାର ୫ଶହ କୋଟି ଟଙ୍କାର ଅନୁଦାନ ଦେଇଛନ୍ତି କିନ୍ତୁ ରାଜ୍ୟ ସରକାର ସେଥିପାଇଁ ଜମି ଯୋଗାଇ ଦେଇନାହାନ୍ତି । ଜମିଅଧିଗ୍ରହଣରେ



ବିଳମ୍ବ ହେବା କାରଣରୁ ଜିଲ୍ଲାରେ ରେଳ ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ ହୋଇଛି ବୋଲି ଛତିଶଗଡ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ନବରଙ୍ଗପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ପ୍ରତି କ୍ଷୋଭ ପ୍ରକାଶ କରି କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୧୦ ବର୍ଷର ଉପଲବ୍ଧିକୁ ନବରଙ୍ଗପୁର ଜିଲ୍ଲାର ଉମରକୋଟରେ ଲାଭାର୍ଥୀ ସମ୍ମିଳନୀ, ଘର ଘର ଜନସଂପର୍କ, ବଣିକ ସଂଘ ସଦସ୍ୟଙ୍କ ବୈଠକ କରି ଜନତାଙ୍କୁ ସଚେତନ କରାଇବା ଓ ନିର୍ବାଚନ ଅଭିଯାନକୁ ଗତିଶୀଳ କରିବା ପାଇଁ ନବରଙ୍ଗପୁର ଜିଲ୍ଲାର ଉମରକୋଟକୁ ଦିନିକିଆ ଗସ୍ତରେ ଆସିଥିଲେ । 'ବିକଶିତ ଭାରତ' ଗଠନ ଲକ୍ଷ୍ୟରେ ଜନପରାମର୍ଶ ଓ ଜନସହଯୋଗ ପାଇଁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ମୋଦିଜୀ ଦେଇଥିବା ଚିଠିକୁ ରାଜ୍ୟର ୧ କୋଟି ପରିବାର ପାଖରେ ପହଂଚାଇବାକୁ ସେ ନବରଙ୍ଗପୁରବାସୀଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ ଓ ବଳଭଦ୍ର ମାଝୀ, ରାଜ୍ୟ ସମ୍ପାଦକ ରମେଶ ସାହୁ, ନବରଙ୍ଗପୁର ଜିଲ୍ଲା ସଭାପତି ଜଗଦିଶ୍ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

### କେନ୍ଦୁଝର କଂଗ୍ରେସ ନେତାଙ୍କୁ ସଂଘବଦ୍ଧ ହତ୍ୟା ଘଟଣା

# ଫାଶୀଦଣ୍ଡ ଆଦେଶ ବିରୋଧରେ ହାଇକୋର୍ଟରେ ଆସାମୀ

କଟକ (ସବ୍ୟୁ) କେନ୍ଦୁଝରର ବହୁଚର୍ଚ୍ଚିତ କଂଗ୍ରେସ୍ ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା ଙ୍କୁ ସଂଘବଦ୍ଧ ହୋଇ ଆକ୍ରମଣ ଘଟଣାର ନିମ୍ନାଦାଲତରେ ଫାଶୀଦଣ୍ଡ ପାଇଥିବା ୫ଜଣ ଆସାମୀଙ୍କ ଦଣ୍ଡାଦେଶ ରେ ମୋହର ମାରିବା ଲାଗି ରାଜ୍ୟସରକାର ହାଇକୋର୍ଟ ଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାର ଶୁଣାଣୀ ବେଳେ ଆସାମୀ ଙ୍କ ପକ୍ଷରୁ ଆଇନଜୀବି ଦେବାଶିଷ ପଣ୍ଡା ୱାକଲତନାମା ଦାଖଲ ପାଇଁ ଦୁଇ ସପ୍ତାହ ମହଲତ ଲୋଡିଥିଲେ । ଦେବ୍ରତ ଦାସ ଓ ବିଚାରପତି ଭି ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର ଦୁଇ ସପ୍ତାହ ପରେ ହେବାକୁ ଦିନ ଧାର୍ଯ୍ୟ କରିଛନ୍ତି । ୨୦୧୯ ମସିହା ମାର୍ଚ୍ଚ ୨୫ ତାରିଖରେ ଘଷିପୁରା ଥାନା ଅନ୍ତର୍ଗତ କେନ୍ଦୁଝର ଜିଲ୍ଲାର କଂଗ୍ରେସ୍ ନେତା ରାମଚନ୍ଦ୍ର ବେହେରା ଙ୍କୁ ତାଙ୍କ ଝିଅ ସାମ୍ନାରେ ଗୋଡେଇ ଗୋଡେଇ ସେହି ଅଞ୍ଚଳର ସଞ୍ଜୀବ, ଅଜି, ଅରୁଣ, ଅଲେଖ ପୃଷ୍ଟି ଙ୍କ ସହ ପୂର୍ଣ୍ଣଚନ୍ଦ୍ର ବୋଇତି ମିଶି ହାଣି ଅତି ନିର୍ମମ ଭାବରେ ହତ୍ୟା କରିଥଲେ । ଏପରିକି ଏହି ପାଞ୍ଚ ଜଣ ଅପରାଧି ରାମଚନ୍ଦ୍ର ଙ୍କ ଗୋଡ ପାପୁଲି ଓ ଗୋଟାଏ ହାତ କୁ କାଟି ନେଇ ସର୍ବସାଧାରଣରେ ଲଟକାଇ ଦେଇଥିଲେ । ପୋଲିସ୍ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମାମଲାର ଶୁଣାଣୀ ଆନନ୍ଦପୁର ସେସନ୍ ଜଜ୍ ଅଦାଲତରେ ବିଚାର ହୋଇ ଉପରୋକ୍ତ ପାଞ୍ଚ ଜଣଙ୍କୁ ଚଳିତ ମାସ ୬ ତାରିଖରେ ଫାଶୀ ଦଣ୍ଡାଦେଶ ଦିଆଯାଇଥିଲା । ଏହି ଦଣ୍ଡାଦେଶରେ ମୋହର ମାରିବା ଲାଗି ରାଜ୍ୟସରକାର ହାଇକୋର୍ଟ ଙ୍କ ଦ୍ୱାରସ୍ଥ ହୋଇଥିଲେ । ମଙ୍ଗଳବାର ଏହି ମାମଲାର ପ୍ରାଥମିକ ଶୁଣାଣୀ ହୋଇଛି ।

# ପ୍ରଥମ ଜାତୀୟ ଲୋକ ଅଦାଲତ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ହାଇକୋର୍ଟ ଆଇନସେବା କମିଟିଙ୍କ ତତ୍ତ୍ୱାବଧାନରେ ପ୍ରଥମ ଜାତୀୟ ଲୋକଅଦାଲତ ୧୭ ମାର୍ଚ୍ଚ ୨୦୨୪ରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ହାଇକୋର୍ଟଙ୍କ ପ୍ରଧାନ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ, ଡକ୍ଟର ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଜଷ୍ଟିସ ଅରିନ୍ଦମ ସିହ୍ନା ବିଚାରପତିମାନଙ୍କ ମାର୍ଗଦର୍ଶନରେ ଏହି ପ୍ରଥମ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଡକ୍ଟର ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ, ଜଷ୍ଟିସ୍ ମିସ୍ ଏସ୍. ରଥୋ, ଜଷ୍ଟିସ୍ ଏମ୍.ଏସ୍. ସାହୁ, ଜଷ୍ଟିସ୍ ଏ.କେ. ମହାପାତ୍ର, ଜଷ୍ଟିସ ଭି. ନରସିଂହ, ଜଷ୍ଟିସ ବି.ପି. ଶତପଥୀ, ଜଷ୍ଟିସ ଏମ୍.ଏସ୍. ରମଣ, ଜଷ୍ଟିସ ଜି. ଶତପଥୀ ଏବଂ ଜଷ୍ଟିସ ଏସ୍.ଏସ୍ ମିଶ୍ର, ହାଇକୋର୍ଟଙ୍କ ବିଚାରପତିମାନେ ବିଭିନ୍ନ ଲୋକ ଅଦାଲତ ବେଞ୍ଚରେ ସଭାପତିତ୍ୱ କରିଥିଲେ । ଏହି ଜାତୀୟ ଲୋକଅଦାଲତରେ ୧୩୩ଟି ମାମଲାର ସମାଧାନ କରାଯାଇଥିଲା । ଯେଉଁଥିରେ ବୀମା ଦାବି କେସ୍, ଏନ୍.ଆଇ. ଆକ୍ଟ ଅଧିନ ୧୩୮ ବିଷୟ, ବ୍ୟାଙ୍କର ସରଫାଇସ୍ ଆଇନ, ଅପରାଧ କମ୍ପାଉଣ୍ଡେବୁଲ୍ ବିଷୟ ଏବଂ ଅନ୍ୟାନ୍ୟ ବିଷୟଗୁଡ଼ିକ ସମାଧାନ କରାଯାଇଥିଲା । ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଯଥା ନ୍ୟାସନାଲ ଇନ୍‌ସ୍ୟୁରାନ୍ସ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ, ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସ, ୟୁନାଇଟେଡ୍ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ, କେତେକ ବେସରକାରୀ ଇନ୍‌ସ୍ୟୁରାନ୍ସ କମ୍ପାନୀ, ବହୁ ବ୍ୟାଙ୍କ ଅଫିସର, ଜମି ଅଧିଗ୍ରହଣ ଅଧିକାରୀ ଏବଂ ବିଦ୍ୟୁତ ବିଭାଗ ଅଫିସରମାନେ ଏହି ଜାତୀୟ ଲୋକ ଅଦାଲତରେ ଅଂଶଗ୍ରହଣ କରିଥିଲେ । ଏହି ଅଦାଲତରେ ୯ କୋଟି ୧୫ ଲକ୍ଷ ୯୪ ହଜାର ୨୦୦ ଟଙ୍କାର ଅର୍ଥରାଶି କ୍ଷତିପୂରଣ ବାବଦକୁ ପ୍ରଦାନ କରାଯାଇଥିଲା ।

# ପାରାଦୀପ ବ୍ଲାକ ରୋଜ ବୁଡି ପ୍ରସଙ୍ଗରେ ସତ୍ୟପାଠ

## ପୂର୍ବରୁ ୨ଥର ତଦନ୍ତ ଅନୁମତି ମାଗିଛୁ : ସିବିଆଇ

କଟକ (ସବ୍ୟୁ): ପାରାଦୀପ ବ୍ଲାକ ରୋଜ ବୁଡି ପ୍ରସଙ୍ଗ ରେ ଆଜି ସିବିଆଇ ତାର ପକ୍ଷ ରଖିଛି । ପୁର୍ବରୁ ଏହି ଘଟଣାର ତଦନ୍ତ ପାଇଁ ସିବିଆଇ ଦୁଇଥର ରାଜ୍ୟ ସରକାରଙ୍କ ଅନୁମତି ମାଗିଛି ବୋଲି ଅଦାଲତଙ୍କୁ ଅବଗତ କରାଇଥିଲା । ୨୦୧୯ ମସିହା ସେପ୍ଟେମ୍ବର ୩୦ ଓ ଡିସେମ୍ବର ୯ ତାରିଖରେ ଘଟଣାର ତଦନ୍ତ ପାଇଁ ଦୁଇଥର ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅନୁମତି ମାଗିଛୁ ବୋଲି ଆଜି ସିବିଆଇ ସତ୍ୟପାଠରେ ହାଇକୋର୍ଟଙ୍କୁ ଅବଗତ କରାଇଛି । ତେବେ ଏହାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଛିଛ ଯେହେତୁ ଏଥିରେ ସିବିଆଇକୁ ଅଦାଲତ ପକ୍ଷରୁ କୌଣସି ନୋଟିସ ହୋଇନାହିଁ ତେଣୁ ସେମାନେ କେଉଁ ଆଧାରରେ ସତ୍ୟପାଠ ଦାଖଲ କଲେ ବୋଲି ରାଜ୍ୟ ସରକାର ପ୍ରଶ୍ନ ଉଠାଇଛନ୍ତି । ଆବେଦନକାରୀ ପ୍ରଦୀପ ପ୍ରଧାନଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରି ଶରଣ ସିଂ ଓ ବିଚାରପତି ଏମ୍ .ଏସ. ଶରଣ ମାମଲାକୁ ବିଚାର ପାଇଁ ଗ୍ରହଣ କରି ପରବର୍ତ୍ତୀ ଶୁଣାଣୀ ଏପ୍ରିଲ ୨ କୁ ଧାର୍ଯ୍ୟ କରିଛନ୍ତି । ୨୦୦୯ ମସିହାରେ ଏକ ମଙ୍ଗୋଲିଆ ଜାହାଜ ପାରାଦ୍ୱୀପ ଠାରେ ବୁଡିଯାଇଥିଲା । ବ୍ଲାକ ରୋଜ ନାମକ ଏହି ଜାହାଜ ଟି କିପରି ବାହାର ଦେଶରୁ ଆମ ବନ୍ଦର ଭିତରକୁ ପଶିଆସିଲା, ଏଥିରେ କଣ ପରିବହନ ହେଉଥିଲା , ବିନା ଅନୁମତିରେ କିପରି ପାରାଦ୍ୱୀପ ବନ୍ଦରକୁ ପ୍ରବେଶ କଲା, କେଉଁ କାରଣରୁ ଜାହାଜଟି ମଝି ସମୁଦ୍ରରେ ବୁଡିଯାଇଥିଲା ତାର ରହସ୍ୟ ଉପରୁ ପରଦା ହଟାଇ ପ୍ରକୃତ ତଥ୍ୟ ପଦାକୁ ଆଣିବାକୁ ସିବିଆଇ ତଦନ୍ତ ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# କାଞ୍ଜିଆ ହ୍ରଦରେ ଖସିପଡ଼ିଲା ରୋପୱେ

ବାରଙ୍ଗ, (ସବ୍ୟୁ) : ମଙ୍ଗଳବାର ଦୀର୍ଘ ଦିନ ବ୍ୟବଧାନ ପରେ ପୁଣି ରୋପୱେ ଚାଲୁଥିବା ସମୟରେ କାଞ୍ଜିଆ ହ୍ରଦରେ ରେ ଖସିପଡ଼ିଛି। ଗୋଟିଏ ବଗି ତାର ସହ ଖସିପଡ଼ି କାଞ୍ଜିଆ ହ୍ରଦରେ ପଡିଥିଲା । ହେଲେ ବଗିରେ କେହି ପର୍ଯ୍ୟଟକ ବସିନଥିବା ଜଣାପଡିଛି । ଏଠାରେ ପ୍ରଶ୍ନ ଉଠେ, ଯଦି ଏହି ବଗି ରେ ପର୍ଯ୍ୟଟକ ବସିଥାନ୍ତେ ଆଉ ଦୁର୍ଘଟଣା ଘଟିଥାନ୍ତା ଏଥିପାଇଁ କିଏ ଦାୟୀ ରହିଥାନ୍ତେ । ନନ୍ଦନକାନନ କର୍ତ୍ତୁପକ୍ଷ ନା ଠିକା ନେଇଥିବା ସଂସ୍ଥା ।ସୂଚନା ଯୋଗ୍ୟ ଯେ , ମଙ୍ଗଳବାର ଦିନ ସକାଳ ୯ ଟା ସମୟରେ ରୋପୱେ କୁ ଠିକା ନେଇଥିବା ସଂସ୍ଥା ରୋପୱେ ର ଟିକେଟ କାଉଣ୍ଟର ଖୋଲାଯିବା ପରେ ରୋପୱେ କୁ ଟ୍ରାଲ୍ କରୁଥିବା ସମୟରେ ହଠାତ୍ କାଞ୍ଜିଆ ହ୍ରଦମଝିରେ ରୋପୱେ ଟ୍ରାକ ରୁ ଖସିପଡ଼ିଥିଲା। କାଞ୍ଜିଆ ରେ ଚାଲୁଥିବା ବୋଟିଂ ପାଇଁ ପୋତା ହୋଇଥିବା ବାଉଁଶ କୁ ଭାଙ୍ଗି ତାର ସହ ବଗି ଝୁଲି ରହିଥିଲା । ହେଲେ ଏହି ବଗି କେହି ବସିନଥିବା ବେଳେ ଏହି ଖବର ପାଇ ପାଣି ରୁ ବଗିକୁ କଢା ଯାଇଥିଲା । ପରେ ରୋପୱେ ଟିକେଟ କାଉଣ୍ଟର ବନ୍ଦ କରାଯାଇଥିଲା। ପ୍ରକାଶ ଥାଉକି ଯେ , ପୂର୍ବରୁ ରାଜ୍ୟସରକାର ୧୯୮୮ରେ ରୋପୱେ ନିର୍ମାଣ ପାଇଁ ଭୂମିପୂଜନ କରିଥିଲେ।୧୯୯୪ ମସିହା ଅକ୍ଟୋବର ମାସ ୧୦ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଚୁକ୍ତି ମୁତାବକ ୨୦୧୦ମସିହା ପର୍ଯ୍ୟନ୍ତ ଠିକ୍ ଠାକ୍ ଚାଲିଥିଲା । ହେଲେ ପ୍ରଥମ କରି ୨୦୧୦ମସିହା ଅକ୍ଟୋବର ମାସରେ ରୋପେ ୱେ ଚାଲୁଥିବା ସମୟରେ ବଡ ଧରଣର ଦୁର୍ଘଟଣା ଘଟିଥିଲା ।ପୁଣି ୨୦୧୧ମସିହା ଜାନୁୟାରୀ ମାସରେ ମଧ୍ୟ ପୁନର୍ବାର ଦୁର୍ଘଟଣା ଘଟିଥିଲା । ସେହି ବର୍ଷ ଫେବୃଆରୀ ମାସ ରେ ଅସୁରକ୍ଷିତ ଘୋଷଣା କରି ରୋପ୍ ୱେ କୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା । ପୁଣି ଚାଲୁ କରିବା ପାଇଁ ଦାବି ହେବା ପରେ ୨୦୧୬ ମସିହା ଅଗଷ୍ଟ ମାସରେ କଲିକତା ର ଦାମୋଦର ରୋପ୍ ୱେ ଇନ୍ ଫ୍ରା ଲିମିଟେଡ କୁ କାର୍ଯ୍ୟାଦେଶ ଦିଆଯାଇଥିଲା । ତେବେ ରୋପୱେର ନିର୍ମାଣ, ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ଦାମୋଦର ରୋପୱେଜ ଇନଫ୍ରା ଲିମିଟେଡ ୨୦୨୧ରେ ନନ୍ଦନକାନନ ପକ୍ଷରୁ ଚୁକ୍ତିନାମା କରାଯାଇଥିଲା । ରୋପୱେ ଚାଲିବା ପୂର୍ବରୁ ୨୦୨୩ ମସିହା ଜୁନମାସ ୧୩ତାରିଖରେ ରୋପୱେ ଭିସିବି ୟୁନିଟ୍ ପରୀକ୍ଷାବେଳେ ବିଦ୍ୟୁତ୍ ଟ୍ରାନ୍ସଫରର୍ମର ଫାଟି ୩ଜଣ ଗୁରୁତର ଆହତ ହୋଇଥିଲେଛସେହି ଦିନ ଠାରୁ ରୋପୱେ କାର୍ଯ୍ୟ ଉପରେ ଅଙ୍କୁଶ ଲାଗିଥିଲା।ତେବେ ରୋପୱେ ପ୍ରଚଳନ ସମୟରେ କୌଣସି ଦୁର୍ଘଟଣା ଘଟିଲେ କିପରି ମୁକାବିଲା କରାଯିବ ସେ ନେଇ ନନ୍ଦନକାନନ କର୍ତ୍ତୁପକ୍ଷଙ୍କ ଉପସ୍ଥିତିରେ ନେଇଥିବା ସଂସ୍ଥା ପକ୍ଷରୁ ମକଡ୍ରିଲ କରାଯାଇଥିଲା ।ଏହାପରେ ନେଇଥିବା ସଂସ୍ଥାକୁ ରୋପୱେ ପ୍ରଚଳନ ପାଇଁ ନନ୍ଦନକାନନ ପକ୍ଷରୁ ସୀକୃତି ମିଳିଥିଲା । ତେବେ ଆଜିର ଅଘଟଣ କୁ ନେଇ କିଛି ପର୍ଯ୍ୟଟକ ଏହା ଅସୁରକ୍ଷିତ ବୋଲି କହିଥିବା ବେଳେ କିଛି ପର୍ଯ୍ୟଟକ ରୋପୱେ ବନ୍ଦ ରହିଥିବାରୁ ନିରାଶ ରେ ଫେରିଥିବା ଜଣାପଡିଛି । ଏନେଇ କର୍ତ୍ତୁପକ୍ଷ ଏହା ଅଘଟଣ ନୁହେଁ ଏହା ଟ୍ରାଲ କରାଯାଉଥିବା ସମୟରେ ଘଟିଛି ବୋଲି ସଫେଇ ଦେଇ କହିଛନ୍ତି ।ତେବେ ଆଗାମୀ ଦିନରେ ରୋପୱେ ରେ ପର୍ଯ୍ୟଟକ ବୁଲୁଥିବା ସମୟରେ ଏଭଳି ଘଟଣା ଘଟେ ଏଥିପାଇଁ ଦାୟୀ କିଏ ରହିବ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ହେଟାବାଘ ଅସୁସ୍ଥ

ବାରଙ୍ଗ , (ସବ୍ୟୁ) : ନନ୍ଦନକାନନ ପ୍ରାଣୀ ଉଦ୍ୟାନ ର ୨୫ ନମ୍ବର ଖୁଆଡ ରେ ରହୁଥିବା ଗୋଟିଏ ଅଣ୍ଡିରା ହେଟା ବାଘ ଅସୁସ୍ଥ ହୋଇଥିବା ଜଣାପଡିଛି । ବାଘ ଟି ଠିକ୍ ସେ ଖିଆ ପିଆ କରୁନଥିବା ବେଳେ ଗୋଟିଏ ସ୍ଥାନରେ ପଡି ରହୁଥିଲା। ଖୁଆଡ୍ ରେ କାମ କରୁଥିବା କର୍ମଚାରୀ ଦେଖି କର୍ତ୍ତୁପକ୍ଷ ଙ୍କୁ ଖବର ଜଣାଇଥିଲେ । କର୍ତ୍ତୁପକ୍ଷ ଏହି ହେଟା ବାଘ କୁ ପ୍ରାଣୀ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଯାଇ ଡାକ୍ତରଙ୍କ ନଜର ବନ୍ଦିରେ ରଖାଯାଇଥିବା ସୂଚନା ମିଳିଛି ।ଏବେ ପ୍ରାଣୀ ଉଦ୍ୟାନ ରେ ୫ ଟି ହେଟା ବାଘ ଅଛନ୍ତି।

# ଆଉ ୨୪ ଘଣ୍ଟା ବର୍ଷା, ତାତିରୁ ଦେଲା ଆଶ୍ୱସ୍ତି

ଭୁବନେଶ୍ୱର(ସବ୍ୟୁ): ସକାଳୁ ଆକାଶ ମେଘୁଆ । ଦିନ ସାରା କୋହଲା ପାଗ । ଭୁବନେଶ୍ୱରରେ ଦିନ ସାଢ଼େ ୧ଟାରେ ଆରମ୍ଭ ହେଲା ବର୍ଷା ଯେ ଛାଡ଼ିବାକୁ ନାଁ ଧରିଲାନି । ଭୁବନେଶ୍ୱର ସମେତ ଅନେକ ସ୍ଥାନରେ ପ୍ରବଳ ବର୍ଷା ହୋଇଛି । ଡୁହାକୁ ଡୁହା ବର୍ଷା ତାତିରୁ ଦେଇଛି ଆଶ୍ୱସ୍ତି । ଆସନ୍ତାକାଲି(ବୁଧବାର) ଯାଏ ରାଜ୍ୟରେ ବର୍ଷା ଲାଗି ରହିପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଭାଗର କହିବାନୁସାରେ, ନିମ୍ନଚାପ ଓ ଗୁରୁଚାପବଳୟ ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଲାଗି ରହିଛି । ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ କାଳବୈଶାଖୀର ପ୍ରଭାବ ରହିବାର ସମ୍ଭାବନା ରହିଛି । ଗତକାଲି ଠାରୁ ଉତ୍ତର ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛିଛ ବିଳମ୍ବିତ ରାତିରେ ଭଦ୍ରକ, କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, ସମ୍ବଲପୁର, ସୁବର୍ଣ୍ଣପୁର, ଅନୁଗୁଳ, ଢେଙ୍କାନାଳ ଜିଲ୍ଲାରେ ବର୍ଷା ଲାଗିରହିଛି । ଯାଜପୁରରେ ୫୨.୨ ମିଲିମିଟର ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି । ଢେଙ୍କାନାଳରେ ୨୧ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି । ରାଜ୍ୟର ମଧ ଭାଗରେ ଥିବା ଜିଲ୍ଲାଗୁଡିକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି ।



ଅନୁମାନ କରାଯାଉଛି, ଘଣ୍ଟା ପ୍ରତି ପବନର ବେଗ ୪୦ ରୁ ୫୦ କିମି ରହିବ । ସର୍ବାଧିକ ୫୫ କିଲୋମିଟର ପର୍ଯ୍ୟନ୍ତ ରହିବା ନେଇ ଆକଳନ କରାଯାଇଛି ।

ଆସନ୍ତାକାଲି (ବୁଧବାର) ଦକ୍ଷିଣ ଉପକୂଳବର୍ତ୍ତୀ ଓଡ଼ିଶା ଜିଲ୍ଲା ସହ ପାର୍ଶ୍ୱବର୍ତ୍ତୀ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । ୫ ଡିଗ୍ରୀ ତାପମାତ୍ରା ଖସିବା ନେଇ ପାଣିପାଗ ବିଜ୍ଞାନୀ ଅନୁମାନ କରୁଛନ୍ତି । ୨୨ ତାରିଖ ଠାରୁ ତାପମାତ୍ରା ଧୀରେଧୀରେ ବୃଦ୍ଧି ହେବାର ସମ୍ଭାବନା ରହିଛି । ଏହି ଭଳି ପ୍ରଭାବ ୩ ଦିନ ରହିବ ତା ପରେ ପାଗ ଶୁଖିଲା ହେବାର ସମ୍ଭାବନା ରହିଛି । ତା'ପରେ ୨୨ରୁ ୨୮ ତାରିଖ ପରେ କିଛି ଜିଲ୍ଲାରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ସ୍ୱାଭାବିକ ଭାବରେ ବୃଦ୍ଧି ହେବାର ସମ୍ଭାବନା ରହିଛି।

ଆଭ୍ୟନ୍ତରୀଣ ଜିଲ୍ଲା ଭିତରେ ବୌଦ୍ଧ, ନୟାଗଡ଼, କନ୍ଧମାଳ କଳାହାଣ୍ଡି ପରି ଜିଲାଗୁଡିକରେ କୁଆପଥର ମାଡ ହେବାର ସମ୍ଭାବନା ରହିଛି। ଭାରି ବର୍ଷା ପାଇଁ ମୁଖ୍ୟତଃ ଢେଙ୍କାନାଳ, ଗଞ୍ଜାମ, କଟକ , ନୟାଗଡ଼ ଏ ସବୁ ଜିଲ୍ଲା ପ୍ରଭାବିତ ହେବ । ଯେହେତୁ କୁଆପଥର ମାଡ଼ ହେବାର ସମ୍ଭାବନା ରହିଛି ତେଣୁ ରବି ଫସଲ ଓ ପରିବା କ୍ଷତି ହେବାର ଆଶଙ୍କା କରାଯାଇଛି । ଚାଷୀ ଭାଇମାନେ ଫସଲ ଓ ପରିବାର ସୁରକ୍ଷା ପାଇଁ ଜାଲି ବ୍ୟବହାର କରିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ଏମ୍‌ଏସ୍‌ଏମ୍‌ଇ ପ୍ରସଙ୍ଗରେ ଟାଉନ୍ ହଲ ବୈଠକ

ଭୁବନେଶ୍ୱର (ସବ୍ୟୁ) : ସୁକ୍ଷ୍ମ ଏବଂ ଲଘୁ ଉଦ୍ୟୋଗୀମାନଙ୍କ ନିକଟରେ ପହଞ୍ଚିବା ଏବଂ ବ୍ୟାଙ୍କିଙ୍ଗ୍ ସୁବିଧା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ପକ୍ଷରୁ ବାଲେଶ୍ୱର ଜିଲ୍ଲାର ଏନ୍‌ଓସିସିଆଇ ବିଜିନେସ୍ ପାର୍କରେ ଏମ୍‌ଏସ୍‌ଏମ୍‌ଇ ସମ୍ବନ୍ଧୀୟ ସମସ୍ୟା ଉପରେ ମାର୍ଚ୍ଚ ୧୯, ୨୦୨୪ ଦିନ ଏକ ଟାଉନ୍ ହଲ ବୈଠକ ଅନୁଷ୍ଠିତ ହୋଇଥିଲା । ଆର୍‌ବିଆଇ ଭୁବନେଶ୍ୱରର କ୍ଷେତ୍ରୀୟ ନିର୍ଦ୍ଦେଶକ ଡଃ. ସାରଦା ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡିଶାର ଶିଳ୍ପ ନିର୍ଦ୍ଦେଶକ ଡି ପ୍ରଶାନ୍ତ କୁମାର ରେଡ୍ଡି , ଆଇଏଏସ୍, ଏସ୍‌ଏଲ୍‌ବିସି ମହାପ୍ରବନ୍ଧକ ତଥା କନ୍‌ଭେନର ଗୌତମ ପାତ୍ର, ସିଡ୍‌ବିର ଉପମହାପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ଚୌଧୁରୀ, ଏସ୍‌ବିଆଇର



ଉପମହାପ୍ରବନ୍ଧକ ତଥା ବ୍ୟାଙ୍କ ଅଫ୍ ଇଣ୍ଡିଆର ଉପମହାପ୍ରବନ୍ଧକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ଏମ୍‌ଏସ୍‌ଏମ୍‌ଇ ସଙ୍ଘ ଯଥା ବିସିଆଇସି, ଏନ୍‌ଓସିସିଆଇ ଏବଂ ବାଲେଶ୍ୱର ଜିଲ୍ଲାର ଅନ୍ୟ ଉଦ୍ୟୋଗୀଙ୍କ ସମେତ ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ, ଆଞ୍ଚଳିକ ପ୍ରବନ୍ଧକ ଓ ବାଲେଶ୍ୱର ଜିଲ୍ଲାର ପ୍ରମୁଖ ବ୍ୟାଙ୍କର ଅନ୍ୟ ଅଧିକାରୀ, ଏଲ୍‌ଡିଏମ୍, ଡିଡିଏମ୍ (ନାବାର୍ଡ) ଓ ଆର୍‌ଏସ୍‌ଇଟିଆଇ ନିର୍ଦ୍ଦେଶକଙ୍କ ସମେତ ୧୭୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ବୈଠକ ଶେଷରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନଙ୍କ ପାଇଁ ଏକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା ଯେଉଁଥିରେ ବିଭିନ୍ନ ଅଂଶଗ୍ରହଣକାରୀମାନେ ସେମାନଙ୍କ ପ୍ରଶ୍ନ ପଚାରିବା ସହ ବ୍ୟାଙ୍କ ଫାଇନାନ୍ସ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗରେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ସେମାନଙ୍କ ମତାମତ ପ୍ରଦାନ କରିଥିଲେ। ବୈଠକରେ ସେମାନଙ୍କର ଅଧିକାଂଶ ସମସ୍ୟାର ସମାଧାନ ହୋଇଥିବା ବେଳେ ଅନ୍ୟ ସମସ୍ୟାର ସମାଧାନ ପାଇଁ ଉଦ୍ୟୋଗୀମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା । ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନଙ୍କ ନିକଟରେ ପହଞ୍ଚିବାର ପଦକ୍ଷେପକୁ ଅଂଶଗ୍ରହଣକାରୀମାନେ ପ୍ରଶଂସା କରିଥିଲେ।

### ଶ୍ରମିକ ପରିବାର ଯୁବକ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

## ଓଟିଏମ୍ ବଦଳରେ ସରକାରୀ କାରଖାନା ପ୍ରତିଷ୍ଠା, ଥଇଥାନ ଓ ନିଯୁକ୍ତି ଦାବି

ଟାଙ୍ଗୀ–ଚୌଦ୍ୱାର (ସବ୍ୟୁ): ଓଡ଼ିଶାର ସର୍ବବୃହତ୍ ପ୍ରଥମ ଲୁଗାକଳ ଓଡ଼ିଶା ଟେକ୍ସଟାଇଲ ମିଲ୍ସ (ଓ.ଟି.ଏମ୍.) ବଦଳରେ ସରକାରୀ କାରଖାନା ପ୍ରତିଷ୍ଠା, କମ୍ପାନୀ ଜମିରେ ଦୀର୍ଘ ପ୍ରାୟ ୭୨ବର୍ଷ ହେବ ଅବସ୍ଥିତ ଓଟିଏମ୍ କଲୋନୀ, ଓଟିଏମ୍ ଦୁର୍ଗାବଜାର, ଜୟନ୍ତୀନଗର, ବ୍ୟାଘ୍ରବାହିନୀ ନଗର, ମଠସାହି, ତ୍ରିନାଥ ନଗର, ଗୋପାଳ ନଗର, ବସ୍ତି ସମେତ ବ୍ୟବସାୟୀମାନଙ୍କ ସ୍ଥାୟୀତ୍ୱ ଓ ଓ.ଟି.ଏମ୍. ବନ୍ଦ ପରେ ଏଥିରେ କ୍ଷତିଗ୍ରସ୍ତ ଶ୍ରମିକ–କର୍ମଚାରୀଙ୍କ ପରିବାରରୁ ଯୋଗ୍ୟତାଭିତିକ ନିଯୁକ୍ତି ଦାବିରେ ଶ୍ରମିକ ପରିବାର ଯୁବକ ସଂଘ ତରଫରୁ ଚଳିତ ବର୍ଷର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଓ.ଟି.ଏମ୍. କଲୋନୀସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଆଇନ୍‌ଜୀବୀ କୈଳାସ ଚନ୍ଦ୍ର ସାହାଣୀଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ଏକ କାର୍ଯ୍ୟକାରିଣୀ କମିଟି ଗଠନ କରାଯିବା ସହ ଆସନ୍ତା ମଇ ୧ତାରିଖ ଶ୍ରମିକ ଦିବସ ଅବସରରେ ସ୍ଥାନୀୟ ଶିଶୁପାର୍କ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ କରାଯିବାକୁ ନିଷ୍ପତି ନିଆଯିବା ସହିତ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ କୃିବାସ ନାୟକ, ଶଶଧର ବିଶ୍ୱାଳ, ସୁରେନ୍ଦ୍ର କୁମାର ପରିଡ଼ା, ନାରାୟଣ ପତ୍ରୀ, ସୁବାଷ ଚନ୍ଦ୍ର ଭୂୟାଁ, ବିଶ୍ୱନାଥ ସ୍ୱାଇଁ, ଚନ୍ଦ୍ରମଣି ମିଶ୍ର, ପୂର୍ଣ୍ଣଚନ୍ଦ୍ର ବାରିକ୍, ପ୍ରେମସାଗର ମଣ୍ଡଳ, ଗୁରୁଚରଣ ଦାସ, ତ୍ରିଲୋଚନ ବରାଳ, ସେକ୍ ମୁକ୍ତାର ହୁସେନ୍, କେଦାରନାଥ ଠାକୁର, ବ୍ରଜବନ୍ଧୁ ସାହୁ, ପ୍ରଫୁଲ୍ଲ କୁମାର ରାଉତରାୟ, ଚିରଂଜନ ପଟ୍ଟନାୟକ ପ୍ରମୁଖ ଶତାଧିକ ଶ୍ରମିକ ପରିବାର ଯୋଗ ଦେଇଥିଲେ ।

# ମହାପଭୁ ଗୌରେଶ୍ୱର ମହାଦେବଙ୍କ ମନ୍ଦିର ପାର୍ଶ୍ୱ ନଦୀବନ୍ଧ ଗଡାଣିରୁ ଶଙ୍ଖତ୍ରାସଗ୍ରାମ ରାସ୍ତା ମରଣଯନ୍ତା

କଟକ (ସବ୍ୟୁ): କଟକସଦର ବ୍ଲକ ୪୨ମୌଜା ପାର୍ଶ୍ୱ ଖଣ୍ଡେୟତା ପଂଚାୟତ ଅର୍ନ୍ତଗତ ସିଦ୍ଧୁଆ ନଦୀବନ୍ଧ ମହାପ୍ରଭୂ ଗୌରେଶ୍ୱର ମହାଦେବଙ୍କ ମନ୍ଦିର ପାର୍ଶ୍ୱ ଗ୍ରାମକୁ ଯାଇଥିବା ନଦୀବନ୍ଧ ଗଡାଣି ରାସ୍ତା ଠାରୁ ଶଙ୍ଖତ୍ରାସ ଗ୍ରାମ , ଅଙ୍ଗନୱାଡି କେନ୍ଦ୍ର, ଗୌରେଶ୍ୱର ମହାଦେବ ମନ୍ଦିର , ଶଙ୍ଖତ୍ରାସ ସରକାରୀ ଖୁଚୁରା ଖାଦ୍ୟଶସ୍ୟ ବିକ୍ରୟ କେନ୍ଦ୍ର ସହିତ ଖଲର୍ଦ୍ଧା, ଶଙ୍ଖତ୍ରାସ ବଜାର, ପତିସାହି, ଅରଡ, ସୁମାଣ୍ଡି ଏବଂ କୂଳସରିଚୁଆଁ ୪୨ମୌଜା ପୋଲ ସହିତ କଟକସହରକୁ ଯାଇଥିବା ନଦୀବନ୍ଧ ରାସ୍ତାକୁ ଯିବା ପାଇଁ ଥିବା ନଦୀବନ୍ଧ ଗଡାଣି ରାସ୍ତାଟି ବର୍ତ୍ତମାନ ମରାମତି ଅଭାବରୁ ମରଣଯନ୍ତା ହୋଇ ପଡିରହିଛି । ସ୍କୁଲ୍ ଛାତ୍ରଛାତ୍ରୀ, ଶ୍ରଦ୍ଧାଳୁ ଏବଂ ଅଂଚଳବାସୀ ଉକ୍ତ ରାସ୍ତାଦେଇ ଗତାଗତ କରିବାକୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଛାତ୍ରଛାତ୍ରୀ ଉକ୍ତ ଗଡାଣି ରାସ୍ତାରେ ଯିବା ସମୟରେ ଭାରସ୍ୟାମ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ରାତ୍ରି ସମୟରେ ଏହି ଗଡାଣି ରାସ୍ତା ଦେଇ ଯାନବାହନ କିମ୍ବା ସାଇକେଲ୍ ମଧ ଯିବା ସମ୍ଭବ ହେଉନାହିଁ । ପଥଚାରୀମାନେ ଏହି ଗଡାଣି ଖାଲଖମା ରାସ୍ତାରେ ଯିବା ସମୟରେ ଗୋଡ ଖସି ଆହତ ହେଉଥିବା ଅଭିଯୋଗ ହେଉଛି । ଏଣୁ ତୁରନ୍ତ ଶଙ୍ଖତ୍ରାସ ଗ୍ରାମରୁ ସିଦ୍ଧୁଆ ନଦୀବନ୍ଧକୁ ଯିବା ପାଇଁ ଥିବା ଏକମାତ୍ର ନଦୀ ବନ୍ଧ ଗଡାଣି ରାସ୍ତାକୁ ପିଚୁ ଅଥବା କଂକ୍ରିଟ୍ ଢଳେଇ ରାସ୍ତାରେ ପରିଣତ କରି ଗମନାଗମନ ଅନୁକୁଳ କରିବା ସହିତ ସ୍କୁଲ୍‌କୁ ଯାଉଥିବା କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ମରଣଯନ୍ତା ରାସ୍ତାର ବିପଦରୁ ରକ୍ଷା କରିବାର ବ୍ୟବସ୍ଥା କରିବାକୁ ଅଂଚଳବାସୀଙ୍କ ତରଫରୁ କଟକ ଜିଲ୍ଲାପାଳଙ୍କ ସହିତ କଟକସଦର ବ୍ଲକ୍ ବିଡିଓଙ୍କ ନିକଟରେ ଦୃଢ ଦାବି ଉପସ୍ଥାପନା କରାଯାଇଛି । ନଚେତ୍ ଆଗାମୀ ଦିନରେ କୋମଳମତି ଛାତ୍ରଛାତ୍ରୀଙ୍କ ଏହି ରାସ୍ତାରେ ଗତାଗତ କରିବା ସମୟରେ ଦୁର୍ଘଟଣା ଘଟି ଆହତ ହେଲେ ଜିଲ୍ଲା ପ୍ରଶାସନ ଦାୟୀ ରହିବ ବୋଲି ରକେଟ୍‌ସ୍ ୟୁଥ୍ କ୍ଲବ୍‌ର ଯୁବ କର୍ମକର୍ତା ଓ ପତିଶାସନ ଯୁବକସଂଘର କର୍ମକତାମାନେ ସୂଚନା ପ୍ରଦାନ କରିଛନ୍ତି ।

# ବିଜେଡ଼ିରେ ଯୋଗଦେଲେ ସୋର ପୌରପରିଷଦ ଅଧ୍ୟକ୍ଷ ମାଧବ ଧଡ଼ା



ଭୁବନେଶ୍ୱର (ସବ୍ୟୁ): ବାଲେଶ୍ୱର ଜିଲ୍ଲା ସୋର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୋର ପୌରପରିଷଦର ଅଧ୍ୟକ୍ଷ ମାଧବ ଧଡ଼ା ତାଙ୍କ ସମର୍ଥକଙ୍କ ସହିତ ଅନେକ ବିଜେପି କର୍ମୀ ମଙ୍ଗଳବାର ଶଙ୍ଖଭବନ ଠାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା ଓ ସୋର ବିଧାୟକ ପର୍ଶୁରାମ ଧଡ଼ାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଶ୍ରୀ ଜେନା ଓ ଶ୍ରୀ ପର୍ଶୁରାମ ଧଡ଼ା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ମାଧବ ଧଡ଼ା, ବରିଷ୍ଠ ବିଜେପି ନେତା ଶେଖ ଲିଆକତ୍ ଅଲ୍ଲୀ, ଦିଲ୍ଲୀପ କୁମାର କର, ଜନ୍ମେଜୟ ପଣ୍ଡା ଓ ତାଙ୍କ ସମର୍ଥକଙ୍କ ଯୋଗଦାନ ଫଳରେ ବିଶେଷ କରି ସୋର ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ଜେନା ଓ ଶ୍ରୀ ପର୍ଶୁରାମ ଧଡ଼ା କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ମାଧବ ଧଡ଼ା ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ମଙ୍ଗଳବାର ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ଦଳରେ ମୋତେ ଓ ଯୋଗ ଦେଇଥିବା ସମସ୍ତ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଥାଲାସେମିଆ ରୋଗୀ – କଲବଲ

ଭୁବନେଶ୍ୱର (ତଥ୍ୟ): ନିୟମିତ ରକ୍ତ ଆବଶ୍ୟକ କରୁଥିବା ଥାଲାସେମିଆ ରୋଗୀମାନେ ଏବେ ରାଜଧାନୀରେ ରକ୍ତ ଟିକେ ପାଇବାପାଇଁ କଲବଲ ହେଉଛନ୍ତି । ସରକାରୀ ରକ୍ତ ଭଣ୍ଡାରରେ ଗୁରୁତର ରକ୍ତ ସଙ୍କଟ ଯୋଗୁଁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି । କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ସରକାରୀ ରକ୍ତଭଣ୍ଡାର ଉପରେ ସାତ ଶହାରୁ ଉର୍ଦ୍ଧ୍ୱ ଥାଲାସେମିଆ ରୋଗୀ ନିୟମିତ ରକ୍ତ ନେବାପାଇଁ ନିର୍ଭରଶୀଳ । ଏମାନେ ରକ୍ତଭଣ୍ଡାରରୁ କିଭଳି ସୁବିଧାରେ ଓ ସହଜରେ ରକ୍ତ ପାଇବେ ସେଥିପାଇଁ ନାମ ପଞ୍ଜିକରଣ କରିଛନ୍ତି । ଏମାନଙ୍କ ମଧ୍ୟରେ କିଏ ମାସକୁ ଗୋଟିଏ ତ ଆଉ କିଏ ଆବଶ୍ୟକ ମୁତାବକ ଦୁଇ ତିନିଟ ରକ୍ତ ନେଇଥାନ୍ତି । ଥାଲାସେମିଆ ଆକ୍ରାନ୍ତମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଓ ଅଗ୍ରାଧିକାର ଭିତ୍ତିରେ ରକ୍ତ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ହେଲେ ବର୍ତ୍ତମାନ ଏହି ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ । ରକ୍ତଦାନ ଶିବିର ପୂର୍ବଭଳି ଆୟୋଜିତ ହେଉନଥିବା ଓ ଯେଉଁସବୁ ସଂସ୍ଥାଗୁଡିକ ବଡ ବଡ ରକ୍ତଦାନ ଶିବିର ଆୟୋଜନ କରୁଥିଲେ ସେମାନେ ଆଗ୍ରହ ଦେଖାଉନଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି । ଜୀବନ ବିନ୍ଦୁ ଓ କମିଶନରେଟ ପୁଲିସ ଭଳି ସଂସ୍ଥାମାନେ ଆୟୋଜନ କରୁଥିବା ଗୋଟିଏ ଗୋଟିଏ ରକ୍ତଦାନ ଶିବିରରେ ୪୦୦/୫୦୦ ପ୍ୟାକେଟ ରକ୍ତସଂଗ୍ରହ ହୋଇପାରୁଥିଲା । ସେହି ଅବସ୍ଥା ଏବେ ନାହିଁ । କାଁ ଭାଁ ଆୟୋଜିତ ରକ୍ତଦାନ ଶିବିରୁ ୧୫/୨୦ପ୍ୟାକେଟ ରକ୍ତ ଉପଲବ୍ଧ ହେଉଛି । ଏହି ସରକାରୀ ରକ୍ତଭଣ୍ଡାର ଉପରେ ଥାଲାସେମିଆ ରୋଗୀଙ୍କ ସହିତ କ୍ୟାପିଟାଲ ହସ୍ପିଟାଲର ରୋଗୀମାନେ ନିର୍ଭରଶୀଳ । ଏଥି ସହିତ ସହରର ଅନ୍ୟାନ୍ୟ ଡାକ୍ତରଖାନାରୁ ମଧ୍ୟରେ ଜରୁରୀ ସମୟରେ ଏଠାରୁ ରକ୍ତ ଯୋଗାଇ ଦିଆଯାଉଛି । ହେଲେ ବର୍ତ୍ତମାନ ରକ୍ତ ସଙ୍କଟ ଯୋଗୁଁ କାହାକୁ ଆଗ ରକ୍ତ ଦିଆଯିବ ତାହାକୁ ନେଇ କର୍ତ୍ତୃପକ୍ଷ ଦ୍ୱନ୍ଦରେ ପଡୁଛନ୍ତି । ଅବସ୍ଥା ଏଭଳି ହୋଇଛି ଯେ ଆସୁଥିବା ଥାଲାସେମିଆ ରୋଗୀଙ୍କ ହିମୋଗ୍ଲୋବିନ ସ୍ତର ଦେଖି ଯେଉଁମାନେ ବିପଦଜନକ ସ୍ଥିତିରେ ରହିଛନ୍ତି ସେମାନଙ୍କୁ ପ୍ରଥମେ ରକ୍ତ ଦିଆଯାଉଛି । ସାମାନ୍ୟ ଅଧିକ ହିମୋଗ୍ଲୋବିନ ସ୍ତର ଥିବା ଆକ୍ରାନ୍ତଙ୍କୁ ଅପେକ୍ଷ କରିବାକୁ କୁହାଯାଉଛି । ଅନ୍ୟ ପକ୍ଷରେ ରେଡକ୍ରସ ରକ୍ତଭଣ୍ଡାରରେ ରକ୍ତ ଉପଲବ୍ଧ ହେଉଥିଲେ ମଧ୍ୟ ସେଥିପାଇଁ ଅର୍ଥ ଦେବାକୁ ପଡୁଥିବାରୁ ଗରିବ ଥାଲାସେମିଆ ରୋଗୀମାନେ ସେଠାରୁ ରକ୍ତ ନେବାକୁ ରାଜି ହେଉନାହାନ୍ତି । ରକ୍ତଭଣ୍ଡାର କର୍ମଚାରୀଙ୍କ କହିବାକଥା ଯେ ଗୋଟିଏ ପଟେ ରକ୍ତଦାନ ଶିବିର ପୂର୍ବଭଳି ହେଉନଥିବାବେଳେ ଗ୍ରୀଷ୍ମଋତୁ ଯୋଗୁଁ ଏବେ ରକ୍ତ ସଂଗ୍ରହ ହ୍ରାସ ପାଇଛି । ପରିସ୍ଥିତିର ମୁକାବିଲା ପାଇଁ ରାଜଧାନୀରେ ଥିବା ଘରୋଇ ଚିକିତ୍ସାଳୟମାନେ ନିଜଆଡୁ ରକ୍ତଦାନ ଶିବିର ଆୟୋଜନ କରିବାକୁ କୁହାଯାଇଛି । ଆଗାମୀ ଦିନରେ ଯଦି ମେଗା ରକ୍ତଦାନ ଶିବିର ଆୟୋଜନ ନହେବ ତେବେ ପରିସ୍ଥିତି ବିଗିଡିବ ବୋଲି ମତପ୍ରକାଶ ପାଇଲାଣି । ଏଭଳି ସ୍ଥିତିରେ ସହରରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକ ଆଗେଇ ଆସିବାକୁ ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀମାନେ ମତ ଦେଉଛନ୍ତି ।

# ଶ୍ମଶାନ ନିର୍ମାଣ ଓ ବସ୍ତି ବାସିନ୍ଦାଙ୍କ ଥଇଥାନ କଥା ପଚାରି ବୁଝିଲେ ମେୟର ସୁବାସ ସିଂ

କଟକ ( ସବ୍ୟୁ) ମଙ୍ଗଳବାର ମେୟର ସୁବାସ ସିଂ ବିଡାନାସି ଗ୍ରାମ୍ୟ ବାସୀଙ୍କ ଶ୍ମଶାନ ନିର୍ମାଣ ପାଇଁ ମୋ ୱାର୍ଡ ରହଣି ସମୟରେ ମେୟର ଓ କମିଶନର ଙ୍କୁ ଅନୁରୋଧ କରିଥିଲେ ସାହି ବାସିନ୍ଦା । ପ୍ରାୟ ୧ କୋଟି ଟଙ୍କା ବିନିମୟରେ ସବୁଠୁ ଆକର୍ଷଣୀୟ ଶ୍ମଶାନ, ଗାଧୁଆ ଘର, ଶିବଙ୍କ ମୂର୍ତି ସହିତ ଆକର୍ଷଣୀୟ ପାର୍କ ପରି ମସାଣି ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ । ସ୍ଥାନୀୟ ୱାର୍ଡ ନମ୍ବର -୨ କର୍ପୋରେଟର ପୁଷ୍ପିତା ମହାନ୍ତି , ୱାର୍ଡ ନମ୍ବର - ୧ ର ବରିଷ୍ଠ ନାଗରିକ ବୀରେନ୍ଦ୍ର କୁମାର ବେହେରା, ବିଶ୍ୱନାଥ ଧୀର, ଶରତ ନାୟକ , ବାଦଲ ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ କାର୍ଯ୍ୟ ଗୁଡିକର ଅଗ୍ରଗତି ସମ୍ପର୍କରେ ଜେ.ଇ ଦିଲ୍ଲୀପ ସ୍ୱାଇଁ , ମେୟର ଙ୍କୁ ଅବଗତ କରିଥିଲେ । ଆସନ୍ତା ମେ ମାସ ୧୫ ତାରିଖ ସୁଦ୍ଧା କାର୍ଯ୍ୟ ସମାପନ କରିବାକୁ ମେୟର ଶ୍ରୀ ସିଂ କଡା ନିର୍ଦ୍ଦେଶ ଦେଇଥିଲେ । ସିଡିଏରେ ୨ ମାସ ପୂର୍ବରୁ ୨୦ ବସ୍ତି ବାସିନ୍ଦା ଙ୍କୁ ଉଚ୍ଛେଦ କରିବା ଫଳରେ ସେମାନେ ପ୍ରବଳ ବର୍ଷା ମଧ୍ୟରେ ରାସ୍ତା କଡରେ ପଡିରହିଛନ୍ତି । ସେମାନଙ୍କ ସହିତ ମେୟର ଆଲୋଚନା କରିବା ସଂଗେ ସଂଗେ ଗତ ମାସରେ ସେମାନଙ୍କୁ ଧବଳେଶ୍ୱର ଗଡ଼ାରେ ଥଇଥାନ କରାଇବାକୁ ନିଷ୍ପତି ନିଆଯାଇଛି ଓ ସେ କ୍ଷେତ୍ରରେ କାଗଜ ପତ୍ର କାମ ସମ୍ପୂର୍ଣ୍ଣ ହୋଇସାରିଛି ବୋଲି କହିଥିଲେ । ଏଥି ସଂଗେ ସଂଗେ ନିର୍ମାଣ ଧୀନ କଲ୍ୟାଣ ମଣ୍ଡପ ଓ ସଫେଇ ସମସ୍ୟା ସମ୍ପର୍କରେ ମେୟର ମଧ୍ୟ ଅନୁଧ୍ୟାନ କରିଥିଲେ ।

# ମଝି ଆକାଶରେ ଦେବଦୂତ ସାଜି ଜୀବନ ବଞ୍ଚାଇଲେ କିମ୍ସ ଡାକ୍ତର

ଭୁବନେଶ୍ୱର (ସବ୍ୟୁ): କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (କିମ୍ସ) ଭୁବନେଶ୍ୱରର ହୃଦରୋଗ ବିଶେଷଜ୍ଞ ଡା ଅଶୋକ କୁମାର ବଡ଼ମାଳି ମଝି ଆକାଶରେ ବଞ୍ଚାଇଛନ୍ତି ଜଣେ ମହିଳାଙ୍କ ଜୀବନ । ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ରବିବାର ସକାଳେ ନୂଆଦିଲ୍ଲୀରୁ ପୁନେ ଅଭିମୁଖେ ଯାଉଥିବା ସମୟରେ ଜନୈକା ମହିଳା ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ । ଏହା ଦେଖି ବିମାନ କର୍ମଚାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କ୍ୟାବିନ୍ କ୍ରୁମାନେ ଜରୁରୀକାଳୀନ ମେଡିକାଲ ପରିସ୍ଥିତି କାରଣରୁ ବିମାନରେ ଥିବା କୌଣସି ପାରାମେଡିକ୍ କିମ୍ବା ନର୍ସିଂ କର୍ମଚାରୀଙ୍କ ସହାୟତା ପାଇଁ ଜରୁରୀ ଘୋଷଣା କରିଥିଲେ । ଉକ୍ତ ବିମାନରେ କିମ୍ସ ଡାକ୍ତର ବଡ଼ମାଳି ପୁନେ ଯାଉଥିଲେ । ଏହା ଜାଣିବା ପରେ ଡା. ବଳମାଳି ତୁରନ୍ତ ସହାୟତାର ହାତ ବଢାଇଥିଲେ ।



କ୍ରୁଙ୍କ ସହାୟତାରେ ମହିଳାଙ୍କୁ ବିମାନର ଫ୍ଲୋରକୁ ସ୍ଥାନାନ୍ତର କରାଯାଇଥିଲା । ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିବା ପରେ ସେ ଦ୍ରୁତ କ୍ୟାରୋଟିଡ୍ ପଲ୍ସ ସହିତ ଆଗୋନାଲ ଶ୍ୱାସକ୍ରିୟା ପ୍ରଦର୍ଶନ କରାଉଥିବା ଡାକ୍ତର ବଡ଼ମାଳି ଜାଣିପାରିଥିଲେ । ହୃଦରୋଗରେ ନିଜର ଦକ୍ଷତାକୁ ଉପଯୋଗ କରି ସେ ମହିଳାଙ୍କୁ କ୍ୟାରୋଟିଡ୍ ମାଲିସ୍ କରିଥିଲେ । ଏହା ମହିଳାଙ୍କ ଜୀବନ ରକ୍ଷାକାରୀ ସାବ୍ୟସ୍ତ ହୋଇଥିଲା ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିଲା । ବିମାନଟି ପୁନେ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରିବା ପର୍ଯ୍ୟନ୍ତ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିଲା । ଏଭଳି ସମୟୋପଯୋଗୀ ଏବଂ ନିର୍ଣ୍ଣାୟକ ପଦକ୍ଷେପ ନିମନ୍ତେ ମହିଳା ଜଣକ ଡା. ବଡ଼ମାଳିଙ୍କ ସମେତ ବିମାନର ପାଇଲଟ ଶ୍ରୀ ରାହୁଲ, କ୍ରୁ ମେମ୍ବର ସୌରଭ ଏବଂ ମିସ୍ ପୂଜାଙ୍କୁ କୃତଜ୍ଞତା ଜଣାଇଛନ୍ତି । ଡା ବଡ଼ମାଳିଙ୍କ ଏହି କାର୍ଯ୍ୟକୁ କିଟ୍, କିସ୍ ଏବଂ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରଶଂସା କରିଛନ୍ତି ।

# ସୋନାଲିକା ଟ୍ରାକ୍ଟରର ନୂଆ ପ୍ଲାଣ୍ଟ ଉଦଘାଟିତ




ଭୁବନେଶ୍ୱର (ସବ୍ୟୁ): ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର ପଞ୍ଜାବ ରାଜ୍ୟର ଅଗ୍ରଣୀ ଓଇଏମ ମାନଙ୍କ ମଧ୍ୟରୁ ଅନ୍ୟତମ ଏବଂ ଏହାର ବିଶ୍ୱର ସର୍ବବୃହତ ଟ୍ରାକ୍ଟର ଉତ୍ପାଦନ କାରଖାନା ସହିତ ହୋସିଆରପୁର ସହରକୁ ମଧ୍ୟ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିସାରିଛି । ରାଜ୍ୟରେ ଦୁଇଟି ନୂତନ ପ୍ଲାଂଟର ଶିଳାନ୍ୟାସ ଘୋଷଣା କରିବାକୁ କମ୍ପାନୀ ଉତ୍ସାହିତ ଥିବା ବେଳେ ଶିଳାନ୍ୟାସ ସମାରୋହରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଯୋଗ ଦେଇଥିଲେ। ଗତ ବର୍ଷ ଶେଷ ଆଡ଼କୁ ଘୋଷଣା କରାଯାଇଥିବା ନୂତନ ପର୍ଯ୍ୟାୟ ପୁଁଜିନିବେଶ ପ୍ରତିଶ୍ରୁତି ଅନୁଯାୟୀ ସୋନାଲିକା ଏକ ନୂତନ ଟ୍ରାକ୍ଟର ଆସେମ୍ବଲି ପ୍ଲାଣ୍ଟ ସ୍ଥାପନ ପାଇଁ ୧୦ କୋଟି ଟଙ୍କା ଏବଂ ଏକ ନୂତନ ହାଇପ୍ରେସର ଫାଉଣ୍ଡ୍ରି ପ୍ରତିଷ୍ଠା ପାଇଁ ୩୦୦ କୋଟି ଟଙ୍କା ବିନିଯୋଗ କରିବ । ସୋନାଲିକା ଗ୍ରୁପ୍‌ର ଦୂରଦର୍ଶୀ ସମ୍ପ୍ରସାରଣ ଯୋଜନାକୁ ମୁଖ୍ୟମନ୍ତ୍ରୀ ହୋସିଆରପୁରଠାରେ ଉନ୍ମୋଚନ କରିଛନ୍ତି, ଯାହା ରାଜ୍ୟର ଶିଳ୍ପ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏହି ଅତ୍ୟାଧୁନିକ ଟ୍ରାକ୍ଟର ଆସେମ୍ବଲି ସୁବିଧା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ କମ୍ପାନୀର ବାର୍ଷିକ କ୍ଷମତା ଅତିରିକ୍ତ ୧ ଲକ୍ଷ ଟ୍ରାକ୍ଟରକୁ ବୃଦ୍ଧି ପାଇବ । ଏହାବ୍ୟତୀତ ନୂତନ ଅତ୍ୟାଧୁନିକ ସୁବିଧା ଡିଆରଏଏସ୍ ଯାହାକି ଏକ ହାଇ-ପ୍ରେସର ଫାଉଣ୍ଡ୍ରି ପ୍ଲାଂଟ ଅଟେ ଏବଂ ଏହା ପ୍ରସ୍ତୁତ ହେବା ପରେ ଉତର ଭାରତର ସର୍ବବୃହତ କାଷ୍ଟିଂ ପ୍ଲାଂଟ ହେବ ।

# ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି ଏବଂ ଏହି ଉପଲକ୍ଷେ ୧୮ ମାର୍ଚ୍ଚ ୨୦୨୪ ରେ ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିଲାଛ ପ୍ରତିଷ୍ଠାନର ମହିଳା କଲ୍ୟାଣ ସମିତି ମହା ସମାରୋହରେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲା । ଏମ୍ସ, ଭୁବନେଶ୍ୱରର ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗର ମୁଖ୍ୟ ପ୍ରଫେସର (ଡ଼.) ଶ୍ୱେତା ସିଂ ମୁଖ୍ୟ ଅତିଥି ଭାବରେ ଏହି ଉତ୍ସବରେ ଯୋଗ ଦେଇଥିଲେ ।

ଏହି ଅବସରରେ ଉଦବୋଧନ ଦେଇ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ୍ କରମଲକର, ବିଭିନ୍ନ ସର୍ଭେ ଅନୁଯାୟୀ ନିକଟ ଅତୀତରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ମହିଳା ଛାତ୍ରଛାତ୍ରୀଙ୍କ ନାମ ବୃଦ୍ଧି ପାଉଛି ବୋଲି ଆଲୋକପାତ କରିଥିଲେ । ସେ କହିଛନ୍ତି ଯେ ପାରମ୍ପରିକ ବୃତ୍ତି ବ୍ୟତୀତ ବିଭିନ୍ନ ବୃତ୍ତିରେ ମହିଳାଙ୍କ ପ୍ରତିନିଧିତ୍ୱ ବୃଦ୍ଧି କରିବା ପାଇଁ ବିଭିନ୍ନ ନିଶ୍ଚିତ ପଦକ୍ଷେପ ଗ୍ରହଣ କରାଯାଉଛିଛ ଏହି ପରିବର୍ତ୍ତନର ଅନ୍ୟତମ କାରଣ ହେଉଛି ବୈଷୟିକ ଓ ପ୍ରଯୁକ୍ତିବିଦ୍ୟାର ବିକାଶ ହେତୁ ସାମାଜିକ ତଥା ଅର୍ଥନୈତିକ ବ୍ୟବସ୍ଥାରେ ପରିବର୍ତ୍ତନ ମହିଳା ସଶକ୍ତିକରଣରେ ବୈଷୟିକ ବିକାଶର ଭୂମିକାକୁ ଆମେ ସ୍ୱୀକାର କରିବା ଜରୁରୀ ବୋଲି ସେ କହିଛନ୍ତି । ମହିଳାଙ୍କ ପ୍ରତି ଥିବା ମନୋଭାବର ପରିବର୍ତ୍ତନ ଏବଂ ସେମାନଙ୍କର ବୃତ୍ତିଗତ ଅଭିବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର (ଡ଼.) ଶ୍ୱେତା ସିଂ ତାଙ୍କ ସମ୍ବୋଧନରେ 'ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହନ: ମହିଳାଙ୍କ ସ୍ୱାସ୍ଥ୍ୟକୁ ସମର୍ଥନ' ଉପରେ ବିସ୍ତୃତ ଭାବରେ ଉପସ୍ଥାପନ କରିଥିଲେ । ସେ ଗର୍ଭାଶୟ କର୍କଟ ଏବଂ ସ୍ତନ କର୍କଟ ଭଳି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିପଦ ବିଷୟରେ ମୂଲ୍ୟବାନ ସୂଚନା ପ୍ରଦାନ କରିଥିଲେ । ତାଙ୍କ ଉପସ୍ଥାପନାରେ ସେ ମହିଳାମାନଙ୍କୁ ଏହି ରୋଗରୁ ରକ୍ଷା କରିବା ପାଇଁ ବିପଦ ଏବଂ ପ୍ରତିଷେଧକ ବ୍ୟବସ୍ଥା ବିଷୟରେ ସୂଚନା ପ୍ରଦାନ କରିଥିଲେ । ଗର୍ଭାଶୟ କର୍କଟକୁ ରୋକିବା ପାଇଁ ଉପଲବ୍ଧ ବିଭିନ୍ନ ଟିକା ବିଷୟରେ ସେ ଦର୍ଶକଙ୍କୁ ଅବଗତ କରାଇଥିଲେ । ଗର୍ଭାବସ୍ଥାରେ ମହିଳାଙ୍କ ବିଶେଷ ଯତ୍ନ ବିଷୟରେ ସେ ମଧ୍ୟ କହିଥିଲେ ।

ମହିଳା କଲ୍ୟାଣ ସମିତିର ଅଧ୍ୟକ୍ଷା ଡକ୍ଟର ମନସ୍ୱିନୀ ବେହେରା, ପ୍ରତିଷ୍ଠାନର ମହିଳା ସଦସ୍ୟମାନଙ୍କ କଲ୍ୟାଣକୁ ସୁନିଶ୍ଚିତ କରିବା ପାଇଁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ । ମହିଳା କଲ୍ୟାଣ ସମିତିର ସଦସ୍ୟ ସଚିବ ଡକ୍ଟର ପ୍ରାମା ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ମାସରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଏହି ଅବସରରେ ପୁରସ୍କାର ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଅଧିବାସୀମାନେ ଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ ।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାଣିକୋଇଲି, (ସବ୍ୟୁ) : ଯାଜପୁର ସଦର ଥାନା ଅନ୍ତର୍ଗତ ନାଥସାହି ପଂଚାୟତର ନୁଆପଡ଼ା ଗ୍ରାମର ଜୈନେକ ଯୁବତୀଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି ପାଣିକୋଇଲି ପୁଲିସ। ତେବେ ଯୁବତୀଙ୍କ ଭାଇ ଧିରେଶଙ୍କ ଅଭିଯୋଗ ଅନୁସାରେ ପୁଲିସ ସାଇଂଟଫିକ ଟିମକୁ ନେଇ ତଦନ୍ତ କରୁଥିବା ବେଳେ ଯୁବତୀ ଜଣକ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ମାରି ଟାଙ୍ଗି ଦିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ପ୍ରକାଶଯେ ଏହି ଗ୍ରାମର ବାସୁଦେବ ସାହୁଙ୍କ ଝିଅ ପ୍ରିୟଙ୍କା(୨୩) ପାଣିକୋଇଲି ଥାନା ଅଧନସ୍ଥ ସନ୍ତରା ଛକରେ ଥିବା ଏକ ହୋଟେଲରେ କର୍ମଚାରୀ ଭାବେ କାର୍ଯ୍ୟକରିବା ସହିତ ସଂସ୍କୃତି ଭବନ ପଛପଟେ ଏକ ଭଡ଼ା ଘରେ ରହୁଥିଲେ। ତେବେ ମଙ୍ଗଳବାର ଦିନ ପ୍ରିୟଙ୍କାଙ୍କ ମୃତ୍ୟୁ ଖବର ପାଇ ତାଙ୍କର ଭାଇ ସେ ରହୁଥିବା ଭଡ଼ା ଘରକୁ ଯାଇ ଦେଖିବା ବେଳେକୁ ପ୍ରିୟଙ୍କା ରହୁଥିବା ଭଡ଼ାଘରେ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଥିବା ବେଳେ ଘରର କବାଟ ଖୋଲାଥିଲା ଓ ତାଙ୍କର ପାଦ ଦୁଇଟି ତଳେ ଲାଗିଥିଲା। ତେବେ ତାଙ୍କ ଭଉଣୀଙ୍କୁ କେହି ମାରି ଟାଙ୍ଗି ଦେଇଛି ବୋଲି ଧିରେଶ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରିଣୀ ଲିଜାରାଣୀ ବିଶ୍ୱାଳ, କୋରାଇ ଥାନାଧିକାରୀ ସୁମତୀ ମହାନ୍ତି ଓ ଯାଜପୁର ରୋଡ଼ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ଘଟଣାସ୍ଥଳକୁ ଯାଇ ସାଇଂଟିଫିକ ସହ ତଦନ୍ତ କରିବା ପରେ ମୃତ ଦେହକୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି।

# ପ୍ରସନ୍ନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ପ୍ରଭାତ

କଟକ, (ସ୍ୱପ୍ର): ପୂର୍ବତନ ମନ୍ତ୍ରୀ, ରାଜ୍ୟସଭା ସାଂସଦ ତଥା ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ । ଏକ ସଡକ ଦୁର୍ଘଟଣାରେ ଆହତ ହୋଇ ଭୁବନେଶ୍ୱର ସ୍ଥିତ ଆପୋଲୋ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଡଃ ବିଶ୍ୱାଳ ସାକ୍ଷାତ କରିବା ସହିତ ତାଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ଡାକ୍ତରମାନଙ୍କ କହିବା ହିସାବରେ ସେ ବର୍ତ୍ତମାନ ସୁସ୍ଥ ହେଉଛନ୍ତି ଖୁବ୍‌ଶିଘ୍ର ଆରୋଗ୍ୟ ହୋଇ ଘରକୁ ଫେରିବେ ।



# ଜିନ୍ଦଲ ଷ୍ଟେନ୍ ଲେସ୍ ଷ୍ଟିଲ ପ୍ଲାଣ୍ଟରେ ବିପିଏନ୍ଏସ୍ଆଇର କର୍ମଶାଳା



ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଂକ, ଇସ୍ପାତ ମନ୍ତ୍ରଣାଳୟ ଅଧୀନସ୍ଥ, ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ, ଯାଜପୁର କଳିଙ୍ଗ ନଗର ଠାରେ ଅବସ୍ଥିତ ଜିନ୍ଦଲ ଷ୍ଟେନ୍ ଲେସ୍ ଷ୍ଟିଲ୍ କାରଖାନା ରେ ଷ୍ଟେନ୍ ଲେସ୍ ଷ୍ଟିଲ୍ ମେକିଂଗ, ପ୍ରସେସ୍ ଡିଟେଲ୍ ଏବଂ ଇମୋସନାଲ ଇଂଟେଲିଜେନ୍ସ ଏବଂ ମେଣ୍ଟେନାନ୍ସ ମ୍ୟାନେଜମେଣ୍ଟ ସଂବନ୍ଧୀୟ କର୍ମଶାଳା ଆୟୋଜନ କରିଥିଲେ । କର୍ମଶାଳା ର ଆରମ୍ଭ ରେ ଜିନ୍ଦଲ ଷ୍ଟେନ୍ ଲେସ୍ ଲିଃ ର ମାନବ ସମ୍ବଳ ମୂଖ୍ୟ ରାକେଶ ପାଠକ ବିପିଏନଏସଆଇ ର କର୍ମଚାରୀ ମାନଙ୍କୁ ସ୍ୱାଗତ କରିଥିଲେ ଏବଂ ପ୍ରଫେସ୍ନାଲ ପ୍ରି ପ୍ରୋଗ୍ରାମ୍ କର୍ମଶାଳା ର ମହତ୍ୱ ବୁଝାଇବା ସହିତ କର୍ମଶାଳା ର ସଫଳ କାମନା କରିଥିଲେ । ବିପିଏନଏସଆଇ ତରଫରୁ , ଡଃ ସ୍ନିଗ୍ଧା ଘୋଷ୍, ଆସିଷ୍ଟାଣ୍ଟ ପ୍ରଫେସର, ଆଇ ଆଇ ଟି, ଭୁବନେଶ୍ୱର ଷ୍ଟେନ୍ ଲେସ୍ ଶ୍ଟିଲ ମେକିଂଗ, ବିଭିନ୍ନ ପ୍ରସେସ୍ ବିଷୟ ରେ ବିସ୍ତୃତ ବିବରଣୀ ଜିନ୍ଦଲ ଷ୍ଟେନ୍ ଲେସ୍ ଷ୍ଟିଲ୍ ପ୍ଲାଣ୍ଟ ର ଇଞ୍ଜିନିୟରମାନଙ୍କୁ ପଢାଇବା ସଙ୍ଗେ ସଙ୍ଗେ ସେମାନଙ୍କ ପ୍ରଶ୍ନ ର ଉତ୍ତର ଦେଇଥିଲେ । ଅପରାହ୍ନ ରେ ଡଂ ସୀମାନ୍ତ ମହାନ୍ତି ଇମୋସନାଲ ଇଂଣ୍ଟେଲିଜେନ୍ସ ସଂବନ୍ଧୀୟ ଦୀକ୍ଷାନ୍ତ ଭାଷଣ କର୍ମଶାଳା ରେ ଉପସ୍ଥାପନ କରିଥିଲେ । କର୍ମଶାଳା ର ଦ୍ୱିତୀୟ ଦିବସ ରେ ଅନୁଷ୍ଠାନ ର ନୀର୍ଦ୍ଦେଶକ ପ୍ରୀତମ୍ ପୁରକାୟସ୍ଥ ସ୍ୱାଗତ ଭାଷଣ ଭିଡିଓ କନ୍ଫରେନ୍ସ ମାଧ୍ୟମ ରେ ଅନୁଷ୍ଠାନ ର କାର୍ଯ୍ୟ ଖସଡା, ଉପାଦେୟତା ଏବଂ ଇସ୍ପାତ ଶିଳ୍ପ ବିଷୟ ରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ । ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ର ପ୍ରଫେସର ସତ୍ୟପ୍ରିୟ ଶତପଥୀ କର୍ମଶାଳା ସଂଚାଳନ କରିଥିଲେ ।

## ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ

# ୧୫୦୦ ରୁ ଅଧିକ ଭୋଟର ହେଲେ ଅତିରିକ୍ତ ବୁଥ ବ୍ୟବସ୍ଥା

ପୁରୀ (ସବ୍ୟୁ): ଚଳିତ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳା ର ସହ ପରିଚାଳନା ପାଇଁ ପୁରୀ ଜିଲ୍ଲ ପ୍ରଶାସନ ସମସ୍ତ ବ୍ୟବସ୍ଥା ଗ୍ରହଣ କରିଛି ବୋଲି କହିଛନ୍ତି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ ପି ପିନାକ ମିଶ୍ର । ସର୍କିଟ ହାଉସ ଠାରେ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ବିଷଦ ସୂଚନା ଦେଇ ଉଭୟ ଜିଲ୍ଲାପାଳ ଓ ଏସ ପି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶିକା ଆଧାରରେ ନିର୍ବାଚନ ପରିଚାଳିତ ହେଉଥିବାରୁ କୌଣସି ଅବହେଳା କୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରି ଦେଇଥିଲେ । ନିର୍ବାଚନ ତାରିଖ ଘୋଷଣା ହେବା ସହ ଆଦର୍ଶ ଆଚରଣ ବିଧି ଲାଗୁ ହୋଇ ଥିବାରୁ ସମସ୍ତ ରାଜନୈତିକ ହୋଡିଂ ପୋଷ୍ଟର, ବ୍ୟାନର ଇତ୍ୟାଦି କୁ ଅପସାରଣ ଚାଲିଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୩ଟି ଲେଖାଏଁ ଫ୍ଲାଇଙ୍ଗ ସ୍କ୍ୱାର୍ଡ କାର୍ଯ୍ୟ କରିବାକୁ ଥିବା ବେଳେ



ବିଗତ ନିର୍ବାଚନର ତଥ୍ୟ ଆଧାର ରେ କାକଟପୁର ଓ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ରେ ଅତିରିକ୍ତ ଗୋଟିଏ ଲେଖାଏଁ ଏହି ଭଳି ଜିଲ୍ଲାରେ ମୋଟ ୨୦ ଟି ଫ୍ଲାଇଙ୍ଗ ସ୍କ୍ୱାର୍ଡ ନିର୍ବାଚନଘୋଷଣା ହେବା ଠାରୁ କାର୍ଯ୍ୟ ରେ ନିୟୋଜିତ ଅଛନ୍ତି । କମିଶନଙ୍କ ନିର୍ଦ୍ଦେଶ ଅନୁସାରେ କୌଣସି ବୁଥରେ ଶତକଡା ୯୦ ଭାଗରୁ ଅଧିକ ମତଦାନ, ୧୦ ଭାଗରୁ କମ ମତଦାନ,କୌଣସି ପ୍ରାର୍ଥୀ ଙ୍କ ସପକ୍ଷରେ ୭୫ ଭାଗରୁ ଅଧିକ ମତଦାନ ହୋଇଥିବ, ରିପୋଲ ବା ପୁନଃ ମତଦାନ ହୋଇଥିବ, ପୂର୍ବ ନିର୍ବାଚନରେ ବୁଥରେ ଗଣ୍ଡଗୋଳ ହୋଇଥିବ କିମ୍ବା ଅନୁପସ୍ଥିତ, ମୃତ, ସ୍ଥାନାନ୍ତର ଭୋଟର ଙ୍କ ସଂଖ୍ୟା ଅଧିକ ହୋଇଥିବ ତେବେ ତାହାକୁ କ୍ରିଟିକାଲ ବୁଥ ଭାବେ ଚିହ୍ନଟ କରାଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ । ସୁରକ୍ଷା ବ୍ୟବସ୍ଥା ପାଇଁ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ସହ ପୋଲିସ ବାହିନୀ କାର୍ଯ୍ୟ କରୁଛି । ନିର୍ବାଚନରେ ସ୍ୱଚ୍ଛତା ପାଇଁ ଶତକଡା ୬୦ ଭାଗ ବୁଥ ରେ ୱେବ କାଷ୍ଟିଂ,ଅନ୍ୟ ବୁଥ ରେ ମାଇକ୍ରୋ ଅବଜରଭର ଓ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ ହେବେ । ବିଭିନ୍ନ ଅଭିଯୋଗ ପାଇଁ ସି ଭିଜିଲ, ନିୟନ୍ତ୍ରଣ କକ୍ଷ ୧୯୫୦ କାର୍ଯ୍ୟ କରୁଛି ବୋଲି ସେମାନେ କହିଥିଲେ । ଅପରପକ୍ଷରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ କୌଣସି ବୁଥ ରେ ସର୍ବାଧିକ ୧୫୦୦ ଭୋଟର ରହିବାର ବ୍ୟବସ୍ଥା ରହି ଥିବାରୁ ୧୦୬ ନିମାପଡା ବିଧାନସଭା ର ୩୫ ନମ୍ବର ବୁଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାୟାବର, ୧୦୭ ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ର ୪୧ ନମ୍ବର ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟ, ୭୫ ନମ୍ବର ସିଦ୍ଧ ମହାବୀର ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ,୯୧ ସରକାରୀ ଆଇଟିଆଇ ପୁରୀ, ୧୪୩ ବେଟ୍ରିକ୍ସ ବିଦ୍ୟାଳୟ ଓ ୧୦୮ ବ୍ରହ୍ମଗିରି ର ୪୦ ନମ୍ବର ବୁଥ ଗୋମୁଣ୍ଡିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକ ରେ ୧୫୦୦ରୁ ଅଧିକ ଭୋଟର ରହିଥିବାରୁ ସେଠାରେ ଗୋଟିଏ ଗୋଟିଏ ଅତିରିକ୍ତ ବୁଥ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝି, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ମନୀଷା ଷଡ଼ଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ,ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ଏକ ବଳାତ୍କାର ମାମଲାର ବିଚାରଣା କରି ବ୍ରହ୍ମପୁର ଫାଷ୍ଟଟ୍ରାକ ପୋକସୋ ଅଦାଲତର ବିଚାରପତି ଉପଯୁକ୍ତ ପ୍ରମାଣ ଥିବା ଦର୍ଶାଇ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ଜଣଙ୍କ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବାଲିଆସରା ଗ୍ରାମର କାଳିଆ ବିଶ୍ୱାଳ(୩୨) । କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜୋରିମନା ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି । ଜୋରିମନା ଅନାଦେୟ ଅତିରିକ୍ତ ୮ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ପିଡାତାଙ୍କୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ, କେ . ନୂଆଗାଁ ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟ ନାବାଳିକାଙ୍କୁ ନାଟକ ଶିକ୍ଷା ଦେବେ ବୋଲି ଅଭିଯୁକ୍ତ କାଳିଆ ତାଙ୍କ ପରିବାର ଲୋକଙ୍କୁ କହିଥିଲେ । ଏପରିକି ନାକଟ ପରିବେଷଣ କଲେ କିଛି ପାରିଶ୍ରମିକ ଦେବ ବୋଲି କହି ନାବାଳିକାଙ୍କୁ ନିଜ ସାଙ୍ଗରେ ନେଇଥିଲେ । କିଛି ଦିନ ପରେ ଅଭିଯୁକ୍ତ କାଳିଆ ପିଡିତା ନାବାଳିକାଙ୍କୁ ଆସିକା ଅଞ୍ଚଳରେ ଏକ ଭଡା ଘରେ ରଖି ତାଙ୍କ ଇଛା ବିରୋଧରେ ବଳାତ୍କାର କରିଥିଲେ । ଏ ନେଇ ୨୦୨୧ ଏପ୍ରିଲ ୨୧ରେ ପିଡ଼ିତା ଜଣଙ୍କ ସେଠାରୁ କୌଶଳକ୍ରମେ ଖସି ଆସିଥିଲେ । ଏ ନେଇ କେ. ନୂଆଗାଁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ କାଳିଆଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା । କିଛି ଦିନ ପରେ ସେ ଜାମିନରେ ମୁକୁଳିଥିଲେ । ମାମଲାର ବିଚାରଣା ବେଳେ ମୋଟ ୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଦାଲତର ବିଚାରପତି ଗଣେଶ୍ୱର ପତି ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରି ମକଦ୍ଦମା ପରିଚାଳନା କରୁଥିଲେ ।

# ଅଳିଆ ଉଠାଇବା ଦାବିରେ ରାସ୍ତାରୋକ

ବ୍ରହ୍ମପୁର, (ସବ୍ୟୁ): କିଛି ଦରକାର ନାହିଁ । ସାହି ମଧ୍ୟରୁ ଅଳିଆ ବାହାର କରାଯାଉ ଓ ଏଠାରେ ପକା ନଯାଉ ଏହି ଆମର ଦାବି । ଆଉ ଆମେ ମାନେ ଏହି ଦୁରୁଗନ୍ଧରୁ ମୁକ୍ତି କର ନହେଲେ ଆମେ ରାସ୍ତାରୁ ଉଠିବୁ ନାହିଁ । ଏପରି କହି ଆସିକା ଠାରୁ ବ୍ରହ୍ମପୁର ମୁଖ୍ୟ ରାସ୍ତା ରୋକ କରିବା ସହ ପ୍ରତିବାଦ କରିଥିଲେ । ଏପରି ଏକ ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁରର ସହରରେ । ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ ହେବ ୫ ନମ୍ବର ୱାଡ଼ରର ଗ୍ରାମଦେବୀ ସାହି ବାସିନ୍ଦା ସେଠାରେ ରହି ଆସୁଛନ୍ତି । ଦିନକୁ ଦିନ ସାହି ମଝିରେ ଥିବା ଜଣକ ଜାଗାରେ ବ୍ରହ୍ମପୁର ମହାନଗର ନିଗମ କର୍ତୃପକ୍ଷ ସେଠାରେ ୪ ଟି ୱାଡ଼ର୍ ଅଳିଆ ଆବର୍ଜନା ଆଣି ସେଠାରେ ପକାଉଛନ୍ତି। ଯାହା ଫଳରେ ସେଠାରୁ ଦୁର୍ଗନ୍ଧ ବାହାରିବା ସହ ଅପରିଷ୍କାର ପରିବେଶ ରହୁଛି । ଏପରି ଦୁର୍ଗନ୍ଧରେ ପିଲାମାନଙ୍କୁ ବିଭିନ୍ନ ସମୟରେ ରୋଗା ହେବାରେ ପୁର୍ବରୁ ଦେଖିବାକୁ ମିଳିଛି। ଏହା ସହ ସହର ମଧ୍ୟକୁ ସଞ୍ଚାଗ କରୁଛି । ରାସ୍ତାରେ ଗଲା ବେଳେ ଦୁର୍ଗନ୍ଧରେ ନାକ ଫାଟି ଯାଉଛି । ଏନେଇ ମହାନଗର ନିଗମ କୁ ବହୁବାର ଅଭିଯୁଗ କରିଥିଲେ ମଧ୍ୟ କେହି କର୍ଣ୍ଣ ପାତ କରିନଥିଲା । ଏହାସହ ବର୍ଷା ହେଲେ ଯେଉଁ ଭଳି ଦୁର୍ଗନ୍ଧ ବାହାରୁଛି ତାହା କହି ହେଉନି କାହିଁକି ନା ନିଜେ ନଦେଖିଲେ ଜାଣି ପାରିବେନି । ସେଥିପାଇଁ ମଙ୍ଗଳବାର ସକାଳୁ ସକାଳୁ ସେହିଠାରେ ପ୍ରତିବାଦ କରିଥିଲେ । ହେଲେ କେହି କର୍ଣ୍ଣପାତ କରିନଥିଲା । ସାହି ବାସିନ୍ଦା ରାଗିଯାଇ



ବ୍ରହ୍ମପୁର ଠାରୁ ଆସିକା ମୁଖ୍ୟ ରାସ୍ତା ଅବରୋଧ କରିବା ନିମନ୍ତେ ବିନାୟକ ଆଚାର୍ଯ୍ୟ ହାଇସ୍କୁଲ ଛକରେ ପହଞ୍ଚି ପ୍ରତିବାଦ କରିବା ସହ ରାସ୍ତା ଅବରୋଧ କରିଥିଲେ । ଘଟଣାର ଖବର ପାଇଁ ବଡ଼ ବଜାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସହ ଟାଉନ୍ ସଡିପିଓ ଘଟଣା ସ୍ଥଳରେ ପହଞ୍ଚି ସାହି ବାସିନ୍ଦାଙ୍କୁ ବୁଝାସୁଝା କରିଥିଲେ। ପ୍ରାୟ ଏକ ଘଣ୍ଟା ରାସ୍ତା ରୋକ ରହିଥିବା ବେଳେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା । ଏହାପରେ ମହାନଗର ନିଗମର କମିଶନର ପହଞ୍ଚି ଲୋକ ମାନଙ୍କର ଦାବି ଶୁଣିଥିଲେ । ସନ୍ଧ୍ୟା ସୁଦ୍ଧା ସେଠାରୁ ଅଳିଆ ଆବର୍ଜ୍ଜନା ବାହାର କରି ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରାଯିବ ଏହା ସହ ସେଠାରେ ଆଉ କେହି ପକାଇବେ ନାହିଁ । ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା । ଏହାପରେ ଅଞ୍ଚଳବାସୀ କହିଥିଲେ ଯେ ଆମର ଦାବି ଆସନ୍ତା କାଲି ପୁରାଣ ନହେଲେ ଆଗାମୀ ଦିନରେ ବଡ଼ ଧାରଣର ପ୍ରତିବାଦ କରାଯିବ ନେଇ ଚେତାବନୀ ଦେଇଛନ୍ତ

# ବିଜେପିର ୮ ମିଡିଆ ସେଣ୍ଟର

ବ୍ରହ୍ମପୁର, (ସବ୍ୟୁ): ଆଗାମୀ ସାଧାରଣ ନିର୍ବାଚନ – ୨୦୨୪ (ଉଭୟ ଲୋକସଭା ଓ ବିଧାନସଭା) ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତୀୟ ଜନତା ପାର୍ଟି ଓଡ଼ିଶା ପ୍ରଦେଶ ପକ୍ଷରୁ ରାଜ୍ୟରେ ୮ଟି ମିଡ଼ିଆ ସେଣ୍ଟର୍ ଗଠନ କରାଯାଇଛି । ଏଥି ମଧ୍ୟରୁ ବ୍ରହ୍ମପୁର, ଆସ୍କା ଏବଂ କନ୍ଧମାଳ ତିନୋଟି ସଂସଦୀୟ କ୍ଷେତ୍ରକୁ ନେଇ ବ୍ରହ୍ମପୁର ଜୋନ୍ ମିଡ଼ିଆ ସେଣ୍ଟର୍ ରହିଛି । ଭାରତୀୟ ଜନତା ପାର୍ଟି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ରାଜ୍ୟ ନିର୍ବାଚନ ମିଡ଼ିଆ ପରିଚାଳନା କମିଟିର ଦାୟୀତ୍ୱରେ ଥିବା ରାଜ୍ୟ ପ୍ରବକ୍ତା ସଜ୍ଜନ୍ ଶର୍ମା ବ୍ରହ୍ମପୁର ଜୋନ୍ ମିଡ଼ିଆ ସେଣ୍ଟର୍‌ର ସଂଯୋଜକ ଭାବେ ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲାର ବରିଷ୍ଠ ନେତା ସୁନିଲ କୁମାର ସାହୁଙ୍କୁ ଦାୟୀତ୍ୱ ପ୍ରଦାନ କରିଛନ୍ତି ଏବଂ ପ୍ରଭାରୀ ଭାବେ ରାଜ୍ୟ ପ୍ରବକ୍ତା ଅନିଲ ବିଶ୍ୱାଳ ରହିଛନ୍ତି। ପୂର୍ବରୁ ସୁନିଲ କୁମାର ସାହୁ ବ୍ରହ୍ମପୁର ମହାନଗରର ଭାରତୀୟ ଜନତା ଯୁବମୋର୍ଚ୍ଚା ସଭାପତି ଠୁ ଆରମ୍ଭ କରି ଗଞ୍ଜାମ ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ, ଜିଲ୍ଲା ଉପସଭାପତି ସହ ଜିଲ୍ଲା ମିଡ଼ିଆ ପ୍ରଭାରୀ ଦାୟୀତ୍ୱ ସୁଚାରୁରୂପେ ତୁଲାଇସାରିଛନ୍ତି । ତାଙ୍କ ଉପରେ ଆସ୍ଥା ପ୍ରକଟ କରି ତିନି ତିନୋଟି ଲୋକସଭା କ୍ଷେତ୍ରକୁ ନେଇ ଗଠିତ ବ୍ରହ୍ମପୁର ଜୋନ୍ ମିଡ଼ିଆ ସେଣ୍ଟର୍ ସଂଯୋଜକ ଭାବେ ଗୁରୁ ଦାୟୀତ୍ୱ ଦେଇଥିବାରୁ ଶ୍ରୀ ସାହୁ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲ,କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ,ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି,ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ,ରାଜ୍ୟ ନିର୍ବାଚନ ମିଡ଼ିଆ ପରିଚାଳନା କମିଟିର ଦାୟୀତ୍ୱରେ ଥିବା ରାଜ୍ୟ ପ୍ରବକ୍ତା ସଜ୍ଜନ୍ ଶର୍ମା,ରାଜ୍ୟ ପ୍ରବକ୍ତା ସୁଜିତ କୁମାର ଦାଶ,ପୂର୍ବତନ ଗଞ୍ଜାମ ଜିଲ୍ଲା ସଭାପତି ବିଭୂତି ଭୂଷଣ ଜେନା,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି,ସରୋଜ ସାବତ,ଜିଲ୍ଲା ସଭାପତି ଡ଼ା.ସୁବାସ ସାହୁଙ୍କ ସମେତ ରାଜ୍ୟ ଏବଂ ଜିଲ୍ଲା ନେତୃବୃନ୍ଦଙ୍କ ଠାରେ ଧନ୍ୟବାଦ ସହ କୃତଜ୍ଞତା ଜଣାଇଛନ୍ତି ।

# ବିପଦସଂକୁଳ ମୁକୁଳା ଟ୍ରାନ୍ସଫରମର

ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକ ଅନ୍ତର୍ଗତ ଶରଧାପୁର ଗାଁ ମଝିରେ ରହିଛି ଟ୍ରାନ୍ସଫର ଯାହା ବିପଦ ଶଙ୍କୁଳ ଅବସ୍ଥାରେ ରହିଛି । ୫୯ ନମ୍ବର ରାଜପଥ ରୁ ଆରମ୍ଭ ହୋଇ ଟିଟିଣାପଲ୍ଲୀ ଦେଇ ବାହାର ପୁରକୁ ସଂଯୋଗ ହୋଇଛି ଏହି ରାସ୍ତା ଟି । ହଜାର ହଜାର ଲୋକଙ୍କ ଯାତାୟତ ସାଙ୍ଗକୁ ଗ୍ରାମର ଲୋକମାନେ ମଧ୍ୟ ଯାତାୟତ ହେଉଥିବା ବେଳେ ଗ୍ରାମବାସୀ ଏବେ ଚିନ୍ତାରେ କାଳେ କେବେ କିଏ ଟ୍ରାନ୍ସଫର ବିଦୂତ ସଂସ୍ପର୍ଶରେ ଆସି ଜୀବନ ଚାଲିଯିବ । ଏ ବିଷୟରେ ଆର. ଡ଼ି, ଜେଇ ଓ ଏସଡ଼ିଓ ଙ୍କ ସହ ଯୋଗାଯୋଗ ପରେ ସେ ଭୁବନେଶ୍ୱର ଅଫିସର ରେ ଇଷ୍ଟମେଣ୍ଟ ୧୪/୧୫ ଲକ୍ଷ୍ୟ ଖର୍ଚ୍ଚ ହେବ ବୋଲି କହିବା ସହ ତୁମେ ଜାଗା ନିର୍ଣ୍ଣୟ କର ସ୍ଥାନାନ୍ତର କରିବା କହି ରୋଡ଼ କାମ ଶେଷ କରିଛନ୍ତି । କିନ୍ତୁ ଏପଟେ ନିଜେ ଶରଧାପୁର ଗ୍ରାମବାସୀ ମାନେ ବିଦ୍ୟୁତ ବିଭାଗ ଆସ୍କା ଏକକୁନଙ୍କୁ ଲିଖିତ ଭାବେ ଦିଆ ଯାଇଥିଲେ ମଧ୍ୟ କାଗଜପତ୍ରରେ ରହି ଯାଇଛି । ଯଦି ଟ୍ରାନ୍ସଫରମର ଟି କୁ ଅନ୍ୟ ଜାଗାକୁ ସ୍ଥାନାନ୍ତର ନକରା ଯାଏ ସେହି ପ୍ଲଟରେ ନୃତନ ଘର ତିଆରି ରେ ଓ ଗମନଗମନରେ ବାଧା ସୃଷ୍ଟି ହେଉଥିବା ଗ୍ରାମବାସୀ କହିଛନ୍ତି । ଏପଟେ ଟ୍ରାନ୍ସଫରମରଟିକୁ ସ୍ଥାନାନ୍ତର କାରିବାକୁ ଜାଗା ମଧ୍ୟ ଦିଆଯାଇଛି । କିନ୍ତୁ ଗୁହାରି କିଏ ଶୁଣିବ ତାହା କୁ ନେଇ ଏବେ ଚିନ୍ତାରେ ଗ୍ରାମବାସୀ ଏପଟେ ଚାରୋଟି ବାଉଁଶରେ ସେପ୍ଟି ବାଡ଼ କରି ମିଛ ପ୍ରତିଶୃତି ଦେଇ ଚାଲିଛନ୍ତି । ବିଦ୍ୟୁତ ବିଭାଗ କର୍ତୃପକ୍ଷ ଦରଖାସ୍ତ ଟିକୁ ରିସିଭ କରିବା ର ଦୁଇ ମାସ ବିତିଗଲେ ମଧ୍ୟ ଖାଲି ସାନ୍ତନା ଦେଇ ଚାଲିଛନ୍ତି । ସାନ୍ତନା ଯେବେ ଗ୍ରାମବାସୀଙ୍କ ମୁଣ୍ଡରେ ଓଲଟା ପ୍ରଶ୍ନ ସୃଷ୍ଟି କରିବ ପରେ କିଏ ଦାୟୀ ରହିବ । ଯଥାଶୀଘ୍ର ଏହି ଟ୍ରାନ୍ସଫରଟିକୁ ଅନ୍ୟ ଜାଗାକୁ ସ୍ଥାନାନ୍ତର କିଏ କରିବ ତାହାକୁ ଗ୍ରାମବାସୀଙ୍କ ଅପେକ୍ଷା ଯଦି ଏହାର କାର୍ଯ୍ୟାନୁଷ୍ଠାନ ଯଥାଶୀଘ୍ର ଗ୍ରହଣ କରା ନଯାଏ ଆଗାମୀ ଦିନରେ ଗ୍ରାମବାସୀଙ୍କ ସହଯୋଗରେ ମୁଖ୍ୟ ରାସ୍ତା ଅବରୋଧ କାରବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି ।

# ମେଘ ଆସିଲେ ବିଜୁଳି ଉଭାନ

ବୁଗୁଡ଼ା, (ସବ୍ୟୁ): ମେଘ ଆସିଲେ ଉଭାନ ହୋଇଯାଉଛି ବିଜୁଳି । ଟାଟା ପାୱାରର ୨୪ ଘଣ୍ଟିଆ ବିଜୁଳି ଯୋଗାଣ ଘୋଷଣା ବୁଗୁଡ଼ାରେ ପ୍ରହସନ ପାଲଟିଛି । ଖରା ଦିନେ ନିୟମିତ ବିଜୁଳି ଯୋଗାଣ ପାଇଁ ଟାଟା ପାୱାର ମାସେ ତଳୁ ମେଣ୍ଟନାନ୍ସ ନାମରେ ବହୁବାର ବିଦ୍ୟୁତ କାଟ କରି ନୂଆଁ ପୋଲ ପୋତିବା ସହ ତାର ମଧ୍ୟ ବଦଳାଇ ଥିଲେ । ଲୋକେ ଆଶା କରିଥିଲେ ଏଥର ବର୍ଷା ବିଜୁଳି ହେଲେ ମଧ୍ୟ ବିଦ୍ୟୁତ୍ ଯୋଗାଣ ବନ୍ଦ ହେବନି । କିନ୍ତୁ, ଲୋକଙ୍କ ଆଶା ପାଣି ଫୋଟକା ପାଲଟିଗଲା । କାରଣ ଶନିବାର ଦିନ ଅପରାହ୍ଣ ସମୟରେ ବର୍ଷା ସାଙ୍ଗକୁ ଘଡ ଘଡି ହେବାରୁ ଅପରାହ୍ଣ ଚାରିଟାରୁ ବିଦ୍ୟୁତ ଚାଲିଗଲା ଯେ ରାତି ସାଢେ ଗୋଟାଏରେ ଆସିଲା । ରବିବାର ଦିନ ମଧ୍ୟ ଚାଲିଲା ବିଜୁଳିର ଲୁଚକାଳି ଖେଳା ଆଉ ଆଜି ସାମାନ୍ୟ ବର୍ଷାରେ ମଧ୍ୟ ସେହି ଏକା ଅବସ୍ଥା । ଘନ ଘନ ବିଦ୍ୟୁତ ବିଭ୍ରାଟ ଯୋଗୁଁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଥିବା ବେଳେ ବିଦ୍ୟୁ ଉପରେ ନିର୍ଭର କରି ବ୍ୟବସାୟ କରୁଥିବା ଲୋକେ ରୋଜଗାର ହରାଉଛନ୍ତି । ବୁଗୁଡ଼ା ଅଞ୍ଚଳରେ ଏବେ ବିଦ୍ୟୁତର ଲୁଚକାଳି ଖେଳକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ମରାମତି ଆଳରେ ଘୋଷିତ ବିଦ୍ୟୁତ୍ କାଟଠୁ ଅଘୋଷିତ ବିଦ୍ୟୁତ୍ କାଟ ବଳି ପଡିଛି । ବିଦ୍ୟୁତ୍ ଉପରେ ଭରସା ରଖି କୌଣସି କାମ କରି ହେଉନାହିଁ । ଫଳରେ ବିଦ୍ୟୁତ୍ ଉପଭୋକ୍ତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଫିସ କାମରେ ଆସିଥିବା ଲୋକେ ଜେରକ୍ସ ଖଣ୍ଡିଏ ପାଇଁ ଦୋକାନ ଆଗରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ପରୀକ୍ଷା ବେଳରେ ବିଦ୍ୟୁତର ଲୁଚକାଳି ଖେଳ ପରୀକ୍ଷାର୍ଥୀଙ୍କ ପାଇଁ କାଳ ସାଜିଛି। କେଉଁ କାରଣରୁ ବିଦ୍ୟୁତ୍ କାଟ ହେଉଛି ତାହା ଜଣାଇବାକୁ ବିଦ୍ୟୁତ୍ ବିଭାଗ କର୍ମଚାରୀ ଏବଂ ଅଧିକାରୀ କୁଣ୍ଠାବୋଧ କରୁଛନ୍ତି । ଅଧିକାଂଶ ସମୟରେ ଚାରିମାଇଲ ବିଦ୍ୟୁତ ଷ୍ଟ୍ରକଚର ଠାରୁ ବାଲିପଦର ମଧ୍ୟରେ ବିଭ୍ରାଟ ହେଉଥିବା ବିଦ୍ୟୁତ ବିଭାଗ ସଫେଇ ଦେଉଥିଲେ ହେଁ ଏହାର ସମାଧାନ ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନି । ପ୍ରତି ପୋଲରେ ଆଣ୍ଟି ଲାଇଟନିଙ୍ଗ ଡିଭାଇସ ଲାଗିବା କଥା ହେଲେ ଏହା ଉପରେ ଗୁରୁତ୍ୱ ଦିଆଯାଉ ନଥିବାରୁ ବିଜୁ ବିଜୁଳି ମାରିଲେ ଇନସୁଲେଟର ଫାଟି ଯାଉଛି। ଏହି ଫଲଟ୍ ଖୋଜିବାକୁ ଘଣ୍ଟା ଘଣ୍ଟା ସମୟ ଲାଗୁଛି । ନୂଆଁ ତାର ଲଗାଯାଉ ନଥିବାରୁ ଅଧିକାଂଶ ସମୟରେ ତାର ଛିଣ୍ଡି ଯାଉଛି । ଚାରିମାଇଲ ବିଦ୍ୟୁତ ଷ୍ଟ୍ରକଚର୍ ଠାରୁ ବୁଗୁଡ଼ାର ଦୂରତା ପ୍ରାୟ ୨୫ କିଲୋମିଟର ହେଉଥିବାରୁ ଫଲଟ ଖୋଜିବାରେ କଷ୍ଟ ସାଧ ହେଉଥିବା ବିଭାଗ କହୁଥିବା ବେଳେ ଏହାର ସମାଧାନ ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବିଜେପି ନେତାଙ୍କ ଭିଡ



ବ୍ରହ୍ମପୁର, (ସବ୍ୟୁ): ଭାରତୀୟ ଜନତା ଯୁବମୋର୍ଚ୍ଚା ଗଞ୍ଜାମ ଜିଲ୍ଲା ପକ୍ଷରୁ ନମୋ ଏଗେଇନ୍ ହଙ୍ଗାମା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୂର୍ବାହ୍ନରେ ଭାରତୀୟ ଜନତା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଟୁଟୁନ୍ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଗଙ୍ଗାଧର ଶତପଥି, ଜିଲ୍ଲା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁନିଲ ପାତ୍ର ପ୍ରମୁଖ ଉପସ୍ଥିତ ରହି ମାଣ୍ଡିଆପଲ୍ଲୀ ଡ଼ିଫେନ୍ସ କଲୋନୀ (ପ୍ରେମ୍ ସଂସ୍ଥା) ନିକଟସ୍ଥ ଖେଳ ପଡ଼ିଆ ଠାରେ ଉଦଘାଟନ କରିଥିଲେ । ରମ୍ଭା ଏବଂ ଅଲ୍ଲୀପୁର ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଅଲ୍ଲୀପୁର ଦଳ ବିଜୟୀ ହେଇଥିଲେ । ଅପରାହ୍ନରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଗଞ୍ଜାମ ଜିଲ୍ଲାର ପୂର୍ବତନ ସଭାପତି ବିଭୂତି ଭୂଷଣ ଜେନା, ଜିଲ୍ଲା ସଭାପତି ଡ଼ା.ସୁବାସ ସାହୁ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏଲ. ମୋହନ ଦାସ, ଏନ.ଗଙ୍ଗାଧର, ସର୍ମିତିସଭ୍ୟ ଚଣ୍ଡି ଚରଣ ସାହୁ, କୃଷ୍ଣ ନାୟକ, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ କେ.ରବି ରାଓ, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସମ୍ପାଦକ ସୋମନାଥ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଗଞ୍ଜେଇ ସହ ବାଇକ୍ ଜବତ : ଯୁବକ ଓ ମହିଳା ଗିରଫ

ବାଲିଗୁଡ଼ା, (ସବ୍ୟୁ): ଗଞ୍ଜେଇ ଚୋରା ଚାଲାଣ ବେଳେ ପୋଲିସ୍ ପଞ୍ଝାରେ ଜଣେ ଯୁବକ ଓ ଜଣେ ମହିଳା ଗଞ୍ଜେଇ ମାଫିଆ । ପାଞ୍ଚ କେଜି ଓଜନର ଗଞ୍ଜେଇ ସହ ମୋଟରସାଇକେଲ ଜବତ କରିଛି ପୋଲିସ୍ । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ପୋଲିସ୍ ପାଟ୍ରୋଲିଂ କରୁଥିବା ବେଳେ ପୋଲିସକୁ ଦେଖି ଏକ ମୋଟରସାଇକେଲ ଯୋଗେ ଯାଉଥିବା ଯୁବକ ମହିଳା ଦ୍ରୁତ ଗତିରେ ଯିବାକୁ ଲାଗିଲେ । ପେଟ୍ରୋଲିଂ କରୁଥିବା ପୋଲିସ ମାନେ ମୋଟର ସାଇକେଲକୁ ପିଛା କରି ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁରୁବାଲି ନିକଟରେ ମୋଟର ସାଇକେଲକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ସେମାନଙ୍କ ନିକଟରୁ ୫ କେଜି ଓଜନର ଗଞ୍ଜେଇ ସହ ମୋଟରସାଇକେଲ ଜବତ ହୋଇଥିବା ଜଣାପଡ଼ିଛି। ଗିରଫ ଦୁଇଜଣଙ୍କ ମଧ୍ୟରୁ ଯୁବକ ଜଣକ ରାୟଗଡ଼ା ଜିଲ୍ଲା କାଶିପୁର ଥାନା ଅଞ୍ଚଳର ବନ ନାୟକ ହୋଇଥିବା ବେଳେ ମହିଳା ଜଣକ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ଦୁର୍ଗାପ୍ରସାଦ ଗ୍ରାମର ମାନିନୀ ମାଝୀ ହୋଇଥିବା ଜଣାପଡ଼ିଛି । ଜି.ଉଦୟଗିରି ଅଞ୍ଚଳରୁ ଗଞ୍ଜେଇ ନେଇ ରାୟଗଡ଼ା ଅଭିମୁଖେ ମୋଟରସାଇକେଲ ଯୋଗେ ଯାଉଥିବା ବେଳେ ବାଲିଗୁଡ଼ା ଥାନା ସୁରୁବାଲି ନିକଟରୁ ଗିରଫ କରିଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି।

# ସମାଜସେବୀ ନିରୋଜ ପୋଥାଳଙ୍କ ମାତୃ ବିୟୋଗ



ବାରିପଦା, (ସବ୍ୟୁ) : ୱାଲିଗଞ୍ଜ ସ୍ଥିତ ବାସଭବନରେ ସମାଜସେବୀ ନିରୋଜ କୁମାର ପୋଥାଳଙ୍କ ମାତା ଲଳିତା ପୋଥାଳ ୭୬ବର୍ଷ ବୟସରେ ଇହଧାମ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କ ପୁତ୍ର ନିରୋଜଙ୍କ ସମେତ ପୁତ୍ର ବଧୂ ସରସ୍ୱତୀ ପୋଥାଳ, ନାତୁଣୀ ଓ ଦୁଇ ନାତି ଉପସ୍ଥିତ ଥିଲେ । ଖବର ପାଇ ସ୍ଥାନୀୟ କାଉନସିଲର ରାଜ ଗୁପ୍ତା, ସମାଜସେବୀ ସୋମନାଥ ସିଂହ, ପରିତୋଷ ଦାଶ, ବିଦ୍ୟାଧର ସାହୁ, ଭବାନୀ ବିଶ୍ୱାଳ, ବିଜୟଲକ୍ଷ୍ମୀ ନାୟକ, ମାନି ଗିରି, ତପସ୍ୱିନୀ ପଣ୍ଡା, ରାଜଲକ୍ଷ୍ମୀ ମିଶ୍ର, ନାରାୟଣ ସେବା ଟ୍ରଷ୍ଟର ସଭାପତି ବସନ୍ତ ମହାପାତ୍ର ଓ ସମ୍ପାଦକ ପ୍ରତାପେଶ୍ୱର ଦାଶ ସମେତ ସଭ୍ୟ/ସଭ୍ୟା ତଥା ଗ୍ରାମବାସୀ ତାଙ୍କ ବାସ ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ବାରୁଣୀ ସ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁତ୍ର ନିରୋଜ ମୁଖାଗ୍ନୀ ଦେଇଥିଲେ ।

# ପ୍ରଶାସନ ପକ୍ଷରୁ ପୋଷ୍ଟର ଓ ହୋର୍ଡିଂ ଉଚ୍ଛେଦ

ବାଲିଗୁଡ଼ା, (ସବ୍ୟୁ): ନିର୍ବାଚନ ତାରିଖ ଘୋଷଣା ପରେ ଏବେ ରାଜ୍ୟରେ ରାଜନୀତି ସରଗରମ ହୋଇଛି । ଏହି ପରିପ୍ରେକ୍ଷୀରେ ନିର୍ବାଚନକୁ କିଭଳି ସ୍ୱଚ୍ଛ ଓ ନିର୍ମଳ କରାଯିବ ସେଥିପାଇଁ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପ୍ରଶାସନ ପକ୍ଷରୁ ଏବେ ଠାରୁ ଆରମ୍ଭ ହେଲାଣି ପ୍ରସ୍ତୁତି । ପ୍ରଶାସନ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମିଳିତ ଭାବେ ବାଲିଗୁଡ଼ା ସହରର ବିଭିନ୍ନ ସର୍ବ ସାଧାରଣ ସ୍ଥାନରେ ଲାଗିଥିବା ଦଳୀୟ ପତାକା, ପୋଷ୍ଟର ଓ ହୋର୍ଡିଙ୍ଗକୁ ଉଚ୍ଛେଦ କରାଯାଉଛି । ଏଥିରେ ବାଲିଗୁଡ଼ା ତହସିଲଦାର ଡ.ବିଜୟ କୁମାର ସେଠୀଙ୍କ ସମେତ ଏନ୍ଏସି କର୍ମଚାରୀ ଓ ବାଲିଗୁଡ଼ା ଥାନା ପୋଲିସ୍ ସାମିଲ ହୋଇ ସହରର ବିଭିନ୍ନ ଛକ, ବସଷ୍ଟାଣ୍ଡ, ମେଡିକାଲ ଛକ ସହ ଗଳି କନ୍ଦି ବୁଲି ବୁଲି ଦଳୀୟ ପତାକା ସହ ହୋର୍ଡିଂ ଓ ପୋଷ୍ଟର ଗୁଡିକୁ ଉଛେଦ କରାଯାଇଛି ।

# ଯାତ୍ରୀବାହୀ ବସ୍‌କୁ ପିଟିଲା ପିକ୍‌ଅପ୍ ଚାଲିଗଲା ଡ୍ରାଇଭରଙ୍କ ଜୀବନ

ବାଲିଗୁଡା,(ସବ୍ୟୁ): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କଳିଙ୍ଗା–ଜି.ଉଦୟଗିରି ମଧ୍ୟରେ ଥିବା ମାଲାନସୁଗା ଛକ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ମିନି ବସ ସହ ଲୁହା ଛଡ଼ ବୋଝେଇ ମାକ୍ସ ପିକ୍ଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବସ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ଡ୍ରାଇଭର ହେଲେ ଆଦିକନ୍ଦ ପଣ୍ଡା। ସୂଚନାନୁଯାୟୀ, 'ସିଲକ ସଫାରୀ' ନାମକ ଯାତ୍ରୀବାହୀ ମିନି ବସ (ଓଆର – ୦୨ ଏକ୍ସ –୯୨୭୪) ଜି.ଉଦୟଗିରିରୁ ଫୁଲବାଣୀ ଅଭିମୁଖେ ଯାଉଥିଲା। ସେହିଭଳି ଲୁହା ଛଡ଼ ବୋଝେଇ ମାକ୍ସ ପିକଅପ ଭ୍ୟାନ (ଓଡି –୩୩–ଏଏ –୯୭୮୮) ଭୁବନେଶ୍ୱରରୁ ବାଲିଗୁଡ଼ା ଅଭିମୁଖେ ଆସୁଥିଲା। ଦିନ ଗୋଟାଏ ପାଖାପାଖି ଉଭୟ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବସ ଡ୍ରାଇଭର ଆଦିକନ୍ଦଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ଜି.ଉଦୟଗିରି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ହେଲେ ଭଞ୍ଜନଗର ପାଖାପାଖି ତାଙ୍କ ଅବସ୍ଥା ଗୁରୁତର ହୋଇଥିଲା। ପରେ ଭଞ୍ଜନଗର ହସ୍ପିଟାଲରେ ତାଙ୍କୁ ଦେଖାଇବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ମୃତ ଡ୍ରାଇଭର ଆଦିକନ୍ଦଙ୍କ ଘର ଜି.ଉଦୟଗିରି ସହରରେ। ଅପରପକ୍ଷେ ବସରେ ବସିଥିବା ଦଶରୁ ଊର୍ଦ୍ଧ୍ୱ ଯାତ୍ରୀ ମଧ୍ୟ ଆହତ ହୋଇଛନ୍ତି । ପିକଅପ ଭ୍ୟାନ୍ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଅଣାଯାଇ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଉଛି । ଦୁର୍ଘଟଣା ସ୍ଥଳରେ ଜି.ଉଦୟଗିରି ପୋଲିସ ଏସ୍ଆଇ ଅନନ୍ତ କୁମାର ପ୍ରଧାନ ଏବଂ ଟିମ୍ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲ ପହଞ୍ଚାଇବା ସହ ଘଟଣାର ତଦନ୍ତ କରୁଛନ୍ତି ।

# ନଡ଼ିଆ ଗଛରୁ ପଡ଼ି ଯୁବକ ମୃତ

ବାଲିଗୁଡ଼ା, (ସବ୍ୟୁ): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ନଡ଼ିଆ ତୋଳିବା ହୋଇଛି କାଳ । ଘର ନିକଟସ୍ଥ ନଡ଼ିଆ ଗଛରୁ ନଡ଼ିଆ ତୋଳିବା ବେଳେ ଗଛରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମୃତକ ତୁମୁଡ଼ିବନ୍ଧ ଥାନା ମାଳିପଡ଼ା ଅଞ୍ଚଳର ବାଦଲ ପରାସେଠ୍ ହୋଇଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ବାଦଲ ପରାସେଠ୍ ବେଲଘର ସ୍ଥିତ ବିଏସ୍ଏନ୍ଏଲ୍ ଟାୱାରରେ କାମ କରୁଥିଲେ । ସେ ରହୁଥିବା ଘର ନିକଟସ୍ଥ ଏକ ନଡ଼ିଆ ଗଛରୁ ନଡ଼ିଆ ତୋଳିବା ପାଇଁ ଗଛରେ ଚଢିଥିଲେ । ହେଲେ ଅସାବଧାନତା କାରଣରୁ ଗଛରୁ ତଳକୁ ଖସି ପଡ଼ିବାରୁ ଗୁରୁତର ଆହାତ ହୋଇଥିଲେ । ଗୁରୁତର ଅବସ୍ଥାରେ ବାଦଲଙ୍କୁ ପରିବାର ଲୋକେ ପ୍ରଥମେ ବେଲଘର ଡାକ୍ତରଖାନାକୁ ନେଇଥିଲେ ସେଠାରୁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଶେଷରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ ଡାକ୍ତର । ହେଲେ ବାଲିଗୁଡ଼ାରେ ଡାକ୍ତର ବାଦଲଙ୍କୁ ମୃତ ଘୋଷଣା କରିଛନ୍ତି।

# କନ୍ଧ କୁମ୍ଭାର ସମାଜର ବିଜୟ ଦିବସ

ବାଲିଗୁଡ଼ା,(ସବ୍ୟୁ): କନ୍ଧମାଳ ଜିଲ୍ଲା ବିଶିପଡ଼ାରେ କନ୍ଧକୁମ୍ଭାର ସମାଜର ବିଜୟ ଦିବସ ପାଳିତ ହୋଇଯାଇଛି । କନ୍ଧ କୁମ୍ଭାରକୁ ଆଦିବାସୀ ମାନ୍ୟତା ମିଳିବା ପରେ କନ୍ଧ କୁମ୍ଭାର ସଙ୍ଘ ପକ୍ଷରୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି । ଦୀର୍ଘ ୫୦ରୁ ଉର୍ଦ୍ଧ୍ୱ ବର୍ଷ ଏହି କନ୍ଧ କୁମ୍ଭାର ସଂଘ ଆଦିବାସୀ ମାନ୍ୟତା ପାଇବା ପାଇଁ ସଂଘର୍ଷ କରି ଆସୁଥିଲେ । ଏହି କାର୍ଯ୍ୟକ୍ରମରେ ଚାରିଗଡର ମୁଖ୍ୟ କାର୍ଯ୍ୟକର୍ତ୍ତା ସମେତ ବହୁ କନ୍ଧ କୁମ୍ଭାର ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ । ସର୍ବ ପ୍ରଥମେ କନ୍ଧ କୁମ୍ଭାର ସମାଜର କୁଳ ଦେବୀ ଗଙ୍ଗା ମାତା ଓ ମାଆ ପାଟ୍ଟଖଣ୍ଡା ଓ ଜଗତର ନାଥ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । କନ୍ଧ କୁମ୍ଭାର ସମାଜ ଜିଲ୍ଲା ସଭାପତି ଅଜିତ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ବିଜୟକୁମାର ବେହେରା, ସମ୍ପାଦକ ତପନ ବେହେରା, କୋଷାଧକ୍ଷ ସୁରେନ୍ଦ୍ର ବେହେରା, ଯୋଗାଯୋଗ କର୍ତ୍ତା ଜୟନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି କନ୍ଧ କୁମ୍ଭାର ସମାଜ ଅବହେଳିତ ନିଷ୍ପେସିତ ଅବସ୍ଥାରେ ରହୁଥିବା ବେଳେ ସେମାନଙ୍କୁ ମୁଖ୍ୟ ସ୍ରୋତରେ ଆଣିବାରେ ନିଜର ହକ ଅଧିକାର ସାବ୍ୟସ୍ତ ଦାବୀ ଉପସ୍ଥାପନା ପାଇଁ ଯେଉଁ ମାନେ ମଙ୍ଗ ଧରିଥିଲେ । ସେହି ମାନଙ୍କ ନିଷ୍ଠା ଓ ଏକାଗ୍ରତା ଯୋଗୁଁ ଆଜି କନ୍ଧ କୁମ୍ଭାର ସଙ୍ଘ ସଫଳତା ପାଇଲା ବୋଲି ବକ୍ତା ମାନେ ନିଜ ବକ୍ତବ୍ୟ ରେ କହିଥିଲେ । ଆମନ୍ତ୍ରିତ ମୁଖ୍ୟ କାର୍ଯ୍ୟକର୍ତ୍ତା ନିଜ




ଅଭିଭାଷଣରେ କହିଥିଲେ ଏହି ସଫଳତାର ଶ୍ରେୟ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଦେଇଥିଲେ । ସମାଜ ରେ ପ୍ରଚଳିତ ଅନ୍ଧବିଶ୍ୱାସ କୁ ସଂସ୍କାର, ବାଲ୍ୟ ବିବାହ ଦୂରୀକରଣ ନିଶା ନିବାରଣ କରିବା ସହିତ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ରକ୍ତଦାନ ବୃକ୍ଷ ରୋପଣ ଆଦି ସାମାଜିକ କାର୍ଯ୍ୟକ୍ରମରେ ସମାଜ ନିଜକୁ ନିୟୋଜିତ କରିବା ପାଇଁ ସମୂହ ଶପଥ ପାଠ ହୋଇଥିଲା । ବାଲିଗୁଡ଼ା ଖେମୁଣ୍ଡଗଡ ରୁ ସଭପତି ପଙ୍କଜ ବେହେରା ଉପ ସଭାପତି ଦୀପକ କୁମାର ବେହେରା ସାଧାରଣ ସମ୍ପାଦକ ନୀଳ ମାଧବ ବେହେରା, ସଂପାଦକ ଭାବେ ଇନ୍ଦ୍ରଜିତ ବେହେରା, କୋଷାଧକ୍ଷ ରାମକୃଷ୍ଣ ବେହେରା, ମୂଖ୍ୟ ସଭ୍ୟ ମାର୍କଣ୍ଡ ବେହେରା ଓ ରଞ୍ଜିତ କୁମାର ବେହେରା । ମାତୃ ମଣ୍ଡଳୀର ସଭାନେତ୍ରୀ ମିଥିଳା ବେହେରା, ଉପ ସଭାପତି ତପସ୍ୱିନୀ ବେହେରା, ସମ୍ପାଦିକା ଆରତୀ ବେହେରା ଏବଂ ମୂଖ୍ୟସଭ୍ୟ ସରସ୍ୱତୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ । କନ୍ଧ କୁମ୍ଭାର ସମାଜ ର ମାଟିଆ କନ୍ଧ, କୁମ୍ଭାର ଗୁନା କୁମ୍ଭାର ମଧ୍ୟ ଆଦିବାସୀ ମାନ୍ୟତା ପାଇବେ ବୋଲି ସମାଜ ପକ୍ଷରୁ କୁହାଯାଇଛି । ଏହି କନ୍ଧ କୁମ୍ଭାର ସମାଜରେ ବାଲିଗୁଡ଼ାରୁ ଲଳିତ ଦେହୁରୀ, ପବିତ୍ର ପ୍ରଧାନୀ, ରଂଜନ ବିଶିମାଝି, ସୁନୀଲ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ । ସମିତିର ସଦସ୍ୟ ଆଦିତ୍ୟ ପାତ୍ର ଓ ନିରଞ୍ଜନ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଅଜଣା ରୋଗରେ ପୀଡ଼ିତ ହୋମଗାର୍ଡଙ୍କୁ ମିଳିଲା ସହାୟତା

କନ୍ଧମାଳ, (ସବ୍ୟୁ): କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନାରେ କାର୍ଯ୍ୟରତ ହୋମଗାର୍ଡ ବିନୋଦ ବିହାରୀ ପ୍ରଧାନ କିଛି ଦିନ ହେବ ଅଜଣା ରୋଗରେ ପୀଡିତ ଥିବାରୁ ତାଙ୍କୁ କନ୍ଧମାଳ ଜିଲା ହୋମଗାର୍ଡ ସଂଘ ପକ୍ଷରୁ ଶୁଖିଲା ଖାଦ୍ୟ ଏବଂ ମେଡ଼ିସିନ ବାବଦକୁ କିଛି ଟଙ୍କା ଆର୍ଥିକ ସହାୟତା କରିଛନ୍ତି। ସଦର ଥାନାର ସମସ୍ତ ଅଫିସର, କନେଷ୍ଟବଳ ହୋମଗାର୍ଡ କର୍ମଚାରୀ କିଛି କିଛି ଟଙ୍କା ଆଦାୟ କରି ରୋଗ ସଜ୍ଜାରେ ପୀଡିତ ଥିବା ବିନୋଦ ବିହାରୀ ପ୍ରଧାନଙ୍କ ବାସଭବନ ଠାରେ ଉପସ୍ଥିତ ରହି ସହାୟତା କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲା ହୋମଗାର୍ଡ ସଂଘ ସଭାପତି ପ୍ରଭାତ କୁମାର ସାହାଣୀ, ସଂଘ ଆବାହକ ବିରାଜ କୁମାର ପ୍ରଧାନ, ସମ୍ପାଦକ



ସପନ କୁମାର ମିଶ୍ର, କୋଷାଧକ୍ଷ ଶେଖ୍ ରିହାଜୁଦିନ୍, କାର୍ଯ୍ୟକାରୀ ସଭାପତି ଅଖୟ କୁମାର ରାୟ, ସଂଘ ସଦସ୍ୟ ସାଫରିନ ଖାନ୍, ଉପେନ୍ଦ୍ର ଭଞ୍ଜ, ପ୍ରତାପ କୁମାର ସାହାଣୀ, ସ୍ୱାଧିନ କୁମାର ଦିଗାଲ ପ୍ରମୁଖ ଉପସ୍ଥିତ ରହି ହୋମଗାର୍ଡ ବିନୋଦ ବିହାରୀ ପ୍ରଧାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମ କନ୍ଧମାଳ ଜିଲାର ସମସ୍ତ ହୋମଗାର୍ଡ ଭାଇ ଭଉଣୀ ମାନଙ୍କ ପାଇଁ ଲାଗୁ ରଖିବା ପାଇଁ ନିଷ୍ପତ୍ତି ନିଆଯାଇ ଥିବା ପ୍ରକାଶ କରିଛନ୍ତି ସଂଘ କର୍ମକର୍ତ୍ତା ।

# ଗାଡି ସହ ୩୫୦ କେଜି ଗଞ୍ଜେଇ ଜବତ : ଦୁଇ ଗିରଫ



କନ୍ଧମାଳ,(ସବ୍ୟୁ): କନ୍ଧମାଳ ବ୍ଲକ ଟିକରାପଡା ରାସ୍ତାରୁ ଅବକାରୀ ବିଭାଗ ଏକ ବୋଲେରୋ ପିକ- ଅପ ଗାଡି ସହ ୩୫୦ କେଜି ଗଂଜେଇ ଜବତ କରିଛି । ମାମଲାରେ ଗିରଫ ଦୁଇ ଗଞ୍ଜେଇ ବେପାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଆରକ୍ଷୀ ଅଧିକ୍ଷକ ଶାନ୍ତି ମାରାଣ୍ଡି କନ୍ଧମାଳ ଥାନା ଅନ୍ତର୍ଗତ ଟିକିରପଡା ଅଂଚଳରେ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କନ୍ଧମାଳ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଟିକିରାପଡା ଅଞ୍ଚଳରେ ଚଢାଉ କରିଥିଲା । ଟିକିରାପଡା ରାସ୍ତାରୁ ଓଡ଼ି-୦୩ ଏଏ ୭୧୨୬ ନମ୍ବର ବିଶିଷ୍ଟ ବୋଲେରୋ ପିକ- ଅପ ଗାଡି ସହ ୩୫୦ କେଜି ଗଞ୍ଜେଇ ଜବତ କରିଥିଲା । ଏହା ସହ ଗଞ୍ଜେଇ ଚାଲାଣ ଅଭିଯୋଗରେ ଦୁଇ ବେପାରୀଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବୌଦ୍ଧ ବ୍ଲକ ବହିରା ଗ୍ରାମର ମନୋଜ ବେହେରା ଓ ଭାଲିଆପଦର ଗ୍ରାମର ଅନନ୍ତ ଭୋଇ । ଏ ସଂକ୍ରାନ୍ତରେ କନ୍ଧମାଳ ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଘଟଣାରେ ସଂପୃକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ଚଢାଉରେ କନେଷ୍ଟବଳ ସଞ୍ଜୟ କୁମାର ସେଠି, ଆନନ୍ଦ ଚନ୍ଦ୍ର ମେହେର, ସୁକେସିଂ ଖୁଜୁର,ଓ ନିରଞ୍ଜନ ମଲ୍ଲିକ ସାମିଲଥିଲେ।ଏହା ସହ ଅଧିକ ତଦନ୍ତ ଜାରିରହିଥିବା କନ୍ଧମାଳ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ ସୂଚନା ଦେଇଛନ୍ତି ।

# ଭୋକ ପାଇଁ ୪ବର୍ଷର ପୁଅକୁ ପ୍ରଶାସନକୁ ଦାନ କରିଦେଲା

ରାୟଗଡା,(ସବ୍ୟୁ): କୋଭିଡ୍ ମହାମାରୀ ସମୟରେ ସ୍ତ୍ରୀ ଚାଲିଗଲା ଆରପାରିକୁ । ପରିବାରରୁ ସୁଖ ଶାନ୍ତି ଉଜୁଡିଗଲା । ମାନସିକତା ବିକୃତ ଝିଅ ଏବଂ ରାଜକୁମାର ପରିଥିବା ପୁଅର ଯତ୍ନ ନେବାକୁ ରହୁ କଷ୍ଟ ହୋଇଥିଲା। ଶେଷରେ ପେଟର ଭୋକ ପାଇଁ ଦୁଇ ସନ୍ତାନକୁ ପ୍ରଶାସନର ହାତକୁ ଟେକିଦେଇ ଚାଲିଗଲା ଦାଦନ। ମଙ୍ଗଳବାର ସେହି ସନ୍ତାନ ପଶ୍ଚିମବଙ୍ଗ ରାଜଧାନୀର ରାଜକୁମାର ହୋଇଗଲା । ଗତ ବର୍ଷ ଝଡ଼ ତୋଫାନର କ୍ଷୟ କ୍ଷତି ଆକଳନ କରିବାକୁ ଗୁଣପୁର ଉପଖଣ୍ଡ ପ୍ରଶାସନିକ ଅଧିକାରୀମାନେ ଏକ ଗାଁ କୁ ଯାଇଥିଲେ । ସେଠାରେ ସେମାନେ ଦେଖିଲେ ଦୁଇଟି ଶିଶୁ ମାଟି କାଦୁଆରେ ଖେଳୁଛନ୍ତି । ଏହାକୁ ଦେଖି ସେମାନେ ଉକ୍ତ ଗାଁର ଗ୍ରାମବାସୀଙ୍କୁ ପଚାରି ବୁଝିଲେ । ଉକ୍ତ ୭ ବର୍ଷର ଶିଶୁକନ୍ୟା ହୋଇଥିବା ବେଳେ ଅନ୍ୟ ଜଣେ ୩ ବର୍ଷର ଶିଶୁ ପୁତ୍ର । ମାଁ ଛେଉଣ୍ଡ ହୋଇଥିବା ବେଳେ ତାଙ୍କ ବାପା ତାଙ୍କୁ ସେଠାରେ ଛାଡ଼ି ମୂଲ ଲାଗିବାକୁ ଯାଇଛନ୍ତି । ଏହାକୁ ଦେଖି ତାଙ୍କ ବାପାଙ୍କୁ ଡ଼ାକି ଉକ୍ତ ରାଜକୁମାର ପରିଥିବା ପୁଅଟିକୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ସଠିକ ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ଶିଶୁଙ୍କ ବାପା ଉତ୍ତର ଦେଇଥିଲା ମୋ ଜମିଜମା ନାହିଁ ମୁଁ ନିଜେ ବଞ୍ଚିବି କେମିତି ତେଣୁ ମୁଁ ଏମାନଙ୍କ ଯତ୍ନ ନେଇପାରିବି ନାହିଁ । ସେଠାରେ ଏହି ସୂଚନା ଦେଇ ଅଧିକାରୀ ଫେରିଆସିଲେ । କିଛି ଦିନ ପରେ ଶିଶୁର ବାପା ସୂଚନା ଦେଇଥିଲେ ମୁଁ ଏମାନଙ୍କୁ ଭବିଷ୍ୟତ କରି ପାରିବି ନାହିଁ । ତେଣୁ ଯିଏ ନେବ ଦେଇଦେବି । ଏହାପରେ ସରକାରୀ ବିଧି ବ୍ୟବସ୍ଥା ପରେ ଶିଶୁ କନ୍ୟାଟି ୮ବର୍ଷର ସେ ମାନସିକ ବିକୃତ ହୋଇଥିବା ବେଳେ ତାକୁ ଶିଶୁ ସୁରକ୍ଷା କେନ୍ଦ୍ରରେ ରଖି ଚିକିତ୍ସାଧୀନ ଥିବା ବେଳେ ଓ ଉକ୍ତ



୪ ବର୍ଷର ଶିଶୁ ପୁତ୍ରକୁ ଏକ ବଙ୍ଗାଳୀ ଦମ୍ପତିଙ୍କୁ ପ୍ରଶାସନ ସହଯୋଗରେ ପୋଷ୍ୟ ସନ୍ତାନ କରିଥିବା ଶିଶୁ ସୁରକ୍ଷା ୟୁନିଟ ତରଫରୁ ସୂଚନା ମିଳିଛି । ବାପା ପୁଅକୁ ଶିଶୁ ସୁରକ୍ଷା ୟୁନିଟ ଦେବା ସମୟରେ ପୁଅର କାନରେ ଲାଗିଥିବା ସୁନା ବାହାର କରିବା ସମୟରେ ମନା କରିଥିଲା । କହିଥିଲା ସେ ଯେଉଁଠି ରହି ବଡ ହେଲେ ମଧ୍ୟ ମୋ ପୁଅ ତା ଠାରୁ ଏହି ସୁନା ନେଇ କଣ କରିବି କହି ପେଟର ଭୋକ ମେଣ୍ଟାଇବା ପାଇଁ ଦାଦନ ଶ୍ରମିକ ଭାବେ ଅନ୍ୟ ରାଜ୍ୟକୁ ଚାଲିଗଲା । ଆଜିର ସମାଜରେ ସେହି ବାପା ନିଜ ସନ୍ତାନଙ୍କ ଦୁଇ ଓଳି ପେଟ ପୋଷିବାରେ ଅସମର୍ଥ ଓ ନିଜର ୪ବର୍ଷର ଶିଶୁ ପୁତ୍ରର ଉଜ୍ଜଳ ଭବିଷ୍ୟତ ପାଇଁ ଏଭଳି କିଛି ପଦକ୍ଷେପ ନେଇଥିବା ବେଳେ କେହିବି ଏହି ହୃଦୟସ୍ପର୍ଶୀ ଘଟଣା ଶୁଣିବା ପରେ ଆଖିରୁ ଆପେ ଆପେ ଲୁହ ଝରିପଡିବ । ଏଭଳି ଏକ ଘଟଣା ଯାହାକି ନିଜ ସ୍ତ୍ରୀର ମୃତ୍ୟୁ ପରେ ଜଣେ ବାପ ତା'ର ୪ବର୍ଷର ପୁଅର ଭବିଷ୍ୟତ ନିଜ ପାଖରେ ଅନ୍ଧାର ଦେଖି ଉଜ୍ଜଳ ଭବିଷ୍ୟତ ପାଇଁ ନିଜ ପୁଅକୁ ଅନ୍ୟ ଏକ ଦମ୍ପତ୍ତିକୁ ଦାନ ଦେଇ ନିଜେ ଦାଦନ ଖଟିବାକୁ ଚାଲିଯିବା ଘଟଣା ରାୟଗଡ଼ା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ଗତ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଶିଶୁ ମଙ୍ଗଳ ଅଧ୍ୟକ୍ଷା ବିଦ୍ୟୁଲତା ହୁଇକା, କୈଳାଶ ଚନ୍ଦ୍ର ପାଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚିତ୍ରା ସେଠୀ, ନିରାକାର ପାଢ଼ୀ, ପ୍ରମୋଦ ନାୟକଙ୍କ ଉପସ୍ଥିତିରେ ବଙ୍ଗାଳି ଦମ୍ପତିଙ୍କୁ ଏହି ଶିଶୁକୁ ହସ୍ତାନ୍ତର କରାଯାଇଥିଲା। ଏହି ଶିଶୁକୁ ନିଜ କୋଳକୁ ନେଇ ଉକ୍ତ ବଙ୍ଗାଳି ଦମ୍ପତ୍ତି ଖୁସିରେ ଆତ୍ମହରା ହୋଇଯାଇଥିଲେ । ଶିଶୁ ଅତ୍ୟନ୍ତ ଖୁସି ହୋଇ ମୁଁ ମୋ ବାପା ଓ ମାଁ ପାଖକୁ ଯିବି ବୋଲି କହିଥିଲା।

# ବିପୁଳ ପରିମାଣର ନିଶା ଔଷଧ,କପ୍ ସିରଫ ଜବତ, ୨ଗିରଫ

କଟାବାଞ୍ଜି,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ତୁରେକେଲା ଓ ଲାଠୋର ଅଞ୍ଚଳରେ ଅନେକ ସମୟରେ ନିଶା ବେପାରୀଙ୍କୁ ଠାବ କରିଛି ତୁରେକେଲା ପୋଲିସ । କପ ସିରଫ ସହ ନିଶା ଔଷଧ ମଧ୍ୟ ଜବତ ହୋଇଛି । ଏ ନେଇ ରବିବାର ପୋଲିସ ନିର୍ବାଚନ ପାଇଁ ପେଟ୍ରୋଲିଂ କରୁଥିବା ସମୟରେ ନିଶା ବ୍ୟବସାୟୀଙ୍କ ଗତିବିଧି କୌଣସି ସୁତ୍ରରୁ ଖବର ପାଇ ନିଶା ବ୍ୟବସାୟୀ ଓ ଦଲାଲକୁ ଗିରଫ କରିବାରେ ସଫଳ ହୋଇଛି । ସଂପୃକ୍ତ ଥିବା ଦୁଇ ଜଣ ଯୁବକ ତୁରେକେଲା ଥାନା ମଲିକଦର ଗାଁର ବନମାଳି ଖର୍ସେଲ ଓ ପାଟଣାଗଡର କ୍ଷମାନିଧି ମେହେରକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ପୁଲିସ ସୁତ୍ରରୁ ପ୍ରକାଶ ଯେ, ପୁଲିସର ଏକ ଟିମ୍ ନିର୍ବାଚନ ପାଇଁ ପେଟ୍ରୋଲିଂ କରୁଥିବା ସମୟରେ ଖବର ପାଇ ନିଶା ବେପାରୀ ମାନଙ୍କୁ ଧରିବାରେ ସଫଳ ହୋଇଛି । ପ୍ରଥମରେ ତୁରେକେଲାରୁ ଲାଠୋର ଯିବା ରସ୍ତା ଲାନ୍ଥ ନଦୀ ପୋଳ ଠାରେ ବାଇକ୍‌ରେ ଥିବା ବନମାଳି ଓ କ୍ଷମାନିଧିକୁ କାବୁ କରିଥିଲା । ନିଶାର ବେପାର ପାଇଁ ଧରିବା ପରେ ତାଙ୍କ ଠାରୁ ବିପୁଳ ପରିମାଣର ଔଷଧ ଓ କପ ସିରଫ ଜବତ କରିଛି । ଏନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିବା ଜଣାପଡ଼ିଛି । ବ୍ୟବହାର ହୋଇଥିବା ଟିଭିଏସ୍ ବାଇକ୍, ମାରୁତି ସୁଜୁକି କାର, ୧ଟି ମୋବାଇଲ୍ ଫୋନ୍ , ୧ ଟି କିପେଡ୍ ଫୋନ ଓ ନଗଦ ୨୬ସହ ଟଙ୍କା।ମଧ୍ୟ ଜବତ କରାଯାଇଥିବା ସମ୍ବାଦିକ ସମ୍ମିଳନୀ ରେ ସୁଚନା ଦେଇଛନ୍ତି ଏସଡ଼ିପିଓ ଗୌରଚରଣ ସାହୁ । ଲାଠୋର, ତୁରେକେଲା ଓ ପାଟଣାଗଡ ଅଂଚଳରେ ଚାଲିଥିବା ନିଶା ବେପାରୀଙ୍କ ସିଧା ଲିଙ୍କ୍ ମଧ୍ୟପ୍ରଦେଶ ଥିବା ପୋଲିସ ସନ୍ଦେହ କରିଛି । ଏମାନେ ସବୁ ନିଶା ବେପାରରେ ଇନ୍ଜେକ୍ସନ୍, ନିଶା ଔଷଦ, ଏସ୍କସିର ସହ ଅନ୍ୟ ନିଶା ଔଷଧ ମଧ୍ୟ ରାଜ୍ୟ ବାହାରୁ ଆଣି ଏଠାରେ ବ୍ୟବସାୟ କରୁଛନ୍ତି । ଏକ ବଡ ଗ୍ୟାଙ୍ଗ୍ ଏଥିରେ ସଂପୃକ୍ତି ରହିଛି । ଏସ୍କ ସିର ୨୦୨୩ ମସିହାରେ ଏକ୍ସପ୍ୟାରୀ ହୋଇଥିବା ମଧ୍ୟ ଏଠାରେ ବିକ୍ରି ହେଉଛି ତା ସହ ଜବତ କରିଥିବା ନିଶା ଔଷଧକୁ ରାଜ୍ୟ ସରକାର ବ୍ୟାନ୍ କରିଥିବା ପରେ ମଧ୍ୟ ଏଠାରେ ବିକ୍ରି କରି ବେଆଇନ୍ ଭାବେ ରାକେଟ୍ ଚଲାଇଥିବା ପୋଲିସ ସନ୍ଦେହ କରିଛି । ତେବେ ଏଥିରେ କିଛି ଔଷଧ ଦୋକାନୀ ମଧ୍ୟ ସାମିଲ ଥିବା ପୁଲିସ ଜାଣିବାକୁ ପାଇଛି । ଧିରେ ଧିରେ ତଦନ୍ତରେ ସମସ୍ତେ ଧରାପଡିଯିବେ ବୋଲି ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି ।

# ଝାରସୁଗୁଡ଼ାରେ ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ଗତ କାଲି ରାତି ଓ ଆଜି ସନ୍ଧ୍ୟାରୁ ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ ବହିବାର ଲାଗିଛି। ସୋମବାର ରାତି ଓମଙ୍ଗଳବାର ସନ୍ଧ୍ୟାରୁ ପ୍ରବଳ ବେଗରେ ପବନ ବହିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ରାସ୍ତା ରେ ଯିବା ଆସିବା ସମୟରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତ। ବର୍ଷା ହେବା ଯୋଗୁଁ ବଢ଼େଇ ମୁଣ୍ଡା ଛକ ଠାରୁ ଘନଶ୍ୟାମ ହେମଲତା ବିଦ୍ୟାଳୟ ରାସ୍ତା ମଝିରେ ଛୋଟ୍ ବଡ଼ ଗାତ ହେବା ଯୋଗୁଁ ପାଣି ଜମି ରହିବା ଫଳରେ ଗାଡ଼ି ଚାଳକ ଶିକ୍ଷାନୁଷ୍ଠାନ କର୍ମଚାରୀ ଛାତ୍ର ଛାତ୍ରୀ ସମେତ ବାଟୋଇ ଯିବା ଆସିବା ସମୟରେ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ତଳି ଅଂଚଳରେ ପ୍ରବଳ ପବନ ବହିବା ଯୋଗୁଁ ଅସ୍ଥାୟୀ ଦୋକାନ ଗୁଡିକର ଆରଷ୍ଟେର ଉଡ଼ାଇ ନେବା ସହିତ ତଳି ଅଂଚଳରେ ପାଣି ପଶିଛି। ସହରର ବିଭିନ୍ନ ସ୍ଥାନରେ ନାଳ ନର୍ଦ୍ଦମା ସଫା ହେଉ ନଥିବାରୁ ପାଣି ନିଷ୍କାସନ ନହେବା ଫଳରେ ରାସ୍ତା ଉପରେ ପାଣି ଜମୁଛି। ଅନ୍ୟପଟେ ସହରର ରେଳଷ୍ଟେସନ ସମ୍ମୁଖରେ ରାତିରେ ଶୋଉଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତିଛଅଦିନିଆ ବର୍ଷା ଯୋଗୁଁ ପନିପରିବା ନଷ୍ଟ ହେଉ ଥାର ସୂଚନା ମିଳୁଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣ ରେ ଦାବି ହେଉଛି।

# ଓଲଟିଲା ଯାତ୍ରୀବାହୀ ଅଟୋ : ୭ ଗୁରୁତର

ଭବାନୀପାଟଣା,(ସବ୍ୟୁ): ବାହାଘର ଉତ୍ସବରେ ଯୋଗଦେବା ପାଇଁ ଯାଉଥିବା ବେଳେ ଯାତ୍ରୀବାହୀ ଅଟୋ ଭାରସାମ୍ୟ ହରାଇଥିବା ବେଳେ ୭ ଜଣ ଗୁରୁତର ହୋଇଛନ୍ତି । ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାର ଶିକାର ହୋଇଛନ୍ତି କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ଦେଢ଼ଶୁଲି ପଞ୍ଚାୟତର ସାରେଙ୍ଗପଡ଼ା, ପଟାଙ୍ଗି ଓ ତେନ୍ତୁଳିପଡ଼ା ଗାଁର ଲୋକେ। ସୂଚନା ଅନୁସାରେ ବାହାଘର ଉତ୍ସବରେ ଯୋଗଦେବା ପାଇଁ କନ୍ଧମାଳ ଜିଲ୍ଲା ସୁଡ୍ରା ପଞ୍ଚାୟତର ମସ୍କା ପଡ଼ି ଗାଁ ଯାଉଥିଲେ । ଏକ ଅଟୋରେ ୧୫ ଜଣ ପୁରୁଷ ଓ ମହିଳା ଯାଉଥିଲେ। ଉକ୍ତ ସମୟରେ ଗାଡ଼ିଟି ଜାମୁଲି ରାସ୍ତା ଦେଇ ଆସୁଥିବା ବେଳେ ଭାରସାମ୍ୟ ହରାଇ ଶେଷଘାଟି ବାଡେଙ୍ଗ ସରାପାଖରେ ଓଲଟି ପଡ଼ିଥିଲା । ଫଳରେ ଦୁର୍ଘଟଣାରେ ଜଣେ ଶିଶୁଙ୍କ ସହିତ ୬ ଜଣଙ୍କ ଅବସ୍ଥା ଗୁରୁତର ହୋଇଥିବା ବେଳେ ତାଙ୍କୁ ପ୍ରଥମେ ମୋହନଗିରିସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମଦନପୁର-ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା । ସେଥି ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଗୁରୁତର ଆହତ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି ମିକାଲ୍ ହରିଜନ( ୧୮ ବର୍ଷ), କରେଲି ମାଝୀ(୩୦), ବାଡୁଲି ହରିଜନ (୬୦), ସେମାଲି ମାଝୀ (୨୮), ବକେରି ମାଝୀ (୬୦), ବ୍ରଜ ହରିଜନ (୬୦), ନିଲେନ୍ଦ୍ରି ହରିଜନ (୨୮)। ଆହତ କମ୍ଭାରି ମାଝୀ (୩୬), ନିରନ୍ତି ମାଝୀ (୨୮)। ଅନ୍ୟପଟେ ଯାନବାହାନ ଗୁଡ଼ିକରେ କ୍ଷମତା ଠାରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା କୁହାଯାଉଛି।

# ପିଇବା ପାଣି ପାଇଁ ସଙ୍ଘର୍ଷ, ରାସ୍ତାକୁ ଓହ୍ଲାଇଲେ ଲୋକେ

ଖଡ଼ିଆଳ,(ସବ୍ୟୁ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ବର ପଞ୍ଚାୟତର ବେନ୍ଦ୍ରାବାହାଲ ଗାଁ। ପାନୀୟ ଜଳ ସମସ୍ୟା ହେଉଛି ଏହି ଗାଁର ମୁଖ୍ୟ ସମସ୍ୟା। ଏହି ଗାଁର ପୋଡ଼ ପଡ଼ାରେ ୧୦୦ରୁ ଅଧିକ ଲୋକ ବସବାସ କରନ୍ତି। ଆମକୁ କିଛି ଦରକାର ନାହିଁ, କେବଳ ପିଇବା ପାଣି ଦିଅ । ଏପରି ନିବେଦନ କରିଛନ୍ତି ପୋଡ଼ ପଡ଼ାର ଲୋକମାନେ। ସୋମବାର ପଡ଼ାର ମହିଳା ଓ ପୁରୁଷମାନେ ଖଡ଼ିଆଳ ବ୍ଲକ୍ ଅଫିସ୍ ଘେରାଉ କରିବା ସହିତ ପାନୀୟ ଜଳ ଯୋଗାଇ ଦେବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଆଗରୁ ପଡ଼ାରେ ଦୁଇଟି ନଳକୂପ ଥିଲା। ଗତ ୨ ବର୍ଷ ହେଲା ସେଥିରୁ ଗୋଟିଏ ଅଚଳ ହୋଇଯାଇଛି। କହିବାକୁ ଗଲେ ଗୋଟିଏ ନଳକୂପ ଉପରେ ନିର୍ଭର କରୁଛନ୍ତି ୨୫ ପରିବାର । ତେଣୁ ସକାଳ ହେଲେ ନଳକୂପ ପାଖରେ ଲାଗୁଛି ପ୍ରବଳ ଭିଡ଼ । ପାଣି ନେବା ପାଇଁ ମହିଳାଙ୍କ ଭିତରେ ଲାଗୁଛି ପ୍ରତିଯୋଗିତା ।



ବେଳେ ବେଳେ ମହିଳାଙ୍କ ଭିତରେ ଠେଲାପେଲା ଓ ମାରପିଟ୍ ହୋଇଥିବାର ନଜିର ରହିଛି । କେବଳ ପିଇବା ପାଣି ପାଇଁ ଏତେ ସଂଘର୍ଷ। ଗାଧୋଇବା ବା ଅନ୍ୟାନ୍ୟ ନିତ୍ୟ କର୍ମ ପାଇଁ ସାହି ଲୋକଙ୍କୁ ପଡ଼ୋଶୀ ଗାଁକୁ ଯିବାକୁ ପଡୁଛି। ଏଥିରେ ବେଶୀ ଅସୁବିଧାରେ ବୟସ୍କ ଓ ପିଲାମାନେ ପଡୁଛନ୍ତି। ସେମାନେ ନାନା ଅସୁବିଧାରେ ପଡୁଛନ୍ତି। ଗାଁରେ ଦେଖାଦେଇଥିବା ପାନୀୟ ଜଳ ସମସ୍ୟା ଦୂର ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ପାଖରେ ବାରମ୍ବାର ଗୁହାରୀ କରିଛନ୍ତି। ହେଲେ ନିଦା ବିଷ୍ଣୁ ସାଜିଛି ପ୍ରଶାସନ। ସେହି ପଞ୍ଚାୟତର ବେନ୍ଦ୍ରାବାହାଲ ଗାଁକୁ ପାନୀୟ ଜଳ ଯୋଗାଣ ହେଉଛି। ହେଲେ ପୋଡ଼ ପଡ଼ାର ଲୋକେ ଶୋଷରେ ତ୍ରାହି ବିକଳ ହେଉଛନ୍ତି ।

ସୋମବାର ଗାଁର ମହିଳା, ପୁରୁଷମାନେ ନିଜର ପିଲା ଛୁଆଙ୍କୁ ଖଡ଼ିଆଳ ବ୍ଲକ୍ ଅଫିସକୁ ଆସିଥିଲେ। ଦୀର୍ଘ ସମୟ ଧରି ଆନ୍ଦୋଳନ କରିଥିଲେ। ପାନୀୟ ଜଳ ଯୋଗାଇଦେବା ପାଇଁ ଦାବି କରିଥିଲେ। ମାତ୍ର ବିଡିଓ ଅଫିସ୍ ଆସିନଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରି ଗାଁ ଲୋକମାନେ ଫେରିଯାଇଥିଲେ। ଗାଁକୁ ଫେରିଲା ବେଳେ ଲୋକମାନେ କ୍ଷୋଭର ସହ କହିଛନ୍ତି, ଆମ ଗାଁରେ ଅନେକ ସମସ୍ୟା ରହିଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ଆମକୁ କିଛି ଦରକାର ନାହିଁ। କେବଳ ପାନୀୟ ଜଳ ଯୋଗାଇ ଦିଆଯାଉ ବୋଲି ଗାଁ ଲୋକେ କହିଛନ୍ତି। ଗ୍ରାମବାସୀ କହିଛନ୍ତି ଗତବର୍ଷ ସରପଞ୍ଚ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଥିଲେ। ସେ ଯେଉଁ ପାଣି ଯୋଗାଇଥିଲେ, ତାହା ପିଇବା ଯୋଗ୍ୟ ନଥିଲା। ତେଣୁ ଆମେ ଚାହୁଁଛୁ ଆମ ଗାଁକୁ ନିରନ୍ତର ପାନୀୟ ଜଳ ଯୋଗାଇ ଦିଆଯାଉ ବୋଲି ଦାବି କରିଛନ୍ତି। ଗାଁର ଆଉ ଜଣେ ମହିଳା କୁମାରୀ ପୋଡ଼ କହିଛନ୍ତି, ଆମ ଗାଁରେ ପାଣି ନାହିଁ । ଆମ କଥା କେହି ଶୁଣୁନାହାନ୍ତି। କେବଳ ନିର୍ବାଚନ ଆସିଲେ ନେତାମାନେ ଆସୁଛନ୍ତି ଓ ଭୋଟ୍ ମାଗୁଛନ୍ତି। ଭୋଟ୍ ସରିଗଲେ, ଆମ କଥା କେହି ଶୁଣୁନାହାନ୍ତି। ଆମର କିଛି ଦରକାର ନାହିଁ। ଆମକୁ ସପ୍ଲାଇ ପାଣି ଯୋଗାଇ ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ହୋଲି ପାଳନ ପାଇଁ ଶାନ୍ତି ଓ ସମନ୍ୱୟ ବୈଠକ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ହୋଲି ପାଳନ ପାଇଁ ଶାନ୍ତି ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅଜାମ୍ବର ମହାନ୍ତି ଅଧ୍ୟକ୍ଷତାରେ ବୈଠକ ହୋଇଥିଲା । ହୋଲି ପାଳନ ସମୟରେ ସାଂପ୍ରଦାୟିକ ସଦ୍‌ଭାବନା, ଆଇନ ଶୃଙ୍ଖଳା, ପାନୀୟ ଜଳ ଯୋଗାଣ, ପରିମଳ, ଅସ୍ଥାୟୀ ପ୍ରାଥମିକ ଚିକିତ୍ସା, ଜରୁରୀକାଳିନ ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ, ଅଗ୍ନିଶମ ବିଭାଗ ଆଦି ପ୍ରସ୍ତୁତ ରହିଥିବା ଆଲୋଚନା ହୋଇଥିଲା । ସେହିପରି ନିଶା ସେବନ କରି ହୋଲି ନଖେଳିବାକୁ ପରାମର୍ଶ ଦେବା ସହ ବେଆଇନ ମଦ ବିକ୍ରି ଉପରେ ରୋକ ଲଗାଇବାକୁ ସଚେତନ କରିବାକୁ ନିଷ୍ପତି ନିଆଯାଇଥିଲା । ଏଥିରେ ଡିଏସ୍‌ପି ଡିଆଇବି ବାଲେଶ୍ୱର ଗିଡ୍ଡି, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ ଦାସ, ଡେପୁଟି କଲେକ୍ଟର ଅର୍ଶ୍ୱେୟା ପୃଷେଠ ପ୍ରମୁଖ ମଞ୍ଚାସୀନ ଥିଲେ ।

# ଜୁଆ ଆଡ୍ଡା ଉପରେ ଚଢ଼ାଉ, ୯ ବାଇକ୍ ଜବତ

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ଥାନା ଅନ୍ତର୍ଗତ ଜୁଝାରୀ ନୀଳଗିରି ଜଙ୍ଗଲରେ ଲୁକ୍କାୟିତ ଭାବେ ଚାଲୁଥିବା ଏକ ଜୁଆ ଆଡ୍ଡାକୁ ଚଡାଉ କରିବାରେ ବେଶ ସଫଳ ହୋଇଛି ବୋରିଗୁମ୍ମା ପୋଲିସ। କୌଣସି ସୂତ୍ରରୁ ଖବର ପାଇ ବୋରିଗୁମ୍ମା ଏସଡ଼ିପିଓ ତପସ୍ୱିନୀ କହଁରଙ୍କ ନେତୃତ୍ୱରେ ପୋଲିସ ଟିମ ସୋମବାର ରାତିରେ ଅତର୍କିତ ଭାବେ ଜୁଆ ଆଡ୍ଡା ଉପରେ ଚଡାଉ କରିଥିଲେ। ଘଟଣା ସ୍ଥଳରୁ ପୋଲିସ ୯ଟି ବାଇକ,୧୨୪୦ ଟଙ୍କା,୫ ପେକେଟ ତାସ ଜବତ କରିଛି। ତେବେ କୌଶଳ କ୍ରମେ ଘଟଣାସ୍ଥଳରୁ ଜୁଆଡି ମାନେ ଦୌଡି ପଳାଇଥିଲେ। ତେବେ ଜୁଆ ଖେଳରେ କେତେକ ଲୋକ ସମ୍ପୃକ୍ତ ଅଛନ୍ତି ପୋଲିସ ତାହା ତଦନ୍ତ କରୁଛି । ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଆଇଆଇସି ଯୁଗଳ କିଶୋର ସା । ଅନ୍ୟ ମାନଙ୍କ ମଧ୍ୟରେ ଏଏସଆଇ ଚନ୍ଦନ ପ୍ରସାଦ ମାଝୀ, ଗୋପାଳ ହରିଜନ, ପିଏସଆଇ ମାନସ କୁମାର ହେମ୍ବ୍ରମ, ଦିପ୍ତୀ ରଞ୍ଜନ ନାୟକ ପ୍ରମୁଖ ଚଡାଉରେ ଭାଗ ନେଇଥିଲେ।

# କାର୍ ଧକ୍କାରେ ଛାତ୍ର ମୃତ

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ସ୍ଥିତ ମୃଗ ବିହାର ନିକଟରେ କାରଟିଏ ଏକ ସ୍କୁଟିକୁ ପିଟି ଦେବାରୁ ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଆହତ ହୋଇଛନ୍ତି। ମୃତ ଛାତ୍ରଙ୍କ ନାଁ ଈଶ୍ୱର ରାଓ । ତାଙ୍କ ଘର ନବରଙ୍ଗପୁର ସହରର ପଟେଲ ମାର୍ଗରେ। ତାଙ୍କ ବାପାଙ୍କ ନାଁ ଜି.ଶେଖର ରାଓ ବୋଲି ଜଣାପଡ଼ୁଛି । ଆହତ ଛାତ୍ରଙ୍କ ନାଁ ଆକାଶ ଷଡ଼ଙ୍ଗୀ। ଉଭୟ ନବରଙ୍ଗପୁର କେନ୍ଦ୍ରୀୟ ବିଦ୍ୟାଳୟର ଯୁକ୍ତ ଦୁଇ ଶେଷ ବର୍ଷର ଛାତ୍ର। ପରୀକ୍ଷାର ଶେଷ ଦିନ ଥିବା ବେଳେ ଉଭୟ ଈଶ୍ୱର ଓ ଆକାଶ ସ୍କୁଟି ଯୋଗେ ପାପଡ଼ାହାଣ୍ଡି ଯାଉଥିଲେ। ଉଭୟଙ୍କ ପରୀକ୍ଷାକେନ୍ଦ୍ର ପାପଡ଼ାହାଣ୍ଡି ସ୍ଥିତ ଆଦର୍ଶ ବିଦ୍ୟାଳୟରେ ପଡ଼ିଥିଲା। ସେମାନେ ପରୀକ୍ଷାକେନ୍ଦ୍ର ଅଭିମୁଖେ ଯାଉଥିବା ବେଳେ ପାପଡ଼ାହାଣ୍ଡି ସ୍ଥିତ ମୃଗ ବିହାର ନିକଟରେ ଏକ କାର ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଈଶ୍ୱର ରାଓଙ୍କର ମୃତ୍ୟୁ ଘଟିଥିଲା। ପାପଡ଼ାହାଣ୍ଡି ପୁଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଅନ୍ୟପକ୍ଷରେ ଆହତ ଆକାଶ ସାମାନ୍ୟ ଆହତ ହୋଇଛନ୍ତି। ପାପଡ଼ାହାଣ୍ଡି ଡାକ୍ତରଖାନାରେ ଚିକିତ୍ସା କରାଯିବା ପରେ ଆକାଶ ପରୀକ୍ଷା ଦେଇଥିଲେ ବୋଲି ଜଣାପଡ଼ିଛି।

# ଜଙ୍ଗଲରୁ କଲରାପତରିଆ ବାଘ ଛାଲ ଜବତ!

ସଇଁତଳା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ସହର ନିକଟ ଝାରଦେବନ୍ଦ ଜଙ୍ଗଲରେ ଥିବା ଏକ ନାଳରୁ ଖଣ୍ଡ ଖଣ୍ଡ ଛାଲ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାହା କଲରାପତରିଆ ବାଘର ଛାଲ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଟିଟିଲାଗଡ଼ ବନ ବିଭାଗ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଛାଲ ଖଣ୍ଡ ସବୁକୁ ଜବତ କରିଛି। ଜବତ ଛାଲର ପରୀକ୍ଷା କରିବା ପରେ ପ୍ରକୃତରେ ତାହା କେଉଁ ପ୍ରାଣୀର ଛାଲ ଜଣାପଡ଼ିବ ବୋଲି ରେଞ୍ଜ ଅଧିକାରୀ କହିଛନ୍ତି।

# ପିଇଓଙ୍କ ଠାରୁ ୪.୬୪ ଲକ୍ଷ ଟଙ୍କା ଲୁଟ

କଣ୍ଟାବାଞ୍ଜି, (ସବ୍ୟୁ) : ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ୪୨ ନମ୍ବର ରାଜ୍ୟ ରାଜପଥର ଦନ୍ଦରା ନିକଟରେ ବଙ୍ଗୋମୁଣ୍ଡା ପଞ୍ଚାୟତର ପିଇଓ ସତ୍ୟ କୁମାର ଘିଭେଲାଙ୍କ ଠାରୁ ୪ ଲକ୍ଷ ୬୪ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି।

ପିଇଓ ସତ୍ୟ କୁମାର ଘିଭେଲା ଓ ତାଙ୍କର ଜଣେ ସହଯୋଗୀ ମଙ୍ଗଳବାର ବଙ୍ଗୋମୁଣ୍ଡା ସ୍ଥିତ ଏସବିଆଇକୁ ଯାଇଥିଲେ। ସେଠାରୁ ଶ୍ରୀ ଘିଭେଲା ୪ ଲକ୍ଷ ୬୪ ଟଙ୍କା ଉଠାଇଥିଲେ। ବୁଧବାର ଭତ୍ତା ଦେବାକୁ ସେ ଏହି ଟଙ୍କା ଉଠାଇଥିଲେ। ଟଙ୍କା ଉଠାଇବା ପରେ ସେ ବାଇକ୍ ଯୋଗେ କଣ୍ଟାବାଞ୍ଜି ସ୍ଥିତ ନିଜ ଘରକୁ ଯାଉଥିଲେ। ପିଇଓ ଶ୍ରୀ ଘିଭେଲା ଓ ତାଙ୍କର ସହଯୋଗୀ ବାଇକରେ କଣ୍ଟାବାଞ୍ଜି ଅଭିମୁଖେ ଯାଉଥିବା ବେଳେ ଏକ ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ସେମାନଙ୍କୁ ପିଛା କରିଥିଲେ। ଦୁର୍ବୃତ୍ତମାନେ ଶ୍ରୀ ଘିଭେଲାଙ୍କ ଚଳନ୍ତା ବାଇକ୍ କୁ ଧକ୍କା ଦେଇଥିଲେ। ଫଳରେ ଶ୍ରୀ ଘିଭେଲା ଓ ତାଙ୍କ ସହଯୋଗୀ ପଡ଼ି ଯାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ବାଇକ୍ ଡିକିରୁ ଟଙ୍କା ଭର୍ତ୍ତି ବ୍ୟାଗ ନେଇ ଫେରାର ହୋଇଯାଇଥିଲେ ବୋଲି ଅଭିଯୋଗ ହୋଇଛି। ପିଇଓ ଓ ତାଙ୍କ ସହଯୋଗୀ ଆହତ ହୋଇଛନ୍ତି। ବଙ୍ଗୋମୁଣ୍ଡା ଡାକ୍ତରଖାନାରେ ସେମାନଙ୍କ ଚିକିତ୍ସା କରାଯାଇଛି। ଅନ୍ୟପକ୍ଷରେ ବଙ୍ଗୋମୁଣ୍ଡା ପୋଲିସ ଘଟଣାର ତଦନ୍ତ କରୁଛି।

# ସୁନ୍ଦରଗଡ଼ ଜଙ୍ଗଲରେ ମହାବଳ : ଗତିବିଧି ଉପରେ ନଜର

ଭୁବନେଶ୍ୱର/ବଣାଇ, (ସବ୍ୟୁ) : ଦୁଇ ଦଶନ୍ଧି ପରେ ସୁନ୍ଦରଗଡ଼ ଜଙ୍ଗଲରେ ଏକ ମହାବଳ (ରୟାଲ ବେଙ୍ଗଲ୍ ଟାଇଗର) ଦେଖିବାକୁ ମିଳିଛି। ଜିଲ୍ଲାର ଏକ ସଂରକ୍ଷିତ ଜଙ୍ଗଲରେ ଲାଗିଥିବା କ୍ୟାମେରାରେ ବାଘଟି ଦୃଶ୍ୟମାନ ହୋଇଛି। କେଉଁ ଜଙ୍ଗଲରେ ଏହା ରହିଛି ସେନେଇ କୌଣସି ସୂଚନା ମିଳିନାହିଁ। ତେବେ ମଧ୍ୟପ୍ରଦେଶର ସଞ୍ଜୟ ଦୁବ୍ରି ବ୍ୟାଘ୍ର ଅଭୟାରଣ୍ୟରୁ ମହାବଳଟି ଆସିଥିବା ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ 'ଏକ୍ସ' ମାଧ୍ୟମରେ ସୂଚନା ଦେଇଛନ୍ତି । ଶ୍ରୀ ନନ୍ଦ ଉଲ୍ଲେଖ କରିଛନ୍ତି ଯେ ସୁନ୍ଦରଗଡ଼ ଜିଲ୍ଲାରେ ମହାବଳ ଦେଖାଯିବା ଖୁସିର ବିଷୟ। ଅନ୍ୟପକ୍ଷରେ ଏନଟିସିଏର ବ୍ୟାଘ୍ର ସେଲ୍ ପକ୍ଷରୁ କୁହାଯାଇଛି ଯେ ମହାବଳଟି ମଧ୍ୟପ୍ରଦେଶର ସଞ୍ଜୟ ଦୁବ୍ରି ବ୍ୟାଘ୍ର ଅଭୟାରଣ୍ୟରୁ ଓଡ଼ିଶାକୁ ଆସିଛି। ଶହ ଶହ ମାଇଲ୍ ଅତିକ୍ରମ କରି ଓଡ଼ିଶାରେ ନିଜର ନୂଆ ଅଞ୍ଚଳ ଖୋଜିବାକୁ ଆସିଛି। ବନ ବିଭାଗ ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ଏବେ ମଧ୍ୟ କଲରାପତରିଆ ଓ କଳା ବାଘଙ୍କ ଉପସ୍ଥିତି ରହିଛି। ୫ ଦିନ ତଳେ କ୍ୟାମେରା ଟ୍ରାପରେ ଏକ କଳା ବାଘ ନଜରକୁ ଆସିଥିଲା। ଯାହାକୁ ହେମଗିରି ଜଙ୍ଗଲର ଗର୍ଜନ୍ ପାହାଡରେ ୨୦୧୮ରେ ଦେଖିବାକୁ ମିଳିଥିଲା। ବହୁ ପରିମାଣର କଲରାପତରିଆ ସେଠାରେ ଥିଲେ ହେଁ ବହୁ ବର୍ଷ ହେଲା ମହାବଳ ଦେଖିବାକୁ ମିଳୁ ନ ଥିଲା। ବିଭିନ୍ନ କାରଣ ପାଇଁ ମହାବଳଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବା ସହ ମହାବଳ ଶୂନ୍ୟ ହୋଇଯାଇଥିଲା। ତେବେ ଏହି ଘଟଣା ପୁଣିଥରେ ଏଠାରେ ମହାବଳ ବଂଶ ବୃଦ୍ଧି ନେଇ ଆଶା ସଞ୍ଚାର କରିଛି। ଯେହେତୁ ମହାବଳ ବାହାର ରାଜ୍ୟରୁ ଆସିଛି ତେଣୁ କେତେଦିନ ଏହି ଜଙ୍ଗଲରେ ତିଷ୍ଠି ରହିବ ତାହା ଏବେ ଦେଖିବା କଥା। ପିସିସିଏଫ୍ ଗଣମାଧ୍ୟମକୁ କହିଛନ୍ତି ଯେ ବାହାର ରାଜ୍ୟରୁ ଓଡ଼ିଶାକୁ ବାଘ ଆସିବା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ରରୁ ମଧ୍ୟ ମହାବଳ ଓଡ଼ିଶା ଜଙ୍ଗଲକୁ ଆସିଥିବାର ନଜରି ରହିଛି। ମଧ୍ୟପ୍ରଦେଶର ସଞ୍ଜୟ ଦୁବ୍ରି ବ୍ୟାଘ୍ର ଅଭୟାରଣ୍ୟରୁ ସୁନ୍ଦରଗଡ଼ ଜଙ୍ଗଲକୁ ଆସିଥିବା ମହାବଳ ବହୁ ବାଟ ଅତିକ୍ରମ କରିଛି।ଏବେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଜଙ୍ଗଲ ମହାବଳ ଶୂନ୍ୟ ହୋଇଯାଇଛି। ସୁନ୍ଦରଗଡ଼ ଜଙ୍ଗଲରେ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ସୁବିଧା ସୁଯୋଗ ରହିଥିବାରୁ ଏଠାରେ ନିଜର ବାସସ୍ଥଳୀ ଭାବେ ଆପଣାଇ ନେଇପାରନ୍ତି। ଏବେ ଆମେ ମହାବଳର ଗତିବିଧି ଉପରେ ନଜର ରଖିଛୁ। ବାଘଟି କେଉଁ ଆଡ଼େ ଯାଉଛି କ୍ୟାମେରା ମାଧ୍ୟମରେ ତାହାର ଟ୍ରାପ୍ କରାଯାଉଛି।

୨୦୨୨ରେ ଏନଟିସିଏ ପକ୍ଷରୁ ହୋଇଥିବା ସର୍ବଭାରତୀୟ ବାଘ ଗଣନା ଅନୁଯାୟୀ ଓଡ଼ିଶାରେ ବାଘ ସଂଖ୍ୟା ୨୦୧୮ ତୁଳନାରେ ହ୍ରାସ ପାଇ ୨୦ରେ ପହଞ୍ଚିଥିଲା। ଏହାକୁ ଚାଲେଞ୍ଜ କରି ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩-୨୪ରେ ବାଘ ଗଣନା କରାଯାଇ ଗତ ମାସରେ ରିପୋର୍ଟ ପ୍ରକାଶ କରାଯାଇଛି। ଯେଉଁଥିରେ ସ୍ପଷ୍ଟ କରାଯାଇଛି ଯେ ଓଡ଼ିଶା ଜଙ୍ଗଲରେ ୩୦ ମହାବଳ ସମେତ ୮ଟି ଛୁଆ ବାଘ ରହିଛନ୍ତି। ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ କେବଳ ୨୭ଟି ମହାବଳ ରହିଛନ୍ତି। ବଣାଇ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବଣାଇ ବନଖଣ୍ଡ ବରସୁଆଁ ରେଞ୍ଜ ଅନ୍ତର୍ଗତ ତୋଡ଼ା ସଂରକ୍ଷିତ ଜଙ୍ଗଲରେ ମହାବଳ ଠାବ ହୋଇଛି। ପ୍ରାୟ ୨୦ ଦିନ ତଳେ କ୍ୟାମେରାରେ ବାଘର ଗତିବିଧି ରେକର୍ଡ ହୋଇଛି। ୨୫ ବର୍ଷ ପରେ ପ୍ରଥମ ଥର ପାଇଁ ବଣାଇ ବନଖଣ୍ଡରେ ମହାବଳ ଦେଖିବାକୁ ମିଳିଛି। ବଣାଇ ରେଞ୍ଜର ବିଭିନ୍ନ ଜଙ୍ଗଲରେ ୧୦୦ରୁ ଅଧିକ କ୍ୟାମେରା ଲଗାଯାଇ ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ନଜର ରଖାଯାଇଥିବା ବେଳେ ଫେବ୍ରୁଆରି ୨୬ ଓ ୨୭ରେ ତୋଡ଼ା ସଂରକ୍ଷିତ ଜଙ୍ଗଲରେ ଏହି ମହାବଳ କ୍ୟାମେରାରେ କଏଦ ହୋଇଥିଲା। ବରସୁଆଁ ଓ କୋଇଡ଼ା ରେଞ୍ଜରେ ୧୫,୭୨୨.୮୬୯ ହେକ୍ଟର ପରିମିତ ସଂରକ୍ଷିତ ଜଙ୍ଗଲରେ ଲଗାଯାଇଥିବା କ୍ୟାମେରାରେ ୧୨ରୁ ଅଧିକ ପ୍ରଜାତିର ବନ୍ୟପ୍ରାଣୀଙ୍କ ଫଟୋ ସହିତ ଏହି ବାଘର ଫଟୋ ନଜରକୁ ଆସିଛି। ଆଗକୁ ବାଘର ଗତିବିଧି ନିରୀକ୍ଷଣ କରିବାକୁ ତୋଡ଼ା ଜଙ୍ଗଲରେ ଆହୁରି ୪୦ କ୍ୟାମେରା ଲଗାଯିବା ସହ ଲୋକଙ୍କୁ ସଚେତନ କରାଯିବ ବୋଲି ବନ ବିଭାଗ କହିଛି ।

# ମାଁ ସମଲେଶ୍ୱରୀଙ୍କ ଦର୍ଶନ କଲେ ଶାସ୍ତ୍ରୀ ପରିବାର

ସମ୍ବଲପୁର,(ସବ୍ୟୁ): ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ପରିବାର ପଶ୍ଚିମ ଓଡିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିଛନ୍ତି । ଏଥିସହ ସମଲେଇ ପ୍ରକଳ୍ପ ବୁଲି ଦେଖିବା ସହ ଭୂୟଶୀ ପ୍ରଶଂସା ମଧ୍ୟ କରିଥିଲେ । ସୂଚନାଯୋଗ୍ୟ, ଲାଲବାହାଦୁର ଶାସ୍ତ୍ରୀଙ୍କ ପୁଅ ଅନୀଲ ଶାସ୍ତ୍ରୀ ଓ ତାଙ୍କ ପତ୍ନୀ ମଞ୍ଜୁ ଶାସ୍ତ୍ରୀ ସମ୍ବଲପୁର ଆସିଥିଲେ । ବିଭିନ୍ନ ପର୍ଯ୍ୟଟନ ସ୍ଥଳ ବୁଲି ଦେଖିବା ସହ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ । ଏଥିରେ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ଓ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ ।



# ୬୧ ଲିଟର ଦେଶୀ ମଦ ଜବତ : ୪ ଗିରଫ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଅବକାରୀ ଗୁଇନ୍ଦା ବିଭାଗ ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ୬୧ଲିଟର ଦେଶୀ ମଦ ଜବତ କରିଛି । ଏନେଇ ୪ଟି ମାମଲା ରୁଜୁ କରାଯାଇ ୪ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ବରେଇପାଲି ଥାନା ଅନ୍ତର୍ଗତ ଲକ୍ଷ୍ମଣନଗର ଅଞ୍ଚଳର ରୀନା ଓରାମ(୨୨)ଙ୍କ ଠାରୁ ୧୪ଲିଟର ଦେଶୀ ମଦ ଜବତ ହୋଇଛି । ସେହିପରି ବରେଇପାଲି ଥାନା ଅନ୍ତର୍ଗତ ମଖନାପଡାର ସୁଜିତ୍ ଓରାମ(୩୫)ଙ୍କ ଠାରୁ ୧୭ଲିଟର, ସଦର ଥାନା ଗେଙ୍ଗୁଟିପାଲିର ବିଜୟ ଓରାମ(୨୨),ଲକ୍ଷ୍ମୀ ଓରାମ(୨୩)ଙ୍କ ଠାରୁ ଯଥାକ୍ରମେ ଦେଶୀ ମଦ ଜବତ ହୋଇଛି ।

# ଆଦର୍ଶ ଆଚରଣ ବିଧି ସତ୍ତ୍ୱେ ହଟୁନି ହୋର୍ଡିଂ

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ସହର କଳିଙ୍ଗନଗର ବସ୍ତି ସମ୍ମୁଖରେ ଜାଗା ମିଶନ ଯୋଜନାର ହୋର୍ଡିଂ ଲାଗିଛି ।ସେହିପରି ମୃତ୍ତିକା ସଂରକ୍ଷଣ ବିଭାଗ କାର୍ଯ୍ୟାଳୟ ପରିସରରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ହୋର୍ଡିଂ ପୂର୍ବ ଭଳି ରହିଛି । ଲୋକସଭା ଓ ଓଡିଶା ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ କମିଶନର ଶନିବାର ତାରିଖ ଘୋଷଣା କରିଛନ୍ତି । ନିର୍ବାଚନ କମିଶନର ଶନିବାର ଅପରାହ୍ନ ୩ଟାରେ

ନିର୍ବାଚନ ତାରିଖ ଘୋଷଣା କରିବା ପରେ ସାରା ଦେଶରେ ତତ୍କାଳ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । କ୍ଷମତାସୀନ ସରକାର ଓ ରାଜନୈତିକ ଦଳ ଆଦର୍ଶ ଆଚରଣ ବିଧି ନିୟମାବଳୀକୁ ଅନୁପାଳନ କରିବା କଥା। ତେବେ ସୁବର୍ଣ୍ଣପୁର ଜିଲାରେ ଆଚରଣବିଧି ଲାଗୁ ହେବାର ୨୪ ଘଣ୍ଟା ପରେ ବି ଏହାକୁ ଅନୁପାଳନ କରାଯାଉ ନଥିବା ଦେଖିବାକୁ ମିଳିଛି । ପୌରପରିଷଦ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ବିଦ୍ୟୁ ବିଭାଗ ଓ ମୃତ୍ତିକା ସଂରକ୍ଷଣ ଭଳି ଜିଲାର କିଛି ବିଭାଗ ସରକାରଙ୍କ ପ୍ରଚାର ହୋର୍ଡିଂକୁ ଏ ପର୍ଯ୍ୟନ୍ତ ହଟାଇ ନାହାନ୍ତି। ସୁବର୍ଣ୍ଣପୁର ମୃତ୍ତିକା ସଂରକ୍ଷଣ ବିଭାଗ କାର୍ଯ୍ୟାଳୟ ପରିସରରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା କ୍ଷେତ ପୋଖରୀ ଚାଷୀଙ୍କ ପାଇଁ ବହୁ ଉପକାରୀ ଶୀର୍ଷକ ରାଜ୍ୟ ସରକାରଙ୍କ ବାର୍ତ୍ତା ଓ ଯୋଜନା ସମ୍ପର୍କିତ ହୋର୍ଡିଂ ସେମିତି ରହିଛି । ସୋନପୁର ତହସିଲ ଅଫିସ ସମ୍ମୁଖରେ ବିଦ୍ୟୁତ ବିଭାଗର ପ୍ରଚାର ହୋର୍ଡିଂ ଲାଗିଥିବା ବେଳେ ତାହାକୁ ଢଙ୍କା ଯାଇନି । ସେହିପରି ଜିଲା ସଦର ମହକୁମା ପଟାଭାଡି ରାସ୍ତାର କଳିଙ୍ଗନଗର ବସ୍ତି ସମ୍ମୁଖରେ ସରକାରଙ୍କ ଜାଗା ମିଶନ ଯୋଜନା ସମ୍ପର୍କିତ ହୋର୍ଡିଂକୁ ହଟାଯାଇନି । କେନ୍ଦୁପାଲୀ ରାସ୍ତାରେ ହସ୍ତତନ୍ତ ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ବି ହୋର୍ଡିଂ ହଟାଯାଇ ନାହିଁ । ଗ୍ରାମାଞ୍ଚଳରେ ସରକାରଙ୍କ ଯୋଜନାର ପ୍ରଚାର ସମ୍ପର୍କିତ ଏଭଳି ବହୁ ହୋର୍ଡିଂ ପୂର୍ବ ଭଳି ରହିଥିବା ଦେଖିବାକୁ ମିଳିଛି । ଏହା ଆଦର୍ଶ ଆଚରଣ ବିଧିର ଖୋଲା ଉଲଂଘନ ହୋଇଥିବାରୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ସ୍କୁଲରେ ଛାତ୍ରଙ୍କୁ ଜାତିଆଣ ଆକ୍ଷେପ ଘଟଣା

# ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା କଂଟାମାଳ ବ୍ଲକର ଯୋଗୀନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ଗତ ଫେବୃୟାରୀ ୧୪ ତାରିଖ ସରସ୍ୱତୀ ପୂଜା ଦିନ ଜଣେ ଦଳିତ ଛାତ୍ରଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଓ ସଂସ୍କୃତ ଶିକ୍ଷୟତ୍ରୀ ଜାତିଆଣ ଆପେକ୍ଷ କରାଯାଇଥିବା ନେଇ ବୌଦ୍ଧ ଜିଲ୍ଲା ପାଣଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ଅଭିଯୋଗ ହୋଇଥିଲା । ଏନେଇ ପରିଷଦ ପକ୍ଷରୁ ସଂପୃକ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଦାବି କରି ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରେ ଅଭିଯୋଗ କରାଯାଇଥିଲା । ଏହି ଘଟଣାରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସଂପୃକ୍ତ ସଂସ୍କୃତ ଶିକ୍ଷୟତ୍ରୀଙ୍କ ବିରୋଧରେ କାର୍ଯ୍ୟାନୂଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଏନେଇ ଆଜି ବୌଦ୍ଧ ଜିଲ୍ଲା ପାଣଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୌଦ୍ଧ ଜିଲ୍ଲା ପାଣଗଣ୍ଡା ସମାଜ ବିକାଶ ପରିଷଦର ସଂପାଦକ ସୁଧାଂଶୁ ଡାଙ୍ଗ ଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ୨୦ ତାରିଖ ସୁଦ୍ଧା ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆସନ୍ତା ୨୧ ତାରିଖରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଓ କରାଯିବ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର




କୋକସରା,(ସବ୍ୟୁ): କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତ ବରାଡ଼ଙ୍ଗା ଗ୍ରାମର ଯୁବକ ନକୁଳ ମାଝୀ (୩୪) ମଙ୍ଗଳବାର ସକାଳେ ନିଜ ଚାଷଜମିକୁ ମହୁଲ ଗୋଟାଇବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି । ଖାଦ୍ୟ ଅନ୍ବେଷଣରେ ମହୁଲ ଫୁଲ ଖାଇବାକୁ ଆସିଥିବା ଭାଲୁ ହାଠାତ ଆକ୍ରମଣ କରିବା ପରେ ଯୁବକ କୌଣସି ମତେ ଭାଲୁ ଠାରୁ ନିଜ ଜୀବନକୁ ରକ୍ଷା କରିଥିଲେ । ପରେ ଗୁରୁତର ଯୁବକଙ୍କୁ ଏକ ବାଇକରେ ପରିବାର ଲୋକେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଏନେଇ ଆମପାଣି ସେକ୍ସନ ଫରେଷ୍ଟର ମନୀଷା ପଟ୍ଟନାୟକଙ୍କ ପ୍ରତିକ୍ରିୟା ନେବାରୁ ସରକାରୀ ନିୟମ ମୁତାବକ କ୍ଷତିପୂରଣ ମିଳିବ ବୋଲି କହିବା ସହ ଭାଲୁ ଚଲାପଥ ନେଇ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି, ହେଲେ ଲୋକେ ସତର୍କତା ଅବଲମ୍ବନ କରୁ ନାହାଁନ୍ତି ବୋଲି କହିଛନ୍ତି । ଅନ୍ୟପଟେ ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁଁ ବନ୍ୟଜନ୍ତୁ ଗାଁ ମୁହାଁ ହେଉଥିବା ଲୋକମାନେ ଅଭିଯୋଗ କରିଛନ୍ତି ।

# ଇଟାଭାଟିକୁ ଯାଇଥିଲେ ବଜ୍ରପାତରେ ଚାଲିଗଲା ଜୀବନ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସଦର ଥାନା ଖାଞ୍ଜିମୁଣ୍ଡା ଗାଁରେ ମଙ୍ଗଳବାର ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ହେମସିଂ ମାଝି (୩୦)। ମଧ୍ୟାହ୍ନରେ ଖାଞ୍ଜିମୁଣ୍ଡାରେ କାଳବୈଶାଖୀ ବର୍ଷା ହୋଇଥିଲା। ବର୍ଷା ଆରମ୍ଭ ହେବା ପୂର୍ବରୁ ହେମସିଂ ନିଜ ଇଟା ଭାଟିକୁ ଯାଇଥିଲେ। ସେ ଇଟାଗୁଡ଼ିକ ଉପରେ ପଲିଥିନ୍ ଘୋଡ଼ାଉ ଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ସେଠାରେ ହିଁ ହେମସିଂଙ୍କ ମୃତ୍ୟୁ ଘଟିଥିଲା। ସଦର ଥାନା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା ।

# ନାଗାଗୁଡ଼ାରେ ଭାଲୁ ଆତଙ୍କ, ଲୋକେ ଭୟଭୀତ

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଫୁପୁଗାଁ ପଞ୍ଚାୟତ ଅନ୍ତର୍ଗତ ନାଗାଗୁଡ଼ା ଗ୍ରାମରେ ଭାଲୁ ଆତଙ୍କ ଦେଖାଦେଇଛି। ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି। ଝରିଗାଁ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଭୟଭୀତ ନହେବା ପାଇଁ ପରାମର୍ଶ ଦେଇଛନ୍ତି। ସୂଚନା ପ୍ରକାରେ ନାଗାଗୁଡ଼ା ଗ୍ରାମକୁ ଲାଗିକି ନାଗାଗୁଡା ଜଙ୍ଗଲ ରହିଥିବା ବେଳେ ଭୋର ସକାଳୁ ଏକ ଭାଲୁ ନାଗାଗୁଡା ଗ୍ରାମ ଠାରୁ ୪ ଶହ ମିଟର ଦୂରରେ ଥିବା ହରିଡା ଗଛ ଉପରେ ଚଡି ଦେଇଥିଲା। ସକାଳୁ ଗ୍ରାମବାସୀ ଉଠିବା ପରେ ହରିଡା ଗଛରେ ଭାଲୁ ଥିବା ଦେଖି ଭୟଭୀତ ଅବସ୍ଥାରେ ରହି ଥିଲେ। ଗଛରେ ଭାଲୁ ଚଢ଼ି ଥିବା ଖବର ପ୍ରସାର ହେବା ପରେ ଭାଲୁକୁ ଦେଖିବା ପାଇଁ ଲୋକଙ୍କ ପ୍ରବଳ ଭିଡ ହୋଇଥିଲା। ଫଳରେ ଲୋକଙ୍କୁ ଦେଖି ଭାଲୁ ଗଛ ଉପରୁ ଆଉ ତଳକୁ ଆସୁନଥିଲା । ଖବର ପାଇ ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ପାଖକୁ ଯିବା ପାଇଁ ବାରଣ କରିବା ସହ ଗହଳି କରିବା ପାଇଁ ମନା କରିଥିଲେ। ସନ୍ଧ୍ୟା ସମୟରେ ଲୋକ ଗହଳି କମ ହେବା ପରେ ଭାଲୁ ନିଜେ ତଳକୁ ଓହ୍ଲାଇ ଜଙ୍ଗଲ ଭିତରକୁ ଚାଲିଯାଇଥିବା ସୂଚନା ମିଳିଛି।

# କୁକୁର କାମୁଡ଼ାରେ ୧୬୬ ଆହତ !

ବଣାଇ,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ବଣାଇ ଅଞ୍ଚଳରେ ପାଗଳ କୁକୁରର ଆତଙ୍କ। କୁକୁର ଭୟରେ ପିଲାଠାରୁ ବୃଦ୍ଧବୃଦ୍ଧା ପର୍ଯ୍ୟନ୍ତ ଘରୁ ପଦାକୁ ବାହାରିବାକୁ ଡରୁଛନ୍ତି। ଏବେ ଯାଏ ୧୬୬ ଜଣ କୁକୁର କାମୁଡ଼ାରେ ଆକ୍ରାନ୍ତ ହୋଇଥିବା ସୂଚନା ଦେଇଛନ୍ତି ବଣାଇ ଡାକ୍ତର। ମଙ୍ଗଳବାର ସକାଳେ ଗୋଟିଏ ପାଗଳ କୁକୁର ପାତ୍ର ସାହିର ରଥ ଛକ ଅଞ୍ଚଳରେ ଭୟର ବାତାବରଣ ଖେଳାଇଛି। ଏଭଳିକି ରାସ୍ତାରେ ଯାହାକୁ ଦେଖିଲା ତାକୁ କାମୁଡ଼ିଲା। ଛୁଆଠାରୁ ବୟସ୍କ ପର୍ଯ୍ୟନ୍ତ ୧୦ ରୁ ୧୧ ଜଣକୁ କାମୁଡ଼ିକି ଆହତ କରିସାରିଲାଣି। ଆହତ ମାନେ ବଣାଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେଠାରେ ଅଧିକ ଗୁରୁତର ହେବାରୁ ସେମାନଙ୍କୁ ରାଉଲକେଲା ମେଡିକାଲକୁ ପଠାଯାଇଛି। ଡାକ୍ତର ଭୋଲେଶ୍ୱର ପ୍ରଧାନଙ୍କ କହିବା ଅନୁସାରେ ଏଇ କିଛି ଦିନହେବ ବଣାଇ ଅଞ୍ଚଳରେ ୧୬୬ ଜଣ କୁକୁର କାମୁଡ଼ାରେ ଆକ୍ରାନ୍ତ ହୋଇଛନ୍ତି।

# ସମଗ୍ର ଶିକ୍ଷା ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ବଣ୍ଟନ

ଭବାନୀପାଟଣା,(ସବ୍ୟୁ): ସମଗ୍ର ଶିକ୍ଷା କଳାହାଣ୍ଡି ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭବାନୀପାଟଣା ସହରସ୍ଥିତ ସମଗ୍ର ଶିକ୍ଷା ସଭାଗୃହରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ପି. ଅନ୍ବେଷା ରେଡ୍ଡୀ, ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜିକା ଲିପିକା ଅପରାଜିତା, ସାଇଟସେଭର ପ୍ରକଳ୍ପ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ସମଗ୍ର ଶିକ୍ଷା ଷ୍ଟାର୍ ପ୍ରକଳ୍ପ ପକ୍ଷରୁ ୯ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ପ୍ରଦାନ କରାଯାଇଥିବା ବେଳେ ସାଇଟସେଭର ଦ୍ୱାରା ୭ଟି ଲାପଟପ, ୬ଟି ସ୍ମାର୍ଟ ଫୋନ୍, ୧୫ଟି ବ୍ରେଲ୍ କିଟ୍ ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ ଯେ ସମଗ୍ର ଶିକ୍ଷା ପକ୍ଷରୁ ଅନ୍ତର୍ନିବେଶୀ ଶିକ୍ଷାର ସଫଳ ରୂପାୟନ ପାଇଁ ଅନେକ କାର୍ଯ୍ୟକ୍ରମ କରାଯାଉଛି । ଜିଲ୍ଲା ସାଧନ କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ ଅନେକ ସମୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଆର୍ଥିକ, ଶାରୀରିକ ଓ ମାନସିକ ସହାୟତା ଯୋଗେଇ ଦିଆଯାଉଛି । ଆଗାମୀ ଦିନ ମାନଙ୍କରେ ମଧ ସମଗ୍ର ଶିକ୍ଷା ପକ୍ଷରୁ ସହାୟତା ଜାରି ରହିବ ବୋଲି ସୂଚନା ମିଳିଛି।

# ଖପ୍ରାଖୋଲରେ ଅଦିନିଆ ବର୍ଷା

ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଅଞ୍ଚଳ ରେ ମଙ୍ଗଳବାର ଦିନ ସାରା କୋହଲା ପାଗ ଲାଗି ରହିଥିବା ବେଳେ ଅପରାହ୍ନରେ ଅଦିନିଆ ଝଡ଼ ବର୍ଷା ହୋଇଥିଲା। ଫଳରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଅଦିନିଆ ବର୍ଷା ଯୋଗୁଁ ମୁଗ, ଧନିଆ, ସୋରିଷ, ବିରି, ତିଆସି ଚଣା, ପନିପରିବା ରବି ଋତୁରେ ହୋଇଥିବା ସବୁ ଫସଲ ନଷ୍ଟ ହେବା ସମ୍ଭାବନା ଦେଖାଦେଇଛି। ଅଦିନିଆ ବର୍ଷାକୁ ନେଇ ଚିନ୍ତାରେ ରହିଛନ୍ତି ଚାଷୀ।

# ନଦୀରେ ବୁଡ଼ିଗଲେ ଦୁଇ ଯୁବକ ମିଳିଲା ଆଉ ଏକ ମୃତଦେହ

ରାଉରକେଲା,(ସବ୍ୟୁ): କୋଏଲ ନଦୀ ପଠାକୁ ପିକ୍ନିକ୍ କରିବାକୁ ଯାଇ ନଦୀରେ ବୁଡ଼ି ଯାଇଥିଲେ ଦୁଇ ଯୁବକ। ସୋମବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ମଙ୍ଗଳବାର ଅନ୍ୟ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସକାଳେ ଦୀର୍ଘ ସମୟଧରି ଖୋଜାଖୋଜି କରିବାପରେ ଅନିକେତ ବୋଦ୍ରା (୧୯)ଙ୍କ ମୃତଦେହ ଉଦ୍ଧାର ହୋଇଛି। ଉଭୟେ ସ୍ଥାନୀୟ ବୁଧୁବୀର ଆଇଟିଆଇର ପ୍ରଥମ ବର୍ଷ ଛାତ୍ର। ବ୍ୟବଚ୍ଛେଦ ପାଇଁ ଦୁଇ ଶବକୁ ମର୍ଗ ହାଉସରେ ରଖାଯାଇଛ। ବନ୍ଧମୁଣ୍ଡା ଅଞ୍ଚଳର ୮ ଜଣ ଜଣ ଛାତ୍ର ସୋମବାର ପୂର୍ବାହ୍ନରେ ମିତ୍କୁନ୍ଦରି କୋଏଲ ନଦୀ ପଠାକୁ ପିକନିକ୍ କରିବାକୁ ଯାଇଥିଲେ। ଏମାନଙ୍କ ମଧ୍ୟରୁ ୭ ଜଣ ହେଉଛନ୍ତି ସ୍ଥାନୀୟ ବୁଧୁବୀର ଆଇଟିଆଇର ଛାତ୍ର। ପ୍ରାୟ ୩/୪ ଜଣ ଯୁବକ ଗାଧୋଇବାକୁ ନଦୀ ଭିତରକୁ ଯାଇଥିଲେ। ଜଣେ ସାଙ୍ଗ ବୁଡ଼ିଯାଉଥିବା ଦେଖି ନିତେଶ ମାହାତୋ(୨୧) ତାଙ୍କୁ ବଞ୍ଚାଇବାକୁ ଯାଇ ନଦୀ ଭିତରକୁ ପଶିଥିଲେ। ତେବେ ଚୋରାବାଲି ଯୋଗୁଁ ତାଙ୍କ ଗୋଡ଼ ଖସିବାରୁ ସେ ମଧ୍ୟ ବୁଡ଼ିଯାଇଥିଲେ। ଏନେଇ ସୂଚନା ପାଇ ଝିରପାଣି ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ବେଶ୍ କିଛି ସମୟପରେ ନିତେଶଙ୍କ ମୃତ ଦେହକୁ ଉଦ୍ଧାର କରାଯାଇଥିଲା। ତେବେ ଅନ୍ୟ ଜଣେ ଯୁବକ ନିଖୋଜ ଥିଲେ। ବିଶ୍ରା ଥାନା ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲାପାଳଙ୍କ ଅଚାନକ ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ

ଝାରସୁଗୁଡ଼ା,(ସବ୍ୟୁ): ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ ମଙ୍ଗଳବାର ପୂର୍ବାହ୍ନରେ ଅଚାନକ କୃଷି ଉଦ୍ୟାନ,ଜିଲ୍ଲା ମତ୍ସ୍ୟ ବିଭାଗ, ଜିଲ୍ଲା ସମାଜ କଲ୍ୟାଣ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ , ଝାରସୁଗୁଡା ତହସିଲ, ଯୋଜନା ଓ ପର୍ଯ୍ୟବେକ୍ଷଣ, ଜିଲ୍ଲା କୃଷି କାର୍ଯ୍ୟାଳୟ, ଶିକ୍ଷା କାର୍ଯ୍ୟାଳୟ ଓ ଝାରସୁଗୁଡ଼ା ବ୍ଲକ କାର୍ଯ୍ୟାଳୟ ଆଦି ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟରେ ସମୟାନୁବର୍ତ୍ତୀ ହେବା, ସୁ-ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟ ପରିଚାଳନା, କାର୍ଯ୍ୟାଳୟର ଶୌଚାଳୟ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ସୌନ୍ଦର୍ଯୀକରଣ ଦିଗରେ ଦୃଷ୍ଟି ଦେବାକୁ ଜିଲ୍ଲାପାଳ ତାଙ୍କ ପରିଦର୍ଶନ ସମୟରେ ନିର୍ଦ୍ଦେଶ ଦେଇଥିଲେ।

# ସ୍ୱେଚ୍ଛାକୃତ ମହିଳା ରକ୍ତଦାନ ଶିବିର , ୪୦ ୟୁନିଟ ସଂଗ୍ରହ

ଭବାନୀପାଟଣା,(ସବ୍ୟୁ): ଆନ୍ତର୍ଜାତିକ ମହିଳା ଦିବସ ସପ୍ତାହ ଉପଲକ୍ଷେ ମହିଳା ସମୂହଙ୍କ ମିଳିତ ଉଦ୍ୟମରେ ଭବାନୀପାଟଣା ସହରସ୍ଥିତ ବାହାଦୂର ବଗିଚାପଡା ସ୍ୱାଗତ ଆଇଟିସି ପରିସରରେ ସ୍ୱେଚ୍ଛାକୃତ ସ୍ୱତନ୍ତ୍ର ମହିଳା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର, ମୁଖ୍ୟ ବକ୍ତା ଡ଼ା ହରିଶ କୁମାର ସାହୁ,ସମ୍ମାନୀତ ଅତିଥି ଭାବେ ପୌର ପରିଷଦର ଅଧ୍ୟକ୍ଷା ସଂଯୁକ୍ତା ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶିକା ବିଜୟା ଶ୍ୟାମଲା, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷା ଲଳିତା ନାଏକ, ରାଜ୍ୟ ସିଟି ଶିକ୍ଷକ ସଂଘ ସଭାପତି ପ୍ରଦୀପ କୁମାର ସାହୁ, ମାନସ ଦାସ, ସବିତା ପଟ୍ଟନାୟକ, ସଂଘମିତ୍ରା କାନୁନଗୋ, କାଉନସିଲର ଭୁବନେ ବାଗ, କମଳିନି ପଣ୍ଡା, ଦମୟନ୍ତୀ ଦାସ, ଚିତ୍ତରଞ୍ଜନ ଦାସ, ଧୃତି ସୁନ୍ଦର ଦାସ, ସହରାଞ୍ଚଳ ସିଡିପିଓ ଅଞ୍ଜଳୀ ପ୍ରଧାନ, ଏସଡବ୍ଲ୍ୟୁଓ ଦ୍ରୋପଦୀ କହଁର ପ୍ରମୁଖ ଯୋଗ ଦେଇ ରକ୍ତଦାନ ଶିବିରକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।

# ଶ୍ରୀଜଗନ୍ନାଥଙ୍କ ନିର୍ମାଣାଧିନ ମନ୍ଦିରର ରତ୍ନମୁଦ ଉତ୍ସବ

ବରଗଡ଼,(ସବ୍ୟୁ) : ବରଗଡ଼ ସଦର ବ୍ଲକ ତୋରାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିର୍ମାଣଧିନ ମନ୍ଦିରର ରତ୍ନମୁଦ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ୪ଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମହାପ୍ରଭୁଙ୍କ ଆଜ୍ଞାମାଳ ଏବଂ ଅଙ୍କୁର ରୋପଣ , ଦ୍ୱିତୀୟ ଦିବସରେ ଭବ୍ୟ କଳସ ଶୋଭାଯାତ୍ରା ସହ ରୁଦ୍ରାଭିଷେକ , ଯଜ୍ଞାରମ୍ଭ , ଗର୍ଭ ଶୋଧନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତୃତୀୟ ଦିବସରେ ଗୋପୂଜା, ବୃକ୍ଷପୂଜା, ମହାବିଷ୍ଣୁ ଦଶବତାର ସହ ସମସ୍ତ ଦେବାଦେବୀ ପୂଜା ଏବଂ ଉଦଯାପନୀ ଦିବସରେ ପୂର୍ଣ୍ଣାହୁତି ମୁଦ, ଗର୍ଭଉଦକ, କ୍ଷେତ୍ର ତୃପିକରଣ ସହ ରତ୍ନମୁଦ ସମାରୋହ ସମାପନ ହୋଇଥିଲା । ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ତତ୍ତ୍ୱାବଧାନରେ ପଣ୍ଡିତ କାମରାଜ ମହାପାତ୍ର, ପଣ୍ଡିତ ଶୁଭ୍ରାଂଶୁ ଶେଖର ମହାପାତ୍ର, ପଣ୍ଡିତ ସୁରେଶ ପୁରୋହିତ, ପଣ୍ଡିତ ଅମିତ କୁମାର ପଣ୍ଡା, ପଣ୍ଡିତ ବିଦ୍ୟାଧର ପଣ୍ଡା, ପଣ୍ଡିତ ତପନ କୁମାର ପଣ୍ଡା, ପଣ୍ଡିତ ଉମାକାନ୍ତ ଦିକ୍ଷୀତ , ପଣ୍ଡିତ ଶଙ୍କର ମିଶ୍ର, ପଣ୍ଡିତ ବଟକୃଷ୍ଣ ଦାଶ, ପଣ୍ଡିତ ତାରକେଶ୍ୱର ମିଶ୍ର, ପଣ୍ଡିତ ସରୋଜ କୁମାର ମିଶ୍ର ପୂଜା କାର୍ଯ୍ୟ ସଂପାଦନ କରିଥିଲେ । ସେହିପରି ସୂର୍ଯ୍ୟରଞ୍ଜନ ନାୟକ ଏବଂ ପତ୍ନୀ ହେମପ୍ରଭା ନାୟକ , ଅନନ୍ତ ନାରାୟଣ ଭୋଇ ଏବଂ ନମିତା ଭୋଇ, କେଦାରନାଥ ସାହୁ ଏବଂ ଅଞ୍ଜଳୀ ସାହୁ , ରାଜୁ ଦାଶ ଏବଂ ଗୀତା ଦାଶ, ବିନୟ କୁମାର ଦାଶ ଏବଂ କାବେରୀ ଦାଶ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଏ ଅବସରରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, କ୍ରିଷ୍ଣା ବିକାଶ ଗୃପର ଚେୟାରମେନ ଡି ମୁରଲୀକ୍ରିଷ୍ଣା, ଜିଲ୍ଲା ବିଜେପି ସଭାପତି ଅଶ୍ୱିନୀ ଷଡଙ୍ଗୀ, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିଲ୍ଲା କ୍ରୀଡା ସଂସଦର ସଂପାଦକ କିଶୋର ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ସାମିଲ ହୋଇଥିଲେ । ମନ୍ଦିର ଟ୍ରଷ୍ଟ ସଭାପତି ସୌଭାଗ୍ୟ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ପୂଜକ କୁଳମଣୀ ଦାଶ, ଲୋକନାଥ ପ୍ରଧାନ , ସୁକାନ୍ତ ରାଉତ, ସନ୍ତୋଷ ଭାରତୀ, ବିକାଶ ଦାଶ, ବଳରାମ ପ୍ରଧାନ, ଗଣେଷ ପ୍ରଧାନ, ଭୋଲାନାଥ ସାହୁ ସମେତ ତୋରା ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ ।

# ତାଲପାଲିପଡା ରାମଜୀମନ୍ଦିରର ରତ୍ନମୁଦ ସ୍ଥାପିତ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସହରର ୪ନମ୍ବର ୱାର୍ଡର ତାଲପାଲିପଡାରେ ବହୁବର୍ଷ ଅବହେଳିତ ହୋଇପଡିରହିଥିବା ମନ୍ଦିରର ପୁନଃନିର୍ମାଣ ଚାଲିଛି । ସ୍ଥାନୀୟ ପଡାବାସୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ମନ୍ଦିର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମଙ୍ଗଳବାର ଏହାର ରତ୍ନମଦ ସ୍ଥାପିତ ହୋଇଛି । ସ୍ଥାନୀୟ ପଡାବାସୀଙ୍କ ଉଦ୍ୟମରେ ସୁନ୍ଦରାକାଣ୍ଡ ସହ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ହୋମଯଜ୍ଞ କରାଯାଇ ମନ୍ଦିରର ପବିତ୍ରତାସ କରାଯାଇଛି । ସୋମବାର ସଂଧ୍ୟାରେ ପଡାର ମହିଳାମାନେ କଳସ ଶୋଭାଯାତ୍ରା କରି ପଡାପରିକ୍ରମା କରିଥିଲେ । ନିକଟସ୍ଥ ପୋଖରୀରୁ ଶୁଦ୍ଧଜଳ କଳସରେ ଆଣି ମନ୍ଦିରରେ ରଖାଯାଇଥିଲା । ତାଲପାଲିପଡାର ଦେବାନନ୍ଦ ପଟେଲ ଓ ଜୟନ୍ତି ପଟେଲ କର୍ତ୍ତାଦାୟୀତ୍ୱ ତୁଲାଇଥିଲେ । କଅଗାଁର ସୁଶାନ୍ତ ମିଶ୍ର ପୂଜକ ରହିଥିବା ବେଳେ ଦୀପକ ମିଶ୍ର ସୁନ୍ଦରାକାଣ୍ଡ ପାଠ କରିଥିଲେ । ଦୀପକଙ୍କ ସମଧୁରକଣ୍ଠରେ ଉପସ୍ଥିତ ଭକ୍ତ ବିଭୋର ହୋଇଯାଇଥିଲ । ରତ୍ନମୁଦ କାର୍ଯ୍ୟକ୍ରମରେ ବଲାଙ୍ଗିର ରାଜପରିବାରର ସଦସ୍ୟ ତଥା ପୂର୍ବତନସାଂସଦ କଳିକେଶନାରାୟଣ ସିଂଦେଓ ଅତିଥି ଭାବରେ ଯୋଗ ଦେଇଥିଲେ । ସେହିପରି ପୌରାଧକ୍ଷା ଲିକା ସାହୁ,ବିଜେଡିର ରାଜ୍ୟ ସଂପାଦକ ପ୍ରଦ୍ୟୁତ ମିଶ୍ର ମଧ୍ଯ ଯୋଗଦେଇଥିଲେ ।ସେହିକ୍ରମରେ ତାଲପାଲିପଡାବାସୀଙ୍କ ଅନୁରୋଧ କ୍ରମେ ଏହି ରାମଜୀମନ୍ଦିର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠିରୁ ୬ଲକ୍ଷ ଟଙ୍କାର ଅନୁଦାନ ପୂର୍ବରୁ ମଞ୍ଜୁର ହୋଇ କାମ ଚାଲିଛି । ପୌରପାଳିକା ପକ୍ଷରୁ ରାମଜୀ ସ୍ୱୟଂସହାୟିକା ଗୋଷ୍ଠୀ ଏହାର କାମ କରାଉଛନ୍ତି । ଏହାର ରତ୍ନମୁଦ ସ୍ଥାପନ କରାଯାଇଛି । କାର୍ଯ୍ୟକ୍ରମରେ ତାଲପାଲିପଡାର ସମସ୍ତ ଏସଏଚଜି ଯୋଗଦେଇଥିଲେ । ରତ୍ନମୁଦ ପାଇଁ ସହରର ଶ୍ରଦ୍ଧାଳୁମାନେ ଧାନ,ଅଷ୍ଟଧାତୁ ଓ ସୁବର୍ଣ୍ଣାଦି ପ୍ରଦାନ କରିଥିଲେ । ହଜାର ହଜାର ଶ୍ରଦ୍ଧାଳୁ ମନ୍ଦିର ଉପରକୁ ଚଢି ରତ୍ନମୁଦ ପକାଇଥିଲେ ।

# ବିଦ୍ୟୁତ ଦେୟ ପୈଠ କରିବା ଉପରେ ଗୁରୁତ୍ୱାରୋପ

ସମ୍ବଲପୁର,(ସବ୍ୟୁ): ଖାଦ୍ୟ, ଜଳ, ବାସଗୃହ ଏବଂ ଅମ୍ଳଜାନ ପରି ବିଦ୍ୟୁତ ସରବରାହ ଆଧୁନିକ ସଭ୍ୟତାର ମେରୁଦଣ୍ଡ ଭାବେ ଅପରିହାର୍ଯ୍ୟ ଭୂମିକା ଗ୍ରହଣ କରିଥାଏ । ବିଶେଷକରି ପଶ୍ଚିମ ଓଡିଶାରେ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ଘରୋଇକରଣ କରାଯିବା ପରଠାରୁ ଲାଇସେନ୍ସ ପ୍ରାପ୍ତ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ସ୍ଥିର, ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଅନେକ ପଦକ୍ଷେପ ହାତକୁ ନେଇଛି । ପଶ୍ଚିମ ଓଡ଼ିଶାର ବିଭିନ୍ନ କୋଣଅନୁକୋଣରେ କମ୍ପାନୀ ଗ୍ରାହକଙ୍କ ମଧ୍ୟରେ ଠିକ୍ ସମୟରେ ବିଦ୍ୟୁତ ବିଲ୍ ପୈଠ କରିବା ନେଇ ସଚେତନତା ସୃଷ୍ଟି କରିଆସୁଛି । ଏହା ସତ୍ତ୍ୱେ ମଧ ବିଭିନ୍ନ ଜିଲ୍ଲାରେ ସଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରିବାରେ ଅନିୟମିତତା ସାମ୍ନାକୁ ଆସୁଛି । ତେଣୁ ନିୟମିତ ଭାବରେ ବିଦ୍ୟୁତ୍ ବିଲ୍ ପୈଠ କରି ରିହାତିଗୁଡିକୁ ଉପଭୋଗ କରିବା ପାଇଁ କମ୍ପାନୀ ତାର ସମସ୍ତ ଗ୍ରାହକଙ୍କୁ ନିବେଦନ କରୁଛି । ଉପଭୋକ୍ତା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିଦ୍ୟୁତ୍ ବିଲ୍ ପୈଠ କରିବା ଆଇନ ସହମତ । ତେଣୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ବିଦ୍ୟୁ ବିଲ୍ ପୈଠ କରିବାରେ ବିଫଳ ହେଲେ ବିତରକ କମ୍ପାନୀକୁ ଉକ୍ତ ଗ୍ରାହକଙ୍କ ବିଦ୍ୟୁତ ଯୋଗାଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଆଇନରେ ପ୍ରାବଧାନ ରହିଛି । ବିତରକ କମ୍ପାନୀ ରାଜ୍ୟ ଭାରପ୍ରାପ୍ତ ସଂସ୍ଥାଠାରୁ ବିଦ୍ୟୁତ ଶକ୍ତି କ୍ରୟ କରିବା ପରେ ଘରୋଇ, ବାଣିଜ୍ୟିକ, ଶିଳ୍ପ ଏବଂ କୃଷି ପରି ବିଭିନ୍ନ ପ୍ରକାରର ଗ୍ରାହକଙ୍କ ମଧ୍ୟରେ ପୁନଃ ବଣ୍ଟନ କରିଥାଏ । କମ୍ପାନୀ କୃଷି କ୍ଷେତ୍ରକୁ ଓଇଆରସିଙ୍କ ନିୟମାବଳୀ ଅନୁଯାୟୀ ରିହାତି ପ୍ରଦାନ କରିଥାଏ। ତେଣୁ ବିଦ୍ୟୁ ବିଲ୍ ସଠିକ୍ ସମୟରେ ପୈଠ କରିବା ଗ୍ରାହକମାନଙ୍କ ନୈତିକ କର୍ତ୍ତବ୍ୟ ଏବଂ ଆଇନ ସିଦ୍ଧ ବା ଆଇନ ଅନୁମୋଦିତ ଅଟେ ।

# କ୍ଷେତରାଜପୁର ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ

ସମ୍ବଲପୁର,(ସବ୍ୟୁ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି । ଏହି ପରିପେକ୍ଷୀରେ କ୍ଷେତରାଜପୁର ଥାନା ଅଞ୍ଚଳରୁ ପୋଲିସ ଏକ ଫ୍ଲାଗମାର୍ଚ୍ଚ ବାହାରି କ୍ଷେତରାଜପୁର, ବଡବଜାର ଓ ଅଗ୍ରସେନମାର୍ଗ ଆଦି ଅଞ୍ଚଳ ବୁଲିଥିଲା । କ୍ଷେତରାଜପୁର ଥାନା ଅଧିକାରୀ କେ. ପ୍ରିୟଙ୍କା ରାଉତରାୟଙ୍କ ସମେତ ଥାନା କର୍ମଚାରୀ ଓ ୨ପ୍ଲାଟୁନ ସିଆରପିଏଫ୍ ଯବାନ ସାମିଲ ଥିଲେ । ବିଶେଷ କରି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଏହାର ଉଦ୍ଦେଶ୍ୟ ଅଟେ ।

# ବରିଷ୍ଠ ଡାକ୍ତରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଘଟଣାର ସମାଧାନ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜଣେ ବରିଷ୍ଠ ଡାକ୍ତରଙ୍କୁ ଜିଲ୍ଲାପାଳ ଓ ଏସପି ଗତ ଶୁକ୍ରବାର ଦୁର୍ବ୍ୟବହାର କରିଥିବା ନେଇ ଜିଲ୍ଲା ଡାକ୍ତର ସଂଘ ପକ୍ଷରୁ ଅଭିଯୋଗ କରାଯାଇ ଆନ୍ଦୋଳନ ଡାକରା ଦେଇଥିଲା । ଶନିବାର ଠାରୁ ଜିଲ୍ଲାର ସମସ୍ତ ଡାକ୍ତର ଓ କର୍ମଚାରୀ ମାନେ କଳାବ୍ୟାଚ ପିନ୍ଧି କାର୍ଯ୍ୟ କରିବା ସହ ଆନ୍ଦୋଳନ ଚଳାଇଥିଲେ । ଦୀର୍ଘ ଦୁଇ ଦିନ ପରେ ସୋମବାର ଏହି ଘଟଣାର ସାମାଧାନ ହୋଇଥିବା ଜଣାପଡିଛି । ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପରିସରରେ ଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ତାଲିମ କେନ୍ଦ୍ରଠାରେ ଅପରାହ୍ନରେ ଓମସାର ଏକ ପ୍ରତିନିଧି ମଣ୍ଡଳୀ ଓ ଜିଲ୍ଲାପାଳ ,ଏସପି ଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା । ଶେଷରେ ଉଭୟ ଅଧିକାରୀ ସେଦିନ ଘଟଣା ପାଇଁ ଅନୁତପ୍ତ ପ୍ରକାଶ କରିବା ପରେ ଘଟଣାର ସମାଧାନ ହୋଇଥିବା ବିଭାଗ ପକ୍ଷରୁ ଜଣାଯାଇଥିଲା। ବୈଠକରେ ଜିଲ୍ଲାର ସମସ୍ତ ଡାକ୍ତର ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ନିର୍ବାଚନକୁ ଦୃଷ୍ଟିରେ ରଖି ସଇଁତଳା ପୋଲିସର ଫ୍ଲାଗ୍‌ମାର୍ଚ୍ଚ




ସଇଁତଳା,(ସବ୍ୟୁ): ବିଭିନ୍ନ ପର୍ଯ୍ୟାୟରେ ୨୦୨୪ ସଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ତେଣୁ ପ୍ରଶାସନ ପକ୍ଷରୁ ତତ୍ପର ଦେଖା ଯାଇଥିବା ବେଳେ ସବୁ ଜାଗାରେ କିପରି ଭାବେ ଶାନ୍ତି ଶୃଙ୍ଖଳା ସହ ସୁରୁଖୁରୁରେ ନିର୍ବାଚନ ହେବ ସେଥିପାଇଁ ପ୍ରସ୍ତୁତି ଜୋରରେ ଚାଲିଛି। ଆସନ୍ତା ମେ ୨୦ରେ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ ନିର୍ବାଚନ ମଣ୍ଡଳୀରେ ସାଧାରଣ ନିର୍ବାଚନ ଥିବା ବେଳେ ଏହାକୁ କିପରି ଅବାଧ ଓ ଶୃଙ୍ଖଳିତ ଭାବରେ ପରିଚାଳନା ହେବ ସେଥିପାଇଁ ଟିଟିଲାଗଡ ଓ ସଇଁତଳା ପୋଲିସର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଟିଟିଲାଗଡ ନିର୍ବାଚନ ମଣ୍ଡଳୀରେ ଟିଟିଲାଗଡ ଓ ସଇଁତଳାରେ କିପରି ଭାବେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଠିକ ରହିବ ସେଥିପାଇଁ ଟିଟିଲାଗଡ ଓ ସଇଁତଳା ପୋଲିସ ପକ୍ଷରୁ ସଇଁତଳା ସହରର ବିଭିନ୍ନ ସ୍ଥାନରେ ଫ୍ଲାଗ ମାର୍ଚ୍ଚ ହୋଇଛି।ଏହି ଫ୍ଲାଗ ମାର୍ଚ୍ଚ ରେ ଟିଟିଲାଗଡ ଏସଡିପିଓ ଅଙ୍କିତା କୁମ୍ଭାର ଓ ସଇଁତଳା ଥାନା ଅଧିକାରୀ ସୁଶାନ୍ତ ପଧାନ ସମେତ ସିଆରପିଏଫ୍ ୧୮୯ ବାଟାଲିୟନ ଫୋର୍ସ ଯବାନ ସାମିଲ ଥିଲେ। ଟିଟିଲାଗଡ ଏସଡିପିଓ ଶ୍ରୀମତୀ କୁମ୍ଭାର ଓ ସଇଁତଳା ଥାନା ଅଧିକାରୀ ଶ୍ରୀ ପଧାନ ସହରର ଜନସାଧାରଣ ପୋଲିସକୁ ସହଯୋଗ କରିବା ସହ ନିର୍ବାଚନକୁ ଶୃଙ୍ଖଳିତ ସମାପନ କରିବାକୁ ଅନୁରୋଧ କରିଥିଲେ।

# ରେନବୋ ଫୁଟବଲ ପ୍ରତିଯୋଗିତା : ଟାଟରକିଲ୍ଲା ଚାମ୍ପିଅନ



କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ପଲଶାଗୋରା ରେନବୋ କ୍ଲବ ଦ୍ୱାରା ଆୟୋଜିତ ଫୁଟବଲ ପ୍ରତିଯୋଗିତା ସୋମବାର ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ବୌଦ୍ଧ ଟାଟରକିଲ୍ଲା ଓ ବିଏମପୁର ଦଳ ମଧ୍ୟରେ ହୋଇଥିବା ବେଳେ ବୌଦ୍ଧ ୨-୦ ଗୋଲରେ ବିଜୟୀ ହୋଇ ଚମ୍ପିଆନ ହୋଇଥିଲା । ପରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ ମହୀଧର ରଣା,ସମ୍ମାନିତ ଅତିଥି ଭାବେ ଯୁବନେତା ଓମ ପ୍ରକାଶ ମିଶ୍ର, ଶିକ୍ଷକ ଉଦ୍ଧବ ମହାଳିକ,ବିଜିତ ପ୍ରଧାନ,ଶିତିକଣ୍ଠ ମିଶ୍ର,ରୁଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ, ପଲଶାଗୋରା ପୂର୍ବତନ ସରପଞ୍ଚ ପଞ୍ଚାନନ ସାହୁ,ଅନିଲ ପ୍ରଧାନ, ରାଧାବଲ୍ଲଭ ପ୍ରଧାନ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ କାର୍ଯ୍ୟକ୍ରମ ପରିଚାଳନାରେ ରେନବୋ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୪/୩୦)
–କର୍ମଯୋଗଃ–
(ଶ୍ରୀଭଗବାନୁବାଚ)

**ଅପରେ ନିୟତାହାରାଃ ପ୍ରାଣାନ୍ ପ୍ରାଣେଷୁ ଜୁହ୍ୱତି ।**
**ସର୍ବେପ୍ୟେତେ ଯଜ୍ଞବିଦୋ ଯଜ୍ଞକ୍ଷୟିତକଲ୍ମଷାଃ ।।୩୦।।**

ଆଉ କେହି କେହି ପରିମିତ ଆହାର କରି ତଦ୍ଦ୍ୱାରା ସ୍ୱୟଂ ଜୀର୍ଣ୍ଣ ଇନ୍ଦ୍ରିୟମାନଙ୍କଦ୍ୱାରା ଇନ୍ଦ୍ରିୟବୃତ୍ତମାନଙ୍କରେ ହୋମ କରନ୍ତି, ସମସ୍ତେ ଯଜ୍ଞ ଜାଣନ୍ତି ଓ ଯଜ୍ଞଦ୍ୱାରା ନିଷ୍ପାପ ଅଟନ୍ତି ।।୩୦।।

# ଚର୍ଚ୍ଚାରେ ଏକକାଳୀନ ନିର୍ବାଚନ

## ସମ୍ପାଦକୀୟ

ପୁଣିଥରେ ଚର୍ଚ୍ଚାରେ 'ଗୋଟିଏ ରାଷ୍ଟ୍ର ଗୋଟିଏ ନିର୍ବାଚନ ('ୱାନ ନେସନ ୱାନ ଇଲେକ୍ସନ')। ତେବେ ଭାରତ ପାଇଁ ଏହା ନୂଆ ନୁହେଁ । ଯେତେବେଳେ ରାଜ୍ୟ ବିଧାନସଭାଗୁଡିକ ସେମାନଙ୍କର ପୂର୍ଣ୍ଣ ଅବଧି ପୂର୍ବରୁ ଭାଙ୍ଗିବାକୁ ଲାଗିଲା, ଧୀରେ ଧୀରେ ଲୋକସଭା ଓ ବିଧାନସଭା ନିର୍ବାଚନ ମଧ୍ୟରେ ସମୟ ଅଲଗା ଅଲଗା ହେବାକୁ ଲାଗିଲା । ବିଶେଷ ଭାବରେ ୧୯୬୭ ପରେ ଏହା ବଦଳିଗଲା ଏବଂ ପରବର୍ତ୍ତୀ ଅବସ୍ଥାରେ ମଧ୍ୟ ଏକକାଳୀନ ନିର୍ବାଚନ ନେଇ ବିଚାର କରାଯାଇଛି । ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାରତୀୟ ଜନତା ପାର୍ଟି ଏହାକୁ ଅନ୍ୟତମ ଲକ୍ଷ୍ୟ ବୋଲି ଘୋଷଣା କରିଛି ଏବଂ ବର୍ତ୍ତମାନ ରାମ ନାଥ କୋବିନ୍ଦ କମିଟି ଏହାକୁ ସୁପାରିଶ କରିଛନ୍ତି । ଉଭୟ ସରକାର ଓ ରାଜନୈତିକ ଦଳର ଖର୍ଚ୍ଚ ହ୍ରାସ ହେଉଛି 'ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ' ବ୍ୟବସ୍ଥାର ଗୋଟିଏ ପ୍ରମୁଖ ସୁବିଧା । ଯଦିଓ ପୌର ଓ ପଞ୍ଚାୟତ ନିର୍ବାଚନ ମଧ୍ୟ ଏକ ସମୟରେ ହେବା ନେଇ ମଧ୍ୟ କେତେକ ଯୁକ୍ତି ଉପସ୍ଥାପନା କରନ୍ତି । କମିଟି ୨୦୨୯ରେ ଦୁଇ ପର୍ଯ୍ୟାୟରେ ନିର୍ବାଚନ ପାଇଁ ସୁପାରିଶ କରିଛି ଯାହା ସରକାରୀ କାର୍ଯ୍ୟରେ ବାରମ୍ବାର ବାଧା ହ୍ରାସ କରିପାରିବ, ଅଯଥା ସମୟ ଅପଚୟକୁ ରୋକି ପାରିବ ଏବଂ ବିକାଶ ତ୍ୱରାନ୍ୱିତ ହେବ । ମଡେଲ ଆଚରଣ ସଂହିତା ବାରମ୍ବାର ଲଗାଇବା ଦ୍ୱାରା ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ଏବଂ ଭୋଟର ମଧ୍ୟ ହଇରାଣ ହେଉଛନ୍ତି । ଅନ୍ୟପକ୍ଷରେ ଏହାଦ୍ୱାରା ମତଦାନ ବୃଦ୍ଧି ପାଇପାରେ, ତେବେ ଏକକାଳୀନ ନିର୍ବାଚନର ବ୍ୟବସ୍ଥାକୁ ସୁଚାରୁରୂପେ ପରିଚାଳନା ପାଇଁ ସରକାର ଏକ ଆଇନଗତ କାର୍ଯ୍ୟକ୍ଷମ ପ୍ରଣାଳୀ ପ୍ରସ୍ତୁତ କରିବା ଆବଶ୍ୟକ । ତେବେ ଏକକାଳୀନ ନିର୍ବାଚନ କରାଯିବାକୁ ଭାରତୀୟ ଜନତା ପାର୍ଟି (ବିଜେପି) ଓ ଅନ୍ୟ କେତେକ ଦଳ ସମର୍ଥନ କରୁଥିବା ବେଳେ ଅନ୍ୟ କେତେକ ଦଳ ଏହାର ବିରୋଧ କରୁଛନ୍ତି । କେତେକ ବିରୋଧୀ ଦଳଙ୍କ ଯୁକ୍ତି ହେଲା, ବିଜେପି ନିଜେ ଉପକୃତ ହେବାପାଇଁ ଏକକାଳୀନ ନିର୍ବାଚନ ସପକ୍ଷରେ ଯୁକ୍ତି ବାଢୁଛି । ଦଳଗୁଡିକ ଭୟ କରୁଛନ୍ତି ଯେ ଜାତୀୟ ରାଜନୀତିରେ ବିଜେପି ସ୍ଥିତି ରାଜ୍ୟ ରାଜନୀତିରେ ପ୍ରଭାବ ପକାଇବା ସହ ଆଞ୍ଚଳିକ ଦଳର ପ୍ରଭାବକୁ ହ୍ରାସ କରିବାରେ ସହାୟକ ହେବ । ୨୦୧୪ରେ ଆନ୍ଧ୍ରପ୍ରଦେଶ, ଓଡିଶା, ସିକ୍କିମ ଏବଂ ଅରୁଣାଚଳ ପ୍ରଦେଶରେ ବିଧାନସଭା ନିର୍ବାଚନ ସହ ସାଧାରଣ ନିର୍ବାଚନ ମଧ୍ୟ ହେଇଥିଲା । ତା'ପରେ ୨୦୧୯ରେ ମଧ୍ୟ ସାଧାରଣ ନିର୍ବାଚନ ସହ ୪ ଟି ରାଜ୍ୟର ନିର୍ବାଚନ ହେଇଥିଲା । ୨୦୧୪ ଓ ୨୦୧୯ ଏକକାଳୀନ ନିର୍ବାଚନରେ, ଅରୁଣାଚଳ ପ୍ରଦେଶ ବ୍ୟତୀତ ଆଞ୍ଚଳିକ ଦଳଗୁଡିକ କେବଳ ଚାରିଟି ରାଜ୍ୟରେ ରାଜ୍ୟ ନିର୍ବାଚନରେ ଜିତି ନ ଥିଲେ ବରଂ ସାଧାରଣ ନିର୍ବାଚନରେ ସର୍ବାଧିକ ଆସନ ପଞ୍ଜିକରଣ କରିଥିଲେ । ଆନ୍ଧ୍ରପ୍ରଦେଶରେ ୨୦୧୯ରେ ୱାଇଏସ୍‌ଆର୍‌ସିପି ବିଧାନସଭା ଆସନର ୮୬ ପ୍ରତିଶତ ଏବଂ ୮୮ ପ୍ରତିଶତ ଲୋକସଭା ଆସନ ଜିତିଥିଲା । ଓଡିଶାରେ ବିଜୁ ଜନତା ଦଳ (ବିଜେଡି) ରାଜ୍ୟ ନିର୍ବାଚନରେ ପ୍ରାୟ ୮୦ ପ୍ରତିଶତ ଏବଂ ଲୋକସଭା ନିର୍ବାଚନରେ ୫୭ ପ୍ରତିଶତ ଆସନରେ ଜିତିଥିଲା ଏବଂ ସିକ୍କିମରେ ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚା (ଏସ୍‌କେଏମ୍) ୫୩ ପ୍ରତିଶତ ବିଧାନସଭା ଆସନ ଏବଂ ୧୦୦ ପ୍ରତିଶତ ଲୋକସଭା ଆସନରେ ଜିତିଥିଲେ । ସେପଟେ ବିଜେପି ଅରୁଣାଚଳ ପ୍ରଦେଶରେ ୬୮ ପ୍ରତିଶତ ବିଧାନସଭା ଆସନ ଏବଂ ସେଠାରେ ୧୦୦ ପ୍ରତିଶତ ଲୋକସଭା ଆସନ ଜିତିଥିଲେ । ମତଦାନର ସମ୍ପୂର୍ଣ୍ଣ ସଂଖ୍ୟା ମଧ୍ୟ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନରେ ପାଖାପାଖି ରହିଥିବାର ଦେଖାଯାଏ । ଆନ୍ଧ୍ରପ୍ରଦେଶରେ ଉଭୟ ବିଧାନସଭା ଏବଂ ଲୋକସଭା ନିର୍ବାଚନରେ ୱାଇଏସ୍‌ଆର୍‌ସିପି, ଟିଡିପି ଏବଂ ଜନସେନା ପ୍ରାୟ ସମାନ ସଂଖ୍ୟକ ଭୋଟ୍ ପାଇଥିଲେ । ତେଲେଙ୍ଗାନା ରାଷ୍ଟ୍ର ସମିତି ଏବଂ ତେଲେଙ୍ଗାନାରେ ବିଜେପି–ଟିଡିପି ମିଳିତ ମଞ୍ଚ ତଥା ଓଡିଶାରେ ବିଜେଡି ଏବଂ କଂଗ୍ରେସ ପାଇଁ ମଧ୍ୟ ସମାନ ଘଟଣା ଘଟିଥିଲା । ଲୋକସଭା ନିର୍ବାଚନରେ ଅରୁଣାଚଳ ପ୍ରଦେଶ, ଓଡିଶା ଏବଂ ସିକ୍କିମରେ କେବଳ ବିଜେପି ଅଧିକ ଭୋଟ୍ ପାଇଛି । କୌତୁହଳର ବିଷୟ, ଅରୁଣାଚଳ ପ୍ରଦେଶରେ ମଧ୍ୟ କଂଗ୍ରେସ ଜାତୀୟ ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିଲା । ୧୯୯୯ ପରଠାରୁ ଏକକାଳୀନ ନିର୍ବାଚନ ହେଇ ଆସୁଥିବା ଆନ୍ଧ୍ରପ୍ରଦେଶରେ ଯେଉଁ ଦଳ ରାଜ୍ୟ ନିର୍ବାଚନରେ ଜିତେ ସେ ମଧ୍ୟ ରାଜ୍ୟରେ ସର୍ବାଧିକ ଲୋକସଭା ଆସନରେ ଜିତିବାର ଉଦାହରଣ ରହିଛି । ୧୯୯୯ ଏବଂ ୨୦୦୪ରେ କର୍ଣ୍ଣାଟକ ମତଦାନ ମଧ୍ୟ ସମାନ କଥା ଦର୍ଶାଏ । ୧୯୯୯ରେ ରାଜ୍ୟ ନିର୍ବାଚନରେ କଂଗ୍ରେସ ଏକ ସାଧାରଣ ସଂଖ୍ୟାଗରିଷ୍ଠତା ହାସଲ କରିବା ସହିତ ସର୍ବାଧିକ ଲୋକସଭା ଆସନ – ମୋଟ ୨୮ ଟିରୁ ୧୮ ଟିରେ ଜିତିଥିଲା । ୨୦୦୪ ମସିହାରେ, ବିଧାନସଭା ନିର୍ବାଚନରେ କର୍ଣ୍ଣାଟକରେ ବିଜେପି ଏକକ ବୃହତ୍ତମ ଦଳ ଭାବରେ ଉଭା ହୋଇଥିଲା ଏବଂ ମୋଟ ୨୮ ଟି ଲୋକସଭା ଆସନରୁ ଏନଡିଏ ୧୮ ଟିରେ ବିଜୟୀ ହେଇଥିଲା । ଏସବୁ ଗଣିତ ପ୍ରମାଣ କରୁଛି ଯେ' ଏକକାଳୀନ ନିର୍ବାଚନ ହେଲେ, ରାଜ୍ୟ ରାଜନୀତିରେ ପ୍ରଭାବ ପଡୁନାହିଁ ବା ଆଞ୍ଚଳିକ ଦଳ ପ୍ରଭାବିତ ହେଉନାହାନ୍ତି । ନିକଟ ଅତୀତରେ ୨୦୧୪ ଏବଂ ୨୦୧୯ରେ ଅଳ୍ପ କେତେକ ରାଜ୍ୟରେ ହୋଇଥିବା ଏକକାଳୀନ ନିର୍ବାଚନ ଫଳାଫଳରୁ ଜଣାପଡୁଛି ଯେ' ଯେତେବେଳେ ମତଦାନ ଏକାଠି ହୁଏ ସେତେବେଳେ ଲୋକପ୍ରିୟ ଆଞ୍ଚଳିକ ଦଳ ଲୋକସଭା ନିର୍ବାଚନରେ ଲାଭବାନ ହୁଅନ୍ତି । ବିଭିନ୍ନ ସମୟରେ ବିଧାନସଭା ଏବଂ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲେ ଭୋଟରମାନେ ବିଭିନ୍ନ ଦଳ ବାଛନ୍ତି । ୨୦୧୯ ସାଧାରଣ ନିର୍ବାଚନରେ ଦିଲ୍ଲୀରେ ବିଜେପି ସାତଟି ଯାକ ଆସନରେ ବିଜୟୀ ହେଇଥିବାବେଳେ ୨୦୨୦ ମସିହାରେ ଅର୍ଥାତ୍ ଏକ–ବର୍ଷ ପରେ ରାଜ୍ୟ ନିର୍ବାଚନରେ ଆମ୍ ଆଦମୀ ପାର୍ଟି (ଆପ୍)ର ବିଜୟ ହେଇଥିଲା । ମୋଟାମୋଟି ଭାବରେ ଏକକାଳୀନ ନିର୍ବାଚନ କୌଣସି ଦୃଷ୍ଟିରୁ ଦେଶପାଇଁ ଖରାପ ନୁହେଁ, ବରଂ ସମୟ ଓ ସମ୍ବଳ ଅପଚୟକୁ ଏହା ହ୍ରାସ କରିପାରିବ । କିନ୍ତୁ ସଂପୃକ୍ତ ସାମ୍ବିଧାନିକ ବ୍ୟବସ୍ଥାରେ ସଂଶୋଧନ ନକରି ଏକକାଳୀନ ମତଦାନ ହାସଲ ହୋଇପାରିବ ନାହିଁ, ଯାହା କମିଟି ଚିହ୍ନଟ କରିଛି । ସୁପାରିଶକୁ ବିରୋଧ କରୁଥିବା ରାଜନୈତିକ ଦଳଗୁଡିକର ଆପତ୍ତି ଅନୁସାରେ 'ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ' ସଂଘୀୟତାକୁ ନଷ୍ଟ କରିବ ଏବଂ ଆଗରୁ ରାଜ୍ୟ ବିଧାନସଭାଗୁଡିକୁ ଭାଙ୍ଗିବା ଅର୍ଥ ଗଣତାନ୍ତ୍ରିକ ନୀତିକୁ ସ୍ୱୀକାର ନ କରିବା । ଏହା ବ୍ୟତୀତ ଯଦି ଗୋଟିଏ ରାଜ୍ୟ ସରକାର ମଧ୍ୟବର୍ତ୍ତୀକାଳୀନ କ୍ଷମତା ହରାନ୍ତି, ତେବେ ଲୋକସଭା ଶେଷ ହେବା ପର୍ଯ୍ୟନ୍ତ ନିର୍ବାଚିତ ପରବର୍ତ୍ତୀ ସରକାର କାର୍ଯ୍ୟ କରିବ । ତେଣୁ 'ଗୋଟିଏ ରାଷ୍ଟ୍ର ଗୋଟିଏ ନିର୍ବାଚନ' ବା ଲୋକସଭା ଓ ବିଧାନସଭାର ଏକକାଳୀନ ନିର୍ବାଚନ ସମୟ ଓ ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହେବ, ଏହା ନିଶ୍ଚିତ । କିନ୍ତୁ ଏହାର ବାସ୍ତବିକତା କେତେ, ତାହା ବିତର୍କର ବିଷୟ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ, ପ୍ରତି ରକ୍ତବିନ୍ଦୁ ।**

**ଗୋପବନ୍ଧୁ ଦାସ**

# କୃଷକର ବନ୍ଧୁ 'ଘରଚଟିଆ'

**ବୈଷ୍ଣବ ଚରଣ ଦାଶ**

**ଏହି ଦୁର୍ଲ୍ଲଭ ପକ୍ଷୀର ସୁରକ୍ଷା ପାଇଁ 'ଇଣ୍ଟର ନ୍ୟାସନାଲ ୟୁନିୟନ ଫର୍ କନ୍ସରଭେସନ ଅଫ ନେଚର୍ ଆଣ୍ଡ ନେଚୁରାଲ ରିସୋର୍ସ' ପକ୍ଷରୁ ୨୦୧୦ ମସିହା ଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ଘରଚଟିଆ ଦିବସ ପାଳିତ ହେଉଛି । ଘରଚଟିଆର ସୁରକ୍ଷା ପାଇଁ ଲୋକଙ୍କ ମନରେ ସଚେତନତା ସୃଷ୍ଟି କରାଇବା ଏହି ଦିବସର ଲକ୍ଷ୍ୟ ।**

ପୂର୍ବାଚାର୍ଯ୍ୟମାନେ କହିଛନ୍ତି 'କ୍ଷୁଦ୍ରୋପି ନିହିତା ଶକ୍ତି ସମ୍ଭାବନା ଗରୀୟସି '। ଆମ ପୃଥିବୀରେ ଏପରି ଅନେକ କ୍ଷୁଦ୍ର ବସ୍ତୁ ରହିଛି ଯାହା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ମନୁଷ୍ୟର କଲ୍ୟାଣ ସାଧନ କରେ । ତନ୍ମଧ୍ୟରୁ ଘର ଚଟିଆ ଅନ୍ୟତମ । ଆଠରୁ ଦଶ ସେଣ୍ଟିମିଟର ଲମ୍ବର ଏହି ପକ୍ଷୀ ମାନବର ଅଶେଷ କଲ୍ୟାଣ ସାଧନ କରିଆସୁଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ବର୍ତ୍ତମାନ ପ୍ରାକୃତିକ ଅସନ୍ତୁଳନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏହି କ୍ଷୁଦ୍ର ପକ୍ଷୀ ବିଲୁପ୍ତ ପ୍ରାୟ ତାଲିକା ଅନ୍ତର୍ଭୁକ୍ତ ହୋଇଛି । ସକାଳ ହେବା ମାତ୍ରେ କିଚିରି ମିଚିରି ଶବ୍ଦ କାକଳିରେ ପରିବେଶକୁ ମୁଖରିତ କରୁଥିବା ଏହି ପକ୍ଷୀ ଆଜିକାଲି ଦେଖିବାକୁ ମିଳୁନାହାନ୍ତି ।

ଘରଚଟିଆର ଦୁଇଟି ଜାତି । ଗୋଟିଏ ପୁରୁଷ ଓ ଅନ୍ୟଟି ମହିଳା । ପୁରୁଷ ଚଟିଆର ବେକ ପାଖ ସାମାନ୍ୟ କଳା ଓ ନିମ୍ନାଂଶ ଧଳା ହୋଇଥିବା ବେଳେ ମାଈ ଚଟିଆ ମାଟିଆ ରଙ୍ଗର ହୋଇଥାଏ । ଗୋଟିଏ ପ୍ରାପ୍ତ ବୟସ୍କ ଚଟିଆର ଓଜନ ପାଖାପାଖି ତିରିଶି ଗ୍ରାମ । ମାଈଚଟିଆ ଥରକେ ଆଠରୁ ଦଶଟି ଅଣ୍ଡା ଦେଇଥାଏ । ଅଣ୍ଡା ଦେବାର ଦଶ ଦିନ ପରେ ଛୁଆ ଫୁଟିଥାନ୍ତି । ଘର ଚଟିଆର ଖାଦ୍ୟ ହେଉଛି ବିଭିନ୍ନ କୀଟ ଓ ଖାଦ୍ୟଶସ୍ୟ । ତା'ର ଛୋଟ ଥଣ୍ଟରେ ସେ ଶସ୍ୟର କଠିନ ଚୋପାର ଆସ୍ତରଣକୁ ଛଡାଇ ଖାଇଥାଏ ।

ବାଡି ବୁଦାରୁ କାଠି କୁଟା ସଂଗ୍ରହ କରି ସେ ନିଜର ବସା ତିଆରି କରେ । ତା' ଛଡା ମଣିଷ ରହୁଥିବା ଚାଳ ଘର, କେବୁଲ୍ ବାକ୍ସ, ବିଦ୍ୟୁତ ତାର, ସ୍କାଏ ଲାଇଟ୍ ଆଦି ମଧ୍ୟ ଘରଚଟିଆର ପ୍ରିୟ ବାସସ୍ଥାନ । ଘରଚଟିଆ ଏକ ଚଳଚଞ୍ଚଳ ଓ ପରିଶ୍ରମୀ ପ୍ରାଣୀ । ସକାଳୁ କେବଳ ଯେ ଏହା ମନୁଷ୍ୟକୁ ନିଦରୁ ଉଠାଇ ଥାଏ, ତାହା ନୁହେଁ ବରଂ ଘରଚଟିଆ ଧୂଳିରେ ଗଡିଲେ ବର୍ଷା ଆସିଥାଏ ବୋଲି ବିଶ୍ୱାସ ରହିଛି । ଅନ୍ୟ ପକ୍ଷରେ ଦେଖିବାକୁ ଗଲେ କୃଷକର ଏକ ଉତ୍ତମ ବନ୍ଧୁ ଭାବେ ଘରଚଟିଆ ପରିଚିତ ।

ବିଲରେ ଶସ୍ୟକୁ ନଷ୍ଟ କରୁଥିବା କୀଟମାନଙ୍କୁ ଚଟିଆ ଖାଇ ଦେଇ ଥାଏ । କିନ୍ତୁ ବର୍ତ୍ତମାନ ଚାଷ ଜମିରେ ଅତ୍ୟଧିକ କୀଟନାଶକ ବ୍ୟବହାର ଫଳରେ ତାହା ଘରଚଟିଆ ପ୍ରତି ବିପଦ ସୃଷ୍ଟି କରିଛି । ଗାଡି ମଟର ମାତ୍ରାଧିକ ଚଳାଚଳ, ଚାରିଆଡ଼େ କଂକ୍ରିଟ ଜଙ୍ଗଲ, ଚାଳଘର ବିଲୁପ୍ତ, ମାଳ ମାଳ ଟାୱାରରୁ ନିର୍ଗତ ବିକିରଣ ଏହି ସୁନ୍ଦର ପକ୍ଷୀର ଜୀବନକୁ ବିପଦ ଆଡ଼କୁ ଠେଲି ଦେଇଛି ।

ଏହି ଦୁର୍ଲ୍ଲଭ ପକ୍ଷୀର ସୁରକ୍ଷା ପାଇଁ 'ଇଣ୍ଟର ନ୍ୟାସନାଲ ୟୁନିୟନ ଫର୍ କନ୍ସରଭେସନ ଅଫ ନେଚର୍ ଆଣ୍ଡ ନେଚୁରାଲ ରିସୋର୍ସ' ପକ୍ଷରୁ ୨୦୧୦ ମସିହା ଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ଘରଚଟିଆ ଦିବସ ପାଳିତ ହେଉଛି । ଘରଚଟିଆର ସୁରକ୍ଷା ପାଇଁ ଲୋକଙ୍କ ମନରେ ସଚେତନତା ସୃଷ୍ଟି କରାଇବା ଏହି ଦିବସର ଲକ୍ଷ୍ୟ । ଦିନ ଥିଲା ଗାଁ ଗହଳ ସବୁଠି ଏହି ଘରଚଟିଆର କିଚିରି ମିଚିରି ଶବ୍ଦରେ ଫାଟି ପଡୁଥିଲା । ଏବେ ଠାରୁ ଯଦି ଆମେ ଏହାର ବଂଶ ରକ୍ଷା ପାଇଁ ଚେଷ୍ଟା ନ କରିବା ତେବେ ଏହି ସୁନ୍ଦର ପକ୍ଷୀ ବିଷୟରେ ଆଗାମୀ ବଂଶଧରମାନେ କେବଳ ଇତିହାସରେ ପଢ଼ିବେ । ଏଠାରେ କବି ମହେଶ୍ୱର ମହାନ୍ତିଙ୍କ ଏକ ପଂକ୍ତି ମନେପଡେ –

*' ମାନବେ ମହାବଳି ପ୍ରକୃତି ପାଦେ ଦଳି*
*ନ ମାନି ବିଧାତା ନିୟମ*
*କରୁଛି ଆଜି ଯାହା ନାହିଁ ତା ପାଇଁ ରାହା*
*ଲଭିବ ଦିନେ ଫଳ ଚରମ ।'*

ଏହି ପକ୍ଷୀର ବଂଶ ବିସ୍ତାର ପାଇଁ ଆମେ କୃତ୍ରିମ ଚାଳ ଘର ନିର୍ମାଣ କରିବା, କୀଟ ନାଶକର ବ୍ୟବହାର କମାଇବା, ଉଚ୍ଚ ସ୍ଥାନରେ ମାଟିହାଣ୍ଡି କଣା କରି ଲଗାଇବା, କାର୍ଡ ବୋର୍ଡ ବ୍ୟବହାର କରି କୃତ୍ରିମ ବସା ନିର୍ମାଣ କରି ଟାଙ୍ଗିବା, ଛାତ ଉପରେ ମାଟି ପାତ୍ରରେ ପାଣି ତଥା ଖାଦ୍ୟ ଶସ୍ୟର ବ୍ୟବସ୍ଥା କରିବା ବିଧେୟ ।

ଖୁସିର ବିଷୟ ଗତ କିଛି ବର୍ଷ ହେଲା ଏହି ଦିବସ ପାଳନର ସୁଫଳ ମିଳିଛି । କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହାର ସୁରକ୍ଷା ପାଇଁ ଅଗ୍ରସର ହୋଇ ଜନସାଧାରଣଙ୍କୁ ସଚେତନ କରାଇବା ସହ କୃତ୍ରିମ ବସା ନିର୍ମାଣ, ଖାଦ୍ୟ ଓ ଜଳ ଯୋଗାଣ ବ୍ୟବସ୍ଥା କରୁଛନ୍ତି । ଆମମାନଙ୍କ ସ୍ଥିତି ଓ ସମୃଦ୍ଧି ପାଇଁ ଘରଚଟିଆମାନଙ୍କ ବଞ୍ଚିବା ଜରୁରୀ । ମନୁଷ୍ୟ ଓ ପଶୁପକ୍ଷୀ ଏକତ୍ର ସହାବସ୍ଥାନ କରିବା ଆମ ପରିବେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି । ଆସନ୍ତୁ, ଏହି ଟିକି ପକ୍ଷୀର ସୁରକ୍ଷା କରିବା, ଆମ ପରିବେଶକୁ ସୁନ୍ଦର କରିବା ପାଇଁ ଆମେ ସମସ୍ତେ ଯତ୍ନବାନ ହୋଇ ଆଗକୁ ବଢ଼ିବା । ଆମର ଆନ୍ତରିକ ପ୍ରୟାସ ହୁଏତ ଏହି ପକ୍ଷୀର ବଂଶରକ୍ଷାରେ ସହାୟକ ହୋଇପାରିବ ଏବଂ ଏହି ବିଲୁପ୍ତ ପ୍ରାୟ ପକ୍ଷୀଙ୍କ ସୁରକ୍ଷା ହୋଇପାରିବ ।

**ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ**
**ବୁଗୁଡ଼ା, ଗଞ୍ଜାମ**
**ମୋ–୯୭୭୬୫୩୪୯୩୦**

# ପାରିବାରିକ ସମନ୍ୱୟ ରଖେ ପଖାଳ

**ବୈଷ୍ଣବ ମେହେର**

**ପଖାଳ ଆମ ରାଜ୍ୟର ଲୋକଙ୍କ ସବୁଠାରୁ ପ୍ରିୟ ଖାଦ୍ୟ । ବିଶ୍ୱର କୋଣ ଅନୁକୋଣରେ ବାସ କରୁଥିବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ମାର୍ଚ୍ଚ ୨୦ ସ୍ୱତନ୍ତ୍ର ମହତ୍ତ୍ୱ ରଖେ କାରଣ ଏହି ଦିନ ହେଉଛି ବିଶ୍ୱ ପଖାଳ ଦିବସ । କେବଳ ପଖାଳ ଖାଇବା ପାଇଁ ଏହି ଦିବସ ପାଳନ କରାଯାଏ ନାହିଁ ବରଂ ପଖାଳର ମହତ୍ତ୍ୱକୁ ପରପିଢ଼ି ପାଖରେ ପହଞ୍ଚାଇବା ହେଉଛି ପାଖଳ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।**

କେବଳ ପଖାଳର ସ୍ୱାଦକୁ ନେଇ ଯଦି ଆମେ ଆଲୋଚନା କରିବା ତେବେ ଏହା ସ୍ୱୟଂ ସମ୍ପୂର୍ଣ୍ଣ ହେବ ନାହିଁ । କାରଣ ସ୍ୱାଦକୁ ନେଇ ପଖାଳର ଯେତିକି ଜନପ୍ରିୟତା ଏହି ପଖାଳକୁ ନେଇ ଆମ ପାରିବାରିକ ଭାବ ବନ୍ଧନ ମଧ୍ୟ ସେତିକି ସୁଦୃଢ଼ ରହି ଆସିଛି । ନିଜ ନିଜ ପଖାଳ କଂସା ନେଇ ପରିବାରର ଭାଇଭଉଣୀ, ବାପାମାଆ, ଜେଜେ ଜେଜେମାଆ ସମସ୍ତେ ଗୋଟିଏ ପାଖରେ ଖାଇ ବସିବା ଦ୍ୱାରା ପରସ୍ପର ମଧ୍ୟରେ ଆତ୍ମୀୟତା ଓ ସମନ୍ୱୟ ବୃଦ୍ଧି ପାଇଥାଏ । ସେଥିପାଇଁ ତ ପଖାଳର ବିଶେଷତ୍ୱ ଅନନ୍ୟ ।

ପଖାଳ ଆମ ରାଜ୍ୟର ଲୋକଙ୍କ ସବୁଠାରୁ ପ୍ରିୟ ଖାଦ୍ୟ । ବିଶ୍ୱର କୋଣ ଅନୁକୋଣରେ ବାସ କରୁଥିବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ମାର୍ଚ୍ଚ ୨୦ ସ୍ୱତନ୍ତ୍ର ମହତ୍ତ୍ୱ ରଖେ କାରଣ ଏହି ଦିନ ହେଉଛି ବିଶ୍ୱ ପଖାଳ ଦିବସ । କେବଳ ପଖାଳ ଖାଇବା ପାଇଁ ଏହି ଦିବସ ପାଳନ କରାଯାଏ ନାହିଁ ବରଂ ପଖାଳର ମହତ୍ତ୍ୱକୁ ପରପିଢ଼ି ପାଖରେ ପହଞ୍ଚାଇବା ହେଉଛି ପାଖଳ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ପଖାଳକୁ କେବଳ ଖାଦ୍ୟ ଭିତରେ ସୀମିତ ରଖିଲେ ହେବ ନାହିଁ, ପଖାଳ ଓଡ଼ିଆଙ୍କ ମାନସିକତା, ବିଚାରଧାରା, ସାହିତ୍ୟ, ସଂସ୍କୃତି, ସଂସ୍କାର, ସ୍ୱାସ୍ଥ୍ୟ ସହ ଓତପ୍ରୋତଃ ଭାବରେ ଜଡ଼ିତ । ୨୦୧୧ ମସିହା ମାର୍ଚ୍ଚ ୨୦ରେ କିଛି ଓଡ଼ିଆ ଓ ଅଣଓଡ଼ିଆ ଖାଦ୍ୟପ୍ରେମୀଙ୍କ ଉତ୍ସାହ କ୍ରମେ ଇଓଡ଼ିଶା ଅର୍ଗାନାଇଜେସନ ଦ୍ୱାରା ପଖାଳ ଦିବସ ପାଳନର ପରିକଳ୍ପନା କରାଯାଇଥିଲା । ତେବେ ୨୦୧୫ ମସିହା ଠାରୁ ଏହି ଦିବସ ପାଳନ ପାଇଁ ଟୁଇଟର ଟ୍ରେଣ୍ଡ ଆରମ୍ଭ ହୋଇ ବର୍ତ୍ତମାନ ବିଶ୍ୱର କୋଣ ଅନୁକୋଣରେ ଏହି ଦିବସ ପାଳନ ନିମନ୍ତେ ପଖାଳପ୍ରେମୀମାନେ ଆଗେଇ ଆସିଲେଣି । ପଖାଳକୁ କାହିଁ କେଉଁ କାଳରୁ ଗରିବଗୁରୁବାଙ୍କ ଅମୃତ ବୋଲି କୁହାଯାଇ ଆସୁଛି । କାରଣ କିଛି ନ ହେଲେ ଲୁଣ ଓ ଲଙ୍କାଟିଏ ଲଗାଇ ପଖାଳ ଖାଇ ଲୋକେ ବଞ୍ଚି ଯାଇପାରନ୍ତି ।

ବେଶି ହେଲେ ପଖାଳରେ ଶୁଖୁଆ, ବାଇଗଣ, ପାତଳଘଣ୍ଟା ପୋଡ଼ା ହେଲେ ଏହା ଯଥେଷ୍ଟ ହୋଇଯାଏ । ଲୁଣ, ଲଙ୍କା, ପିଆଜ ସହ ପଖାଳ ଖାଇବାର ପରମ୍ପରା କେଉଁ ଆବାହମାନ କାଳରୁ ଚାଲି ଆସିଛି । ଅନ୍ତତଃ ଓଡ଼ିଶାରେ ଧନୀ ଗରିବ ମଧ୍ୟମ ପ୍ରତ୍ୟେକ ସ୍ତରର ଲୋକଙ୍କ ପାଇଁ ପଖାଳ ସର୍ବଗ୍ରହଣୀୟ ଖାଦ୍ୟ ହୋଇଛି ।

ଏବେ ପଖାଳର ଚାହିଦା ଧୀରେ ଧୀରେ ବଢ଼ିବା ସହ ଏହା ନୂଆ ପିଢ଼ିକୁ ଆକୃଷ୍ଟ କରିଥିଲେ ମଧ୍ୟ ପଖାଳର ଅସଲ ମୌଳିକତା ଆଉ ଦେଖିବାକୁ ମିଳୁନାହିଁ । ପଖାଳର ନାଁ ପୂର୍ବପରି ଅଛି କିନ୍ତୁ ପଖାଳର ସରଞ୍ଜାମରେ ଅନେକ ପରିବର୍ତ୍ତନ ଆସିଯାଇଛି । ନିହାତି କମ୍ ଖର୍ଚ୍ଚରେ ଗରିବ ପରିବାରର ଉଦର ଭରୁଥିବା ସେଦିନର ପଖାଳ ବର୍ତ୍ତମାନ ବଡ଼ ବଡ଼ ହୋଟେଲମାନଙ୍କରେ ବିତ୍ତଶାଳିଙ୍କ ଆଡ଼ମ୍ବରପୂର୍ଣ୍ଣ ପସରା ହୋଇଯାଇଛି । ସହରର ଛୋଟବଡ଼ ହୋଟେଲ ଠାରୁ ଆରମ୍ଭ କରି ବଡ଼ ବଡ଼ ତାରକା ହୋଟେଲମାନଙ୍କରେ ଛଅ ତିଅଣ ନଅ ଭଜାର ପରିବେଷ୍ଟନି ଭିତରେ ସେକାଳ ପଖାଳର ମୌଳିକତା ହଜିବାକୁ ବସିଲାଣି । ବର୍ତ୍ତମାନର ପିଢ଼ି ପରିବାର ସହ ଏକାଠି ବସି ପଖାଳ ଖାଇବାର ଅସଲ ମଜାକୁ ଅନୁଭବ କରୁଥିବା ବେଳେ ଆଉ କେହି କେହି ପଖାଳ ଯାଦୁରେ ପଡ଼ି ପଖାଳ ଦିବସ ପାଳନ କରୁଛନ୍ତି ।

ପ୍ରକୃତରେ ଅସହ୍ୟ ଖରା ଓ ତତ୍‌ଜନିତ ଅଂଶୁଘାତ ସମସ୍ୟାରୁ ରକ୍ଷା ପାଇବାକୁ ପଖାଳ ମହୋଷଧି ଭାବରେ କାର୍ଯ୍ୟ କରେ । ପଖାଳରେ ଦହି, ଲେମ୍ବୁପତ୍ର, ସୋରିଷ ଲଙ୍କା ଛୁଙ୍କ ଏହାର ସ୍ୱାଦକୁ ବଢ଼ାଇ ଦିଏ । ସେହିପରି ସମୟ କ୍ରମେ ପଖାଳ ସହ ଧନିଆ, ପୁଦିନା, ଆମ୍ବ, କରମଙ୍ଗା, ତେନ୍ତୁଳି, ଆମ୍ବୁଲ ଚଟଣି ସହ ଓଡ଼ିଶାର ପାରମ୍ପରିକ ଲେଉଟିଆ, କୋଶଳା, ସଜନା, କଲମ, ସୁନସୁନିଆ ଆଦି ଶାଗ ଓ ବଡ଼ିଚୁରା, ଚୂନା ମାଛ ଆଦି ଏହାର ସ୍ୱାଦକୁ ବହୁଗୁଣିତ କରିଥାଏ । ଏବେ କିନ୍ତୁ ପାଟିକୁ ସ୍ୱାଦିଷ୍ଟ ହେଲା ଭଳି ବିଭିନ୍ନ ପ୍ରକାରର ପଖାଳ ପ୍ରସ୍ତୁତ କରାଯାଇ ହୋଟେଲ ମାନଙ୍କରେ ଗ୍ରାହକଙ୍କୁ ଆକଷ୍ଟ କରାଯାଉଛି । ସେସବୁ ପଖାଳ ମଧ୍ୟରେ ସାଧା ପଖାଳ, ଛୁଙ୍କ ପଖାଳ, ଦହି ପଖାଳ, ପୁଦିନା ପଖାଳ, ମସଲା ପଖାଳ ଆଦି ରହିଛି । ପଖାଳ ସହିତ ନିରାମିଷଙ୍କ ପାଇଁ ସ୍ପେଶାଲ ଭଜା, ବଡ଼ିଚୁରା, ଶାଗଭଜା, ଆଳୁ ଚକଟା, ଗୋଟା କଲରା ଭଜା, କଖାରୁ ଫୁଲ ଭଜା, ବାଇଗଣ ଭର୍ତ୍ତା, ଟମାଟୋ ଚଟଣି, ପାମ୍ପଡ଼, ଛତୁ ପୋଡ଼ା, ପନିର କଷା ଆଦି ରହୁଛି । ସେହିଭଳି ଆମିଷ ପ୍ରିୟ ଗ୍ରାହକଙ୍କ ପାଇଁ ପଖାଳ ସହ ମଟନ କଷା, ଚିକେନ କଷା, ମଟନ ପୋଡ଼ା, ଚିକେନ ପୋଡ଼ା, ମସଲା ଶୁଖୁଆ, ଚିଙ୍ଗୁଡ଼ି ଚଟଣି, କଙ୍କଡ଼ା ଛେଚା, ବିଭିନ୍ନ ପ୍ରକାରର ମାଛ ଭଜା, ମାଛ ପୋଡ଼ା ରହିଥାଏ । ତାରକା ହୋଟେଲରେ ତିଆରି ଅତ୍ୟାଧୁନିକ ପଖାଳ କଥା ତ ଆହୁରି ନିଆରା ।

ଗାଁ ହେଉ କି ସହର, ସବୁଠି କାହିଁ କେଉଁ କାଳରୁ ପଖାଳ ଗରିବଙ୍କ ପାଇଁ ଅମୃତ ହୋଇ ରହି ଆସିଥିବାବେଳେ ପଖାଳର ଏହି ନବୀକରଣ ପଖାଳ କଂସାର ପ୍ରକୃତ ମହତ୍ତ୍ୱକୁ ବିସ୍ମୃତ କଲାଭଳି ମନେ ହେଉଛି । ତେଣୁ ବିଶ୍ୱ ପଖାଳ ଦିବସ ପାଳନର ମହତ ଉଦ୍ଦେଶ୍ୟକୁ ସଫଳ କରିବାକୁ ଆଜି ଠାରୁ ଆମକୁ ଅସଲ ପଖାଳ ମୁହାଁ ହେବାକୁ ପଡ଼ିବ ।

**ସିନାପାଲି, ନୂଆପଡ଼ା**
**ମୋ–୯୭୭୭୭୫୩୯୩୫**

# ବିଶ୍ୱାସହିଁ ସବୁଠୁଁ ବଡ

ବିଶ୍ୱାସ ଏକ ଅନନ୍ୟ ସୁନ୍ଦର ପ୍ରତିଶବ୍ଦ ଯାହାର ଅର୍ଥ ବ୍ୟାପକ କିନ୍ତୁ ଏକ ଶାନ୍ତିବାଚକ ତତ୍ତ୍ୱ ବୋଲି ଗ୍ରହଣ କରାଯାଇପାରେ । ବିଶ୍ୱାସର ଅନ୍ୟ ଅର୍ଥ ଭରସା ଯାହା ପାଇଁ ସବୁବେଳେ ତୃତୀୟ ଓ ଦ୍ୱିତୀୟ ପୁରୁଷର ଆର୍ବିଭାବ ଏକାନ୍ତ ଜରୁରୀ । ଏହାକୁ କେତେକ ଆବେଗ ବୋଲି ମଧ୍ୟ ଗ୍ରହଣ କରିଛନ୍ତି, ତେବେ ଶ୍ରଦ୍ଧା,ସ୍ନେହ ,ପ୍ରେମ,ଘୃଣା ଆଦି ଠାରୁ ଏହା ବହୁତ ସ୍ୱତନ୍ତ୍ର । ବିଶ୍ୱାସ ବଞ୍ଚିବାର ଏକ ରାହା, ବଞ୍ଚିବାର ଅନ୍ୟନାମ ବୋଲି କୁହାଯାଇଛି । ଏହାର ଗୂଢ଼ଅର୍ଥ ବଡ଼ ବ୍ୟାପକ ଏହାକୁ ଚିନ୍ତାରେ ବୁଝାଯାଇପାରେନା ବରଂ ମାନସିକ ପରୀକ୍ଷାରେ ଗ୍ରହଣ କରାଯାଇପାରେ । ବିଶ୍ୱାସରୁ ସଂସାର ଆତଯାତ ବୋଲି ଅନେକଙ୍କଠାରୁ ଶୁଣିବାକୁ ମିଳେ । କିନ୍ତୁ ଏହା ଏକ ବ୍ୟାପକ ଭାବଧାରା, ଏକ ସ୍ୱଷ୍ଟ ଅନୁଚିନ୍ତନ । ବିଶ୍ୱାସଦ୍ୱାରା ମିଛ ବେଳେ ବେଳେ ସତ୍ୟହୁଏ ବେଳେ ବେଳେ ସତ୍ୟ ମିଥ୍ୟା ହୋଇ ଲଜ୍ଜିତ ହୁଏ । କେବଳ ଏହାକୁ ସ୍ଥାପନ କରିବା ବ୍ୟକ୍ତିବାଦ ଉପରେ ନିର୍ଭର କରେ । ବ୍ୟକ୍ତିବାଦ ହିଁ ଏହାକୁ ସ୍ୱଷ୍ଟ ମୂଲୁଦୁଆ ପକାଇବାରେ ସମର୍ଥ ହୋଇଥାଏ । ଭୁତର ବିଶ୍ୱାସ ପ୍ରେତ ଧାରଣାରେ ବିଶ୍ୱାସ ଆଣି ଆଜିପର୍ଯ୍ୟନ୍ତ ଏହି ତତ୍ତ୍ୱ ବଞ୍ଚିରହିଛି ସମସ୍ତଙ୍କ ମନରେ । ଗ୍ରହ ଚାଳନା ଗ୍ରହଜନିତ ମଣିଷର ଭୋଗାଭୋଗ ଆଦି ବିଶ୍ୱାସ ଯେ କେତେଜଣଙ୍କୁ ଅବସାଦକୁ ଠେଲିଦିଏ ଏକଥା ନକହିବା ବରଂ ଭଲ । ଏହି ଶୂନ୍ୟ ଫଳକୁ ଆଶା ନିରାଶାର ମାଧ୍ୟମକରି ମଣିଷ ତାର ବହୁମୂଲ୍ୟ ସମୟ ନଷ୍ଟକରେ । ସବୁଠାରୁ ବଡ ବିଶ୍ୱାସହିଁ ଈଶ୍ୱରବିଶ୍ୱାସ ଯାହା ମଣିଷକୁ ଏକ ସୁସ୍ଥ ଅନୁଗାମୀ କରିବାରେ ସାହାଯ୍ୟ କରିଥାଏ । ଈଶ୍ୱରଙ୍କ ସଂଜ୍ଞା ସେ ନିର୍ଦ୍ଦିଷ୍ଟ କରେ କେତେବେଳେ ଈଶ୍ୱରଙ୍କୁ ତା ନିଜମଧ୍ୟରେ ଅନୁଭବ କରେ କେତେବେଳେ ତ ସେ ଈଶ୍ୱରଙ୍କୁ ପ୍ରକୃତି ମଧ୍ୟରେ ଅନୁଭବ କରେ । ସେଥିରୁ ସେ ପ୍ରାପ୍ତକରେ ସୁନ୍ଦର ଅନୁଭୂତି ଗୋଟିଏ ଅଦ୍ଭୁତ ଦର୍ଶନ ଗଢିତୋଳେ ନିଜମଧ୍ୟରେ । ସେହି ଦର୍ଶନ ତାକୁ ଦେଇଥାଏ ସୁନ୍ଦର ଅନୁଭୂତି ।

କଥାରେ ଅଛି ପୃଥିବୀ ଆକାଶକୁ ବିଶ୍ୱାସ କରେ ପୁଣି ଆକାଶ ସୁର୍ଯ୍ୟ ଚନ୍ଦ୍ରକୁ ବିଶ୍ୱାସ କରେ । କିନ୍ତୁ ଏହି ଜନକଥା ସତ୍ୟ ଯେ ବିରାଟ ମହାଜଗତିକ ଶକ୍ତି ଦ୍ୱାରା ଏହି ଚଳତମାନ ଗ୍ରହ ନକ୍ଷତ୍ରମାନେ ଆତଯାତ ହୋଇଥାନ୍ତି ,ଏଥିରେ ସାମାନ୍ୟ ତମ ତ୍ରୁଟି ବିଚ୍ୟୁତି ଦେଖାଯାଇନଥାଏ । କିନ୍ତୁ ପୌରାଣିକ ବିଶ୍ୱାସରେ ଚନ୍ଦ୍ର ପୃଥିବୀ ସୂର୍ଯ୍ୟ ଏକ ପରିବାରର । ସେମାନେ ପରସ୍ପରକୁ ବହୁତ ଭଲପାଇଥାନ୍ତି ବେଳେବେଳେ କୌଣସି କାରଣବଶତଃ ଅସତ କାମକରି ବେଳେ ବେଳେ ଅଭିଶପ୍ତ ହୋଇ ଆଭିଶାପକୁ ବହନ କରି ସାରାଜୀବନ ଗତିଶୀଳ ହୋଇଥାନ୍ତି । କିନ୍ତୁ ଏହା ବିଜ୍ଞାନ କହେ ମହାଜାଗତିକ ଆକର୍ଷଣ ଓ ବିକର୍ଷଣରେ ତିଷ୍ଠି ରହିଛି ଏ ସୌର ଜଗତ ଏ ତାରକା ମଣ୍ଡଳ ।

କିନ୍ତୁ ଏହି ଧରିତ୍ରୀରେ ବିଶ୍ୱାସ ଏକ ଅନନ୍ୟ ଧାରଣା,ଏହାଦ୍ୱାରା ବଞ୍ଚି ରହିଥାଏ ବିରାଟ ପରିବାର ସମାଜ ଜନସମାଜ । ବିଶ୍ୱାସ ହିଁ ସୃଷ୍ଟିକରେ ଶିକ୍ଷା, ଶିକ୍ଷା ହିଁ ଦେଇଥାଏ ଅପୂର୍ବ ସଚେତନତା, ଏହାର ସାମୂହିକ କ୍ରିୟା ଦ୍ୱାରା ସୃଷ୍ଟି ହୁଏ ଚେତନା । ଚେତନା ହିଁ ସଭ୍ୟତାର ମୂଳମନ୍ତ୍ର । ଚେତନା ହିଁ ସଂସ୍କୃତି, ଚେତନା ହିଁ ସମାଜର ଆତ୍ମା । ବିଶ୍ୱାସ ଏକ ଅଦୃଶ୍ୟ ଭାବନା ହେଲେ ଏହି ଅଦୃଶ୍ୟତାରେ ଭରି ରହିଛି ଆନନ୍ଦର ଅମୋଘ ସ୍ରୋତ । ଯେଉଁଠାରେ ଏହି ପ୍ରବହମାନ ସ୍ରୋତ ଅଟକି ଯାଇଛି ସେହିଠାରେ ଆରମ୍ଭ ହୋଇଛି ରକ୍ତପାତ । ସମାଜର ଏକ ବିରାଟ ଅବକ୍ଷୟ । ବାପାମାଆ ପୁଅଝିଅ ଓ ପରିବାର ଅନ୍ୟ ସମସ୍ତ ଏକବିଶ୍ୱାସର ଅଣୁ ବନ୍ଧନରେ ବିଦ୍ୟମାନ । ଶିକ୍ଷା ସଚେତନତା ସଂସ୍କାର ଏସବୁ ବିଶ୍ୱାସର ଅନ୍ୟନାମ, ଏହି ଅଦୃଶ୍ୟତାରେ ବିରାଟକାୟ ସମାଜ ପରିଚାଳିତ । ବିଶ୍ୱାସ ଦ୍ୱାରା ପ୍ରସ୍ତର ଓ ମଣିଷ ମଧ୍ୟରେ ସୃଷ୍ଟି ହୋଇଥାଏ ଅନନ୍ୟ ସମ୍ପର୍କ ଯେଉଁ ସମ୍ପର୍କ କେଉଁ ଅନାଦିକାଳରୁ ସନାତନ ବୋଲି ପ୍ରତିପାଦନ କରେ । ଏହାଦ୍ୱାରା ପାରିବାରିକ ସମ୍ପର୍କ ସୃଷ୍ଟି ହୁଏ । ଏହାର ସୋହାର୍ଦ୍ଦ୍ୟ ପୂର୍ଣ୍ଣ ସ୍ଥିତି ଉପଯୁକ୍ତ ସମାଜପାଇଁ ପ୍ରେରିତ ହୋଇଥାଏ । ବିଶ୍ୱାସହିଁ ସ୍ନେହଶ୍ରଦ୍ଧାର ଜନକ, ବିଶ୍ୱାସ ଦ୍ୱାରା ସୃଷ୍ଟି କରାଯାଇପାରେ ଏକ ବିରାଟ ଆହ୍ୱାନ, ଯେଉଁ ଆହ୍ୱାନ ଏକ ପରିବର୍ତ୍ତନକୁ ବାଟକଢାଏ । ଶାସକ ଉପରେ ନାଗରିକ ବିଶ୍ୱାସ ରଖେ, ଶାସକ ତାର ଯନ୍ତ୍ରୀ ତନ୍ତ୍ରୀ ମନ୍ତ୍ରୀ ଏମାନଙ୍କ ଉପରେ ବିଶ୍ୱାସ ରଖିଥାଏ, ଯେଉଁଠି ଗୋଟିଏ ବି କମ୍ ହୋଇଯାଏ ସେତେବେଳେ ଆରମ୍ଭ ହୁଏ ଅଶାନ୍ତି, ଯାହା ବିଦ୍ରୋହର ଜନକ । ମାଆର ମମତା ବିଶ୍ୱାସର ଏକ ସୁଦୃଢ଼ ଉଦାହରଣ, ଯାହାଦ୍ୱାରା ସନ୍ତାନ ତାର ପଦାଙ୍କ ଅନୁସରଣ କରେ । ସେହି ସ୍ଥିତି ହିଁ ପ୍ରଦାନ କରିଥାଏ ଏକ ସୁଦୃଢ଼ ନାଗରିକ ।

ପିଲାବେଳେ ଆମେ ଏକ ଗଳ୍ପ ସମସ୍ତେ ଶୁଣିଛନ୍ତି ଯାହା ଶସେମିରା କଥା ,ଗୋଟିଏ ବାଘର ଭୟରେ ଭାଲୁ ଓ ମଣିଷ ଗୋଟିଏ ଗଛ ଉପରେ ଚଢ଼ିଗଲେ ପ୍ରହର ପ୍ରହର ଅନିଦ୍ରା ରହି ଜଗିବାକୁ କଥା ରହିଲାରୁ ଭାଲୁ ବାଘ କଥାରେ ପ୍ରଭାବିତ ହୋଇନଥିଲା, ମଣିଷର ସୁରକ୍ଷା ଦେଇଥିଲା, ହେଲେ ମଣିଷ ବାଘକଥାରେ ପ୍ରଭାବିତ ହୋଇ ଭାଲୁସହ ବିଶ୍ୱାସଘାତ କରିଥିଲା । ଏହି ଗଳ୍ପରେ ବିଶ୍ୱାସଘାତର କଥା ଆସେ, ଯଦି ବିଶ୍ୱାସକୁ ଗତିଶୀଳ କରାଇପାରିବା ତେବେ ସମ୍ପର୍କ ବହୁଦିନ ରହିପାରିବ । ସବୁଠାରୁ ବଡ଼ ବିଶ୍ୱାସର କଥା ସ୍ୱାମୀସ୍ତ୍ରୀ ମଧ୍ୟରେ, କେହି କାହାକୁ ନଚିହ୍ନି ମଧ୍ୟ ବିଶ୍ୱାସରେ ପରସ୍ପରକୁ ନେଇ ଏକ ଛୋଟ ସମାଜ ଗଠନର ପ୍ରୟାସ କରିଥାନ୍ତି । ଯେଉଁଠି ବିଶ୍ୱାସର ମୃତ୍ୟୁଘଟେ ସେହିଠାରେ ଧ୍ୱସ୍ତହୁଏ ବୈବାହିକ ସମ୍ପର୍କ, ସେହିଠାରେ ମୃତ୍ୟୁ ହୁଏ ଗୋଟିଏ ନୂତନତ୍ୱର, ତେବେ ଏହାର ପ୍ରତିଶତ ବହୁତ କମ୍ । ତେଣୁ ଏଠାରେ ବିଶ୍ୱାସ ହିଁ ବଡ ଜିନିଷ ।

ଈଶ୍ୱର ବିଶ୍ୱାସ ଏକ ଆଶ୍ଚର୍ଯ୍ୟ ଅନୁଭୂତି, ତେବେ ଏଥିରେ ଯଦି ସତ୍ୟତା ନଥାନ୍ତା ତେବେ ଅନେକ କାଳରୁ ଏହି ପ୍ରଥା ଲୋପ ପାଇସାରିଥାନ୍ତା, ହେଲେ ବିଭିନ୍ନ ଧର୍ମରେ ଏହା ଗୁଣତ୍ତର ପ୍ରଗତି କ୍ରମେ ବଢିଚାଲିଛି । ମୀରାବାଇ ଶ୍ରୀଚୈତନ୍ୟ ନାନକ ଶଙ୍କରାଚାର୍ଯ୍ୟ ପ୍ରମୁଖ ଈଶ୍ୱର ଦର୍ଶନର ଅପୂର୍ବ ସ୍ରଷ୍ଟାଗଣ, ଯାହାଙ୍କର ବିଶ୍ୱାସ ଯେମିତି ତାହାଙ୍କର ଈଶ୍ୱର ପ୍ରାପ୍ତି ସେମିତି । ଏହା ଦର୍ଶନ ନୁହେଁ ବରଂ ଏକ ସତ୍ୟତା । ପୁରାଣ ଏକ ଦର୍ଶନ, ଏକ ସଂସ୍କାର ହୋଇପାରେ ହେଲେ ଏମିତି କେତେକଣ ଉଦାହରଣ ରହିଛି ବିଶ୍ୱାସର । ଏମିତି କୁହାଯାଇପାରେ ବିଶ୍ୱାସେ ପରା ମିଳେହରି । ବିଶ୍ୱାସ ଦ୍ୱାରା ପ୍ରେମ ପରିମାର୍ଜିତ ହୁଏ । ପ୍ରୀତି ହିଁ ଏହି ସମୟରେ ସବୁଠାରୁ ସୁନ୍ଦର ପରିଭାଷା । ଅତଏବ ବିଶ୍ୱାସରେ ସବୁ ସମ୍ଭବ, ବିଶ୍ୱାସ ବିନା ପୃଥିବୀର ପାରସ୍ପରିକ ସମ୍ପର୍କର ମୃତ୍ୟୁ ଘଟିଥାଏ । ସମ୍ପର୍କହିଁ ପାର୍ଥିବତା ,ପୃଥିବୀର ଅନନ୍ୟ ଅନ୍ୟତମ ଭାବଧାରା ।

**ପ୍ରଦୀପ୍ତ କୁମାର ମିଶ୍ର,**
**ଯାଜପୁର, ମୋ–୯୬୫୮୬୧୪୭୨୮**

### ପୋଲିସ ହାଉସିଂ କର୍ପୋରେସନ ନିର୍ମାଣ କରିବ ବିଲ୍ଡିଂ

# ପାଣ୍ଡରାରୁ ହଟିଲା ଜବରଦଖଲ

ଭୁବନେଶ୍ୱର(ସବ୍ୟୁ): ପାଣ୍ଡରା ମୌଜା ଅନ୍ତର୍ଗତ ଖାତା ନମ୍ବର-୧୩୫୨ ପ୍ଲଟ ନଂ-୩୭୨୪, ୩୭୨୫ରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) । ଏହି ସ୍ଥାନରେ ପୋଲିସ ହାଉସିଂ କର୍ପୋରେସନ ନିର୍ମାଣ କରିବ ବିଲ୍ଡିଂ ।



ଜିଏର ରିକ୍ୟୁଜିସନକ୍ରମେ ବିଡିଏ ଏନଫୋର୍ସମେଣ୍ଟ ଟିମ୍ ପୂର୍ବାହ୍ଣରେ ପାଣ୍ଡରା ମୌଜାରେ ପହଞ୍ଚିଥିଲା । ସେଠାରେ ଜଣେ ବ୍ୟକ୍ତି ସରକାରୀ ଜାଗା ମାଡ଼ିବସି ଏକ ପୁରୁଣା ଗାଡ଼ି ଶୋ'ରୁମ କରିଥିଲେ । ଏହା ସହିତ ଆଉ କେତେ ଜଣ ବ୍ୟକ୍ତି ଦୋକାନ ଘର ନିର୍ମାଣ କରି ବ୍ୟବସାୟ କରୁଥିଲେ । ତେବେ ବିଡିଏ ଏନଫୋର୍ସମେଣ୍ଟ ଟିମ ପକ୍ଷରୁ ୩ଟି କ୍ୟାବିନ, ୨ଟି ବାଉଁଶ ନିର୍ମିତ ଦୋକାନ, ୬ଟି ଆଜବେଷ୍ଟର୍ସ ନିର୍ମିତ ଦୋକାନ ଓ ୨୦୦ ଫୁଟର ଶୌଚାଳୟ ଭଙ୍ଗାଯାଇଥିଲା । ଏହାଛଡ଼ା ଏକ ପାଚେରୀ ଓ ପୁରୁଣା ଗାଡ଼ି ଶୋ'ରୁମକୁ ମଧ୍ୟ ମାଟିରେ ମିଶାଇଛି ବିଡିଏ । ପ୍ରାୟ ୦.୬୮୦ ଡିସିମିଲ ଜମିକୁ ଜବରଦଖଲମୁକ୍ତ କରିଛି ବିଡିଏ । ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଗୋଟିଏ ସେକ୍ସନ ପୋଲିସ ଫୋର୍ସ ଓ ଏକ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା । ଉଚ୍ଛେଦ ବେଳେ ଭୁବନେଶ୍ୱର ଆଡିସିନାଲ ଏସପି ଏକେ ସାହୁ, ବିଡିଏ ଏନଫୋର୍ସମେଣ୍ଟ (ଓଏସ୍‌ଡି)ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ମଞ୍ଚେଶ୍ୱର ଥାନା ଇନ୍ସପେକ୍ଟର ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜେଲରେ ଗଣ୍ଡଗୋଳ : ପୁଲିସର ଚିନ୍ତା ବଢ଼ୁଛି

ଭୁବନେଶ୍ୱର (ତଥ୍ୟ): ସବୁଠାରୁ କଡା ସୁରକ୍ଷା ବଳୟ ମଧ୍ୟରେ ବା ରାଜ୍ୟ କାରାଗାରଗୁଡିକରେ ଯେଭଳି ଲଗାତାର ଅପରାଧିକ ଘଟଣାମାନ ଘଟୁଛି ଏବଂ କାରାଗାର ଭିତରୁ କେତେକ କ୍ଷେତ୍ରରେ ଅପରାଧ ପାଇଁ ନକ୍ସା ପ୍ରସ୍ତୁତ ସହ ନିଶା କାରବାର ଚାଲୁଛି ତାହା ଉଭୟ ପୁଲିସନ୍ଧ ଓ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି । କେବଳ ସେତିକି ନୁହେଁ, ଅଦାଲତ ଯେଉଁ ବିଚାରାଧିନ କଏଦୀମାନଙ୍କୁ ଏଠାକୁ ପଠାଉଛି ସେମାନଙ୍କ ମଧ୍ୟରୁ ଅନେକଙ୍କ ନିରାପନ୍ନା ଘେନି ବି ପରିବାରର ଲୋକମାନେ ଉଦବିଗ୍ନ ରହୁଛନ୍ତି । କିଛିଦିନ ମଧ୍ୟରେ ଟିଟିଲାଗଡ ଜେଲନ୍ଧରୁ ହତ୍ୟା ଅଭିଯୋଗରେ ଅଟକ ଥିବା ଦୁଇଜଣ ବିଚାରାଧିନ କଏଦୀ ଚମ୍ପଟ ମାରିଛନ୍ତି । ଏହା ପରେ ପରେ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଭିଡିଓରୁ ଜଣାପଡୁଛି ଯେ ଅଦାଲତଙ୍କ ବିନାନୁମତିରେ ପୂର୍ବରୁ ଏମାନଙ୍କୁ କାରାଗାର ବାହାରକୁ ଛଡା ଯାଉଥିଲା ଏମିତିକି ଏକ ଧର୍ମପୀଠରେ ଆୟୋଜିତ ଭୋଜି ସଭାରେ ଏହି ବିଚାରାଧିନ ବନ୍ଦୀ ଦୁଇଜଣ ଜେଲ କର୍ତ୍ତୃପକ୍ଷଙ୍କ ସମେତ ଅନ୍ୟମାନଙ୍କୁ ଖାଦ୍ୟ ପରିବେଷଣ କରୁଛନ୍ତି ।

ପୂର୍ବରୁ ଅନ୍ୟ ଏକ ଘଟଣାରେ ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଗୋବିନ୍ଦ ସାହୁଙ୍କ ମୃତ ଦେହ ଜେଲନ୍ଧ ପରିସରରୁ ଉଦ୍ଧାର କରାଯାଇଥିଲା । ସେତେବେଳେ କୁହାଯାଇଥିଲା ଯେ ଏହି ଅଭିଯୁକ୍ତ ଜଣଙ୍କ ଆତ୍ମହତ୍ୟା କରିଛନ୍ତି ବୋଲି । ସେହିପରି ଅନ୍ୟଜଣେ କଏଦୀଙ୍କୁ ସଶସ୍ତ୍ର ପୁଲିସ ପହରା ମଧ୍ୟରେ ଅଣାଯାଉଥିବାବେଳେ ଗୁଳି ବିନିମୟରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଇଥିଲା । ଖୋରଧା ଜେଲ ମଧ୍ୟରେ କଏଦୀଙ୍କ ଭିତରେ ମାରପିଟ ଘଟିବାପରେ ଘଟଣାର ତଦନ୍ତ ପୁଲିସ କରୁଛି । ଆଳୁ ଖୋଳୁ ଖୋଳୁ ମହାଦେବ ମିଳିବା ଭଳି ଏହି ଗଣ୍ଡଗୋଳର ତଦନ୍ତ ସୂତ୍ରକୁ ଆଧାର କରି ପୁଲିସ ନିଶା କାରବାରର ପେଣ୍ଠସ୍ଥଳୀରେ ପହଞ୍ଚିବାରେ ସକ୍ଷମ ହୋଇଛି । ଖୋଦ ରାଜଧାନୀ ଭୁବନେଶ୍ୱରରେ ଥିବା ଝାରପଡା ଜେଲରେ କଏଦୀମାନଙ୍କ ମଧ୍ୟରେ ମାଡପିଟ ଘଟି କେତେକ ଏବେ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣାର ତଦନ୍ତ ବି କମିଶନରେଟ ପୁଲିସ କରୁଛି ।

ରାଜ୍ୟର ବିଭିନ୍ନ କାରଗାରରେ ଘଟୁଥିବା ବିଶୃଙ୍ଖଳା ମଧ୍ୟରୁ ଏହା କେବଳ କେତୋଟି ନମୂନା ମାତ୍ର । ଓଡିଶାରେ ଏବେ ୯୨ଟି କାରାଗାର ରହିଛି ଏବଂ ଏଗୁଡିକରେ ୨୦ହଜାରରୁ ଅଧିକ ଦୋଷୀ ସାବ୍ୟସ୍ତ ଓ ବିଚାରାଧିନ ବନ୍ଦୀ ରହିଛନ୍ତି । କାରାଗାରରେ ଯେତେ ସଂଖ୍ୟକ ବିଚାରାଧିନ ବନ୍ଦୀ ରହିଛନ୍ତି ସେ ସମସ୍ତଙ୍କୁ ଆଇନାନୁଯାୟୀ ଅପରାଧିବୋଲି କହିହେବ ନାହିଁ । ଦୁର୍ଦ୍ଧାନ୍ତ ଅପରାଧିମାନଙ୍କ ଗହଣରେ ରହୁଥିବା ବିଚାରାଧିନ କଏଦୀମାନଙ୍କ ନିରାପନ୍ନା ଘେନି ସେମାନଙ୍କ ପରିବାରବର୍ଗ ଉଦବେଗ ଭିତରେ ରହୁଛନ୍ତି । ବହୁ ସମୟରେ ପୁଲିସ ଓ ଜେଲ ପ୍ରଶାସନ ପକ୍ଷରୁ ଯେତେବେଳେ ବି କାରାଗାରଗୁଡିକ ଉପରେ ଚଢଉ କରାଯାଉଛି ଅଧିକାଂଶ ସ୍ଥଳରେ କାରାଗାର ଭିତରୁ ପ୍ରଚୁର ପରିମାଣର ନିଶା ସାମଗ୍ରୀ, ବିଳାସ ସାମଗ୍ରୀ ଏମିତିକି ମୋବାଇଲ ଫୋନ ମଧ୍ୟ ଜବତ ହେଉଛି । କଡା ସୁରକ୍ଷା ବଳୟ ଭିତରେ ଥିବା କାରାଗାର ଭିତରକୁ କିଭଳି ଆପତ୍ତିଜନକ ସାମଗ୍ରୀ ବେଧଡକ ଭାବେ ଯାଉଛି ସେଥିଘେନି ସମସ୍ତଙ୍କର ଚିନ୍ତା ବଢୁଛି । କେତେକ କାରାଗାରରେ ଜାମର ଲଗାଯାଇଥିଲେ ବି ସେଗୁଡିକର କାର୍ଯ୍ୟକାରିତା ଘେନି ସନ୍ଦେହ ଉପୁଜୁଛି । ଏମିତିକି ପ୍ରାୟ ସମସ୍ତ କାରଗାରରେ ସିସିଟିଭି ଖଞ୍ଜା ଯାଇଥିଲେ ମଧ୍ୟ କେତେକ କ୍ଷେତ୍ରରେ ଏହା କାମ କରୁନଥିବା ଜଣାପଡିଛି । ପୂର୍ବ ଇତିହାସରୁ ଜଣାପଡେ ଯେ କେତେକ ଦୁର୍ଦ୍ଧାନ୍ତ ଅପରାଧି ଓ କୁଖ୍ୟାତ ନିଶା ବେପାରୀ ଜେଲନ୍ଧ ମଧ୍ୟରେ ଥାଇ ବି ବାହାର ଦୁନିଆରେ ସେମାନଙ୍କ ଅପରାଧ ସାମ୍ରାଜକ୍ଷ ଚଳାଇଥାନ୍ତି ।

### କାଳବୈଶାଖୀ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

## ତ୍ୱରିତ ସେବା ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଖୋର୍ଦ୍ଧା (ସବ୍ୟୁ): ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ସମ୍ଭାବ୍ୟ କାଳବୈଶାଖୀ ମୁକାବିଲା ନିମନ୍ତେ ଏକ ସମୀକ୍ଷା ବୈଠକ ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଅରେଞ୍ଜ ୱାର୍ଣ୍ଣିଂ ଜାରି ହେବା ପରେ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କେତେକ ଜାଗାରେ ଘଡ଼ଘଡ଼ି ସହ ବର୍ଷା, ବଜ୍ରପାତ ଏବଂ ସ୍ଥଳବିଶେଷରେ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବୋହିବା ଆଶଙ୍କା ଥିବାରୁ ଏହାର ମୁକାବିଲା ପାଇଁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି । ଏହି ପାଣିପାଗ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ରହିବା ନେଇ ପୂର୍ବାନୁମାନ କରାଯାଇଛି । ଆବଶ୍ୟକ ସ୍ଥଳେ ତ୍ୱରିତ ସେବା ପ୍ରଦାନ ପାଇଁ ଅଗ୍ନିଶମ, ବିଦ୍ୟୁତ, ଆମ୍ବୁଲାନ୍ସ, ଡାକ୍ତରୀସେବା ଏବଂ ଟେଲିଫୋନ ସେବା ପ୍ରଦାନକାରୀ ବିଭାଗଗୁଡ଼ିକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି । ଆବଶ୍ୟକ ସ୍ଥଳେ କ୍ଷତିଗ୍ରସ୍ତ ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ ସହାୟତା ଓ ଖାଦ୍ୟସାମଗ୍ରୀ ଯୋଗାଇ ଦିଆଯିବ । ଲୋକମାନଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ନେବାକୁ ବିଡ଼ିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବି ଏମ୍ .ସି.ର ଡେପୁଟି କମିଶନର ଜରୁରୀ ବିଭାଗଙ୍କୁ ବସ୍ତି ବାସିନ୍ଦାଙ୍କ ଥଇଥାନ କରିବାକୁ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ, ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ରନାଥ ମୁର୍ମୁ, ଜରୁରୀକାଳୀନ ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଇଲେକ୍ଟ୍ରିକ୍ ବସ୍ ଉତ୍ପାଦନ ପାଇଁ ଜିନ୍ଦଲ ଷ୍ଟେନଲେସ ଜେବିଏମ୍ ଅଟୋ ସହ ସହଭାଗି

ଭୁବନେଶ୍ୱର (ସବ୍ୟୁ): ଭାରତରେ ଇକୋ-ମୋବିଲିଟି ବିପ୍ଳବର ପୁରୋଧା ଭାବେ ଭାରତର ସର୍ବବୃହତ୍ ଷ୍ଟେନଲେସ ଷ୍ଟିଲ ନିର୍ମାତା ଜିନ୍ଦଲ ଷ୍ଟେନଲେସ ୫୦୦ରୁ ଉର୍ଦ୍ଧ୍ୱ ଶକ୍ତି ଦକ୍ଷ ଷ୍ଟେନଲେସ ଷ୍ଟିଲ ବିଦ୍ୟୁତ ଚାଳିତ ବସ୍ ଉତ୍ପାଦନ ପାଇଁ ଜେବିଏମ୍ ଅଟୋ, ଦେଶର ସର୍ବବୃହତ୍ ବିଦ୍ୟୁତ ଚାଳିତ ବସ୍ ନିର୍ମାତାଙ୍କ ସହ ଭାଗିଦାରୀ କରିଛି । ଜେବିଏମ୍ ଅଟୋକୁ ଜେଏସ୍‌ଏଲ୍ ଜେଟି ଟ୍ୟୁବ୍ ଯୋଗାଇବ, ଯାହାକି ନିମ୍ନ-ଅଙ୍ଗାରକ,କ୍ରୋମିୟମ ମାଙ୍ଗାନିଜ୍ ଅଷ୍ଟେନିଟିକ୍ ଷ୍ଟେନଲେସ ଷ୍ଟିଲ ଦ୍ୱାରା ନିର୍ମିତ । ଏହି ମ୍ୟାଟେରିଆଲ୍ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ ସ୍ପେସିଫିକେସନ୍, ୬୯୧୧ ଅନୁସାରେ ଏନ୍୭ ଭାବେ ଜଣା, ବସ୍ ନିର୍ମାଣରେ ବର୍ତମାନ ବ୍ୟବହୃତ କାର୍ବନ ଷ୍ଟିଲ ମ୍ୟାଟେରିଆଲ ତୁଳନାରେ ତିନି ଗୁଣ ଅଧିକ ଶକ୍ତ । ୫୦୦୦ରୁ ଉର୍ଦ୍ଧ୍ୱ ଇଲେକ୍ଟ୍ରିକ ବସ୍ ନିର୍ମାଣ ପାଇଁ ଅର୍ଡର ନେଇଥିବା ଜେବିଏମ୍ ଅଟୋ ପୂର୍ବରୁ ବ୍ୟବହୃତ କାର୍ବନ ଷ୍ଟିଲରୁ ବର୍ତମାନ ଷ୍ଟେନଲେସ ଷ୍ଟିଲ ବ୍ୟବହାର ଦିଗରେ ଅଗ୍ରସର ହେଉଛି । ଏହି ସମ୍ପର୍କରେ ମତ ଦେଇ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ, ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'ଭାରତରେ ସଷ୍ଟେନେବଲ ମୋବିଲିଟିର ଭବିଷ୍ୟତକୁ ସାକାର କରିବାରେ ଭାଗିଦାରୀ ହୋଇପାରିଥିବାରୁ ଆମେ ଆନନ୍ଦିତ । କମ ଓଜନର ଯାନବାହନ ଶକ୍ତି ବ୍ୟବହାରକୁ ଉନ୍ନତ କରିବା ସହ ପରିବହନ କ୍ଷେତ୍ରରେ କାର୍ବନ ପଦଚିହ୍ନ ହ୍ରାସ କରେ । ଷ୍ଟେନଲେସ ଷ୍ଟିଲର କ୍ଷୟ-ପ୍ରତିରୋଧୀ କ୍ଷମତା ନିୟମିତ ମରାମତି ଓ ରକ୍ଷଣାବେକ୍ଷଣର ଆବଶ୍ୟକତା ଏବଂ ଖର୍ଚ୍ଚକୁ କମାଇବା ସହ ସବୁଠାରୁ ସୁଲଭ ସମାଧାନ ଭାବେ ପ୍ରମାଣିତ । ଜେବିଏମ୍ ଅଟୋ ସହ ଆମର ଭାଗିଦାରୀ ଦ୍ୱାରା ଆମେ ଗଣ ପରିବହନର ସବୁଜ ମାଧ୍ୟମଗୁଡିକର ବିକାଶରେ ଯୋଗଦାନ କରିବୁ ।



## ଭୁବନେଶ୍ୱରରେ ମାଷ୍ଟର କ୍ୟାପିଟାଲ୍ ସର୍ଭିସେସ୍ ଲିମିଟେଡର ନୂତନ କାର୍ଯ୍ୟାଳୟ

ଭୁବନେଶ୍ୱର (ସବ୍ୟୁ) : ଏକ ଅଗ୍ରଣୀ ବ୍ରୋକିଂ ଏବଂ ଇନଭେଷ୍ଟମେଂଟ ପ୍ଲାଟଫର୍ମ ମାଷ୍ଟର କ୍ୟାପିଟାଲ୍ ସର୍ଭିସେସ୍ ଲିମିଟେଡ୍ ରାଜଧାନୀ ଭୁବନେଶ୍ୱରରେ ଏହାର ନୂତନ କାର୍ଯ୍ୟାଳୟ ଖୋଲିଛି । କୋଲକାତାରେ ଦୁଇଟି କାର୍ଯ୍ୟାଳୟ ସହିତ ପୂର୍ବ ଭାରତରେ ନିଜର ଦୃଢ଼ ଉପସ୍ଥିତି ସହିତ ମାଷ୍ଟର କ୍ୟାପିଟାଲ ସର୍ଭିସେସ୍ ଲିମିଟେଡ୍ ଓଡ଼ିଶା ରାଜ୍ୟରେ ନିଜର ଆର୍ଥିକ ଦକ୍ଷତା ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି । ଯାହାକି ଭାରତର ପୂର୍ବାଂଚଳରେ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀର ସମର୍ପଣକୁ ଆହୁରି ଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି । ଏହି ନୂତନ ଶାଖାର ପ୍ରତିଷ୍ଠା ପୂର୍ବ ଭାରତରେ ନିଜର ଉପସ୍ଥିତି ପ୍ରସାରିତ କରିବା ଦିଗରେ କମ୍ପାନିର ସୁଚିନ୍ତିତ ଲକ୍ଷ୍ୟକୁ ପ୍ରତିଫଳିତ କରୁଛି ଯାହାକି ଏହି ଅଂଚଳର ଆର୍ଥିକ ଅଭିବୃଦ୍ଧିରେ ଏକ ଭୂମିକା ଗ୍ରହଣ କରିବା ଏହି ଭୁବନେଶ୍ୱର ଶାଖା ନିବେଶ ସେବା, ସମ୍ପତି ପରିଚାଳନା ଏବଂ ପୋର୍ଟଫୋଲିଓ ଯୋଜନା ଭଳି ବିବିଧ ଆର୍ଥିକ ସେବା ପ୍ରଦାନ କରିବ । ଗ୍ରାହକକୈନ୍ଦ୍ରିକ ରଣନୀତି ମାଧ୍ୟମରେ ମାଷ୍ଟର କ୍ୟାପିଟାଲ୍ ସର୍ଭସେସ୍ ଲିମିଟେଡ୍ ଭୁବନେଶ୍ୱରରେ ବ୍ୟକ୍ତିବିଶେଷ ଏବଂ ବ୍ୟବସାୟଗୁଡ଼ିକୁ ସେଗୁଡ଼ିକର ଆର୍ଥିକ ଉଦ୍ଦେଶ୍ୟ ଓ ସ୍ୱପ୍ନ ପୂରଣ କରିବା ପାଇଁ ସକ୍ଷମ କରିବାକୁ ଚାହୁଁଛି । ଏହି ସମ୍ପ୍ରସାରଣ ବିଷୟରେ ନିଜର ଉତ୍ସାହ ପ୍ରକାଶ କରି ମାଷ୍ଟର କ୍ୟାପିଟାଲ ସର୍ଭିସେସ ଲିମିଟେଡର ପିରଚାଳନା ନିର୍ଦ୍ଦେଶକ ହରଜିତ ସିଂ କହିଛନ୍ତି ଯେ, ଭୁବନେଶ୍ୱରର ଏହି ନୂତନ ଅଧ୍ୟାୟ ଆରମ୍ଭ କରି ଆମେ ଆନନ୍ଦ ଅନୁଭବ କରୁଛୁ। କୋଲକାତାରେ ଆମର ଯାତ୍ରା ହେଉଛି ଆମ ଉପରେ ଆମ କ୍ଲାଏଂଟଙ୍କ ରହିଥିବା ଭରସାର ଏକ ଜ୍ୱଳନ୍ତ ପ୍ରମାଣ ଏବଂ ଓଡ଼ିଶାବାସୀଙ୍କ ପାଇଁ ସମାନ ଧରଣର ନିଷ୍ଠା ଓ ଉତ୍କର୍ଷତା ନେଇ ଆଣିବା ପାଇଁ ଆମେ ଆଗ୍ରହୀ। ଆମର ଲକ୍ଷ୍ୟ ହେଉଛି କେବଳ ଏକ ଆର୍ଥିକ ସେବା ପ୍ରଦାନକାରୀ ଠାରୁ ବହୁତ ଅଧିକ ହେବା ଆମ୍ଭେମାନେ ଆମ ଗ୍ରାହକମାନଙ୍କର ଆର୍ଥିକ କଲ୍ୟାଣ ଓ ସଫଳତାର ସାଥୀ ହେବାକୁ ଚାହୁଁଛୁ। ପୂର୍ବାଂଚଳରେ ବିସ୍ତାର କରିବାର ଏହି ନିଷ୍ପତି ବହୁସଂଖ୍ୟକ ଗ୍ରାହକଙ୍କୁ ସୁଲଭ ଏବଂ ଭରସାଯୋଗ୍ୟ ଆର୍ଥିକ ସମାଧାନ ପ୍ରଦାନ କରିବା ନେଇ ମାଷ୍ଟର କ୍ୟାପିଟାଲ ସର୍ଭିସେସ୍ ଲିମିଟେଡ୍‌ର ପ୍ରତିବଦ୍ଧତା ସହିତ ସମନ୍ୱିତ ରହିଛି । ବର୍ତମାନ କମ୍ପାନୀର ମୋଟ ୨୫ଟି ଶାଖା ରହିଛି ।



### କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସିଜିନ-୨ର ତୃତୀୟ ଦିବସ ପାଇକ ଫାଇଟର୍ସ ବିଜୟୀ

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ବ୍ଲକ କାଇପଦର ପଂଚାୟତ ଅନ୍ତର୍ଗତ ସାଆନ୍ତା ମାବଘେଇ କ୍ରିକେଟ ଖେଳ ପଡିଆ ଠାରେ ସ୍ୱସ୍ତିକ କ୍ଲବ ଆନୁକୁଲ୍ୟରେ ସ୍ପନସର୍ ପାଇକରାୟ ଷ୍ଟୋନ ଓ ସର୍ବେଶ୍ୱର ଟେର୍ଡସ ଦ୍ୱାରା ଆୟୋଜିତ ହୋଇଥିବା ଆଜିର ମ୍ୟାଚରେ ପାଇକ ଫାଇଟର୍ସ ଓ ମା' ମଙ୍ଗଳା ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ପାଇକ ଫାଇଟର୍ସ ଦଳ ବ୍ୟାଟିଂ କରି ୧୫ ଓଭର ଖେଳି ୮ ୱିକେଟ୍ ବିନିମୟରେ ୧୩୨ ରନ୍ କରିଥିଲା । ଦଳ ତରଫରୁ ବିରେନ ମଙ୍ଗରାଜ ୨୧ ବଲରୁ ୪୧ ରନ କରିଥିଲେ । ଜବାବରେ ମା' ମଙ୍ଗଳା ଏକାଦଶ ୧୪.୪ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୦୪ ରନ୍ କରିଥିଲା । ଦଳ ତରଫରୁ ସୁରେନ୍ଦ୍ର ଚମ୍ପତିରାୟ ୧୧ ବଲରୁ ୨୪ ରନ କରିଥିଲେ। ଫଳରେ ପାଇକ ଫାଇଟର୍ସ ୨୮ରନରେ ବିଜୟୀ ହୋଇଥିଲେ । ପାଇକ ଫାଇଟର୍ସ ଦଳର ଅଶୋକ ସାମନ୍ତରାୟ ୩ଓଭର ବୋଲିଂ କରି ୩ୱିକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ଖେଳ ପରିଚାଳନା ଦାୟିତ୍ୱରେ ଥିଲେ ଝଜ ସାମନ୍ତରାୟ, ଗୋପିନ । ଥ ମାଝି ।ସ୍କୋରର ଥିଲେ ଦିନେଶ ମହାରଥି, ଦିଲ୍ଲୀପ କୁମାର ସାହୁ। ମୁଖ୍ୟ ଅତିଥି ଲଳିତ ଭାରିମଲ୍ଲ, ଶୁଭ ପ୍ରସାଦ ରଣସିଂହ, ଭରତ ସିଂହ, ତପୁ ରଣସିଂହ, ଇଶ୍ୱର ପାଇକରାୟ, ଦିପୁ ଅରିସଲ, ରାଜେଶ ସୁବୁଦ୍ଧି, ଗୋପିନାଥ ମହାରଥି, ଅଭିଷେକ ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।



## ସାମସଙ୍ଗ ପକ୍ଷରୁ ଗାଲାକ୍ସି ଏ୫୫ ୫ଜି ଏବଂ ଗାଲାକ୍ସି ଏ୩୫ର ଉନ୍ମୋଚନ

ଭୁବନେଶ୍ୱର (ସବ୍ୟୁ): ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଗାଲାକ୍ସି ଏ୫୫ ୫ଜି ଏବଂ ଗାଲାକ୍ସି ଏ୩୫ ୫ଜି ଶୁଭାରମ୍ଭ କରିଛି । ଏହି ନୂତନ ଏ ଶୃଙ୍ଖଳ ଉପକରଣରେ ଅନେକ ଗୁଡ଼ିଏ ଫ୍ଲାଗ୍‌ସିପ୍ ବିଶେଷତ୍ୱ ରହିଛି ସେଗୁଡ଼ିକ ହେଉଛି ଗରିଲା ଗ୍ଲାସ ଭିକଟସ୍‌ଯୁକ୍ତ ସୁରକ୍ଷା, ଏଆଇ ଦ୍ୱାରା କ୍ୟାମେରା ବିଶେଷତ୍ୱ ବୃଦ୍ଧି, ଏକ ଗୋଳମାଳିଆ ନିରୋଧକ ସୁରକ୍ଷାର ସମାଧାନ, ସାମସଙ୍ଗ କ୍ନକ୍ସ ଭଲ୍ଟ ତଥା ଏଥିସହିତ ଅନ୍ୟାନ୍ୟ ନୂତନ ବିଶେଷତ୍ୱର ସମାହାର। ଭାରତରେ ଶେଷ ଦୁଇବର୍ଷରେ ଗାଲାକ୍ସି ଏ ଶୃଙ୍ଖଳ ସ୍ମାର୍ଟଫୋନ ଶୃଙ୍ଖଳ ମଧ୍ୟରେ ସବୁଠାରୁ ଅଧିକ ବିକ୍ରୟ ହୋଇଥିବା ବେଳେ ଏହା ଭାରତରେ ରହିଥିବା ଏମଜେଡ଼ ଗ୍ରାହକଙ୍କ ମଧ୍ୟରେ ସବୁଠାରୁ ଅଧିକ ଲୋକପ୍ରିୟ ଭାବରେ ନିଜକୁ ପ୍ରଦର୍ଶିତ କରିପାରିଛି । ଗାଲାକ୍ସି ଏ୫୫ ୫ଜି ଏବଂ ଗାଲାକ୍ସି ଏ୩୫ ୫ଜିର ଶୁଭାରମ୍ଭ ଆମକୁ ପୁଣି ଥରେ ଆମର ଫ୍ଲାଗସିପ୍ - ଅଭିନବୀକରଣର ଜାଗ୍ରତାର ପ୍ରତିଶ୍ରୁତିବଦ୍ଧତାକୁ ଦୃଢ଼ ମଜବୁତ୍ କରିପାରିଛି । ଗାଲାକ୍ସି ଏ୫୫ ୫ଜି ଏବଂ ଗାଲାକ୍ସି ଏ୩୫ ୫ଜି ଆମକୁ ୫ଜି ସ୍ମାର୍ଟଫୋନ ବିଭାଗରେ ତଥା ଏକ ଦ୍ରୁତଗାମୀ ବୃଦ୍ଧିପ୍ରାପ୍ତ ମିଡ୍-ପ୍ରିମିୟମ (୩୦,୦୦/-ଟଙ୍କାରୁ ୫୦,୦୦୦/-ଟଙ୍କା) ବିଭାଗରେ ଦେଶରେ ଆମର ନେତୃତ୍ୱକୁ ଆହୁରି ଦୃଢ଼ କରିବାରେ ସାହାଯ୍ୟ କରିବ ଏଭଳି ମତବ୍ୟକ୍ତ କରି କହିଛନ୍ତି ରିଷି କୁଲଶ୍ରେଷ୍ଠ, ନିର୍ଦ୍ଦେଶକ, ଏମଏକ୍ସ ବିଜିନେସ୍, ସାମସଙ୍ଗ ଇଣ୍ଡିଆ ।



## କଟକ ମହାନଗର ବିଜୁ ଶ୍ରମିକ ସାମ୍ମୁଖ୍ୟ ପ୍ରତିନିଧି ମାନଙ୍କ ସହିତ ମେୟର ଙ୍କ ବୈଠକ

କଟକ, (ସବ୍ୟୁ): ଆଜି ଅପରାହ୍ଣ ୪ ଘଟିକା ସମୟରେ ମେୟରଙ୍କ ସହିତ କଟକ ମହାନଗର ବିଜୁ ଶ୍ରମିକ ସାମୁଖ୍ୟ ପ୍ରତିନିଧି ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ରେ ସାମାଜିକ ଗଣମାଧମ ର ଉପକାରିତା ଓ ଅପକାରିତା ବିଷୟରେ ଏକ ସଂକ୍ଷିପ୍ତ ଟ୍ରେନିଂ କାର୍ଯ୍ୟ କ୍ରମ ଆୟୋଜନ ହୋଇଥିଲାଛ କିପରି ସାମାଜିକ ଗଣମାଧମ ର ବ୍ୟବହାର କରିବେ, ସାମାଜିକ ଗଣମାଧମ ବ୍ୟବହାର ସମୟରେ କି କି ଦିଗ ପ୍ରତି ଧ୍ୟାନ ଦେବେ ସେ ବିଷୟରେ ଅବଗତ କରାଯାଇଥିଲାଛଏହି ଅବସରରେ କଟକ ମେୟର ସୁବାସ ସିଂ ଙ୍କ ସହିତ ଶ୍ରୀ ସାହୁ, ଦେବେନ୍ଦ୍ର ପାଣିଗ୍ରାହୀ, କାଳିଚରଣ ପାଣିଗ୍ରାହୀ , ଜଗନ୍ନାଥ ସ୍ୱାଇଁ , ଜନ ଆଶିଷ ବରାଳ, ମିହିର ରଞ୍ଜନ ସାହୁ , ଏନ. ନିଖିଳ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

## ଜୀ ସାର୍ଥକର ଦେଖିବା ନିତି ହେବା ଲକ୍ଷପତି ମେଗା ପ୍ରତିଯୋଗିତା

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ଲୋକପ୍ରିୟ ଓଡିଆ ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକ ପୁଣିଥରେ ନେଇଆସିଛି ଆପଣଙ୍କ ପାଇଁ ଲକ୍ଷପତି ହେବାର ସୁବର୍ଣ୍ଣ ସୁଯୋଗ । ଜୀ ସାର୍ଥକରେ ପୁଣି ଥରେ ଆରମ୍ଭ ହୋଇ ଯାଇଛି ମେଗା ପ୍ରତିଯୋଗିତା ଦେଖିବା ନିତି ହେବା ଲକ୍ଷପତି ଯାହା ପୂର୍ବ ଅପେକ୍ଷା ନିଆରା ହୋଇଛି । ଏହି ପ୍ରତିଯୋଗିତା ମାର୍ଚ୍ଚ ୨୨ ରୁ ଆରମ୍ଭ ହେବ । ପ୍ରତିଦିନ ସନ୍ଧ୍ୟା ୬:୩୦ରୁ ରାତି ୯:୩୦ ମଧ୍ୟରେ ଜୀ ସାର୍ଥକରେ ପ୍ରସାରିତ ହେଉଥିବା ଧାରାବାହିକ ମଧ୍ୟରେ କିଛି ସରଳ ପ୍ରଶ୍ନର ଉତ୍ତର ମିସକଲ୍ ମାଧ୍ୟମରେ ଦେଇ ଆପଣ ହୋଇପାରିବେ ଲକ୍ଷପତି । କାର୍ଯ୍ୟକ୍ରମର ନାଁ ରହିଛି ଦେଖିବା ନିତି ହେବା ଲକ୍ଷପତି । ଯେଉଁଠାରେ ବମ୍ପର ପୁରସ୍କାର ରାଶି ୧ଲକ୍ଷ ଟଙ୍କା ରଖାଯାଇଛି । ପ୍ରତିଯୋଗିତାରେ ଭାଗ ନେବା ପାଇଁ ଧାରାବାହିକ ଦେଖୁଥିବା ସମୟରେ ଟିଭି ସ୍କ୍ରିନରେ ଦିଆ ଯାଇଥିବା ନମ୍ବରରେ ମିସଡ କଲ କରିବାକୁ ହେବ । ପ୍ରତିଦିନ ସଠିକ୍ ଉତ୍ତର ଦେଇଥିବା ୬ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ୧୦୦୦ଟଙ୍କାର ଭାଉଚର ମିଳିବ । ତେବେ ପୁରା ପ୍ରତିଯୋଗିତାର ଜଣେ ମେଗା ବିଜେତାଙ୍କୁ ମିଳିବ ୧ଲକ୍ଷ ଟଙ୍କା ନଗଦ ପୁରସ୍କାର । ଜୀ ସାର୍ଥକର ସର୍ବଦା ଦର୍ଶକଙ୍କ ସହିତ ନିଜ ସମ୍ପର୍କ ଯୋଡ଼ିବା ପାଇଁ ନୂଆ ନୂଆ ପ୍ରୟାସ ଜାରି ରଖିଥାଏ, ସେହିପରି ଦେଖିବା ନିତି ହେବା ଲକ୍ଷପତି ଏକ ମାଧ୍ୟମ । ତେଣୁ ଦର୍ଶକମାନେ ଏହି ପ୍ରତିଯୋଗିତାର ସମ୍ପୂର୍ଣ୍ଣ ଲାଭ ଉଠାଇବା ପାଇଁ ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ପ୍ରତୀକ ସିଲ ପ୍ରକାଶ କରିଛନ୍ତି । ଜୀ ସାର୍ଥକ ଦେଖନ୍ତୁ ଲକ୍ଷପତି ହୁଅନ୍ତୁ ।




# ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ

ପୁରୀ (ସବ୍ୟୁ): ପୁରୀ ଜିଲ୍ଲା ସ୍ତରୀୟ ୮୯ ତମ ଓଡିଶା ଦିବସ ପ୍ରସ୍ତୁତି ବୈଠକ ମଙ୍ଗଳାବର ପୂର୍ବାହ୍ଣରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଓଡିଶା ଦିବସ ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବ ର ଦିବସ । ଏହାକୁ ପ୍ରତିବର୍ଷ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ବ୍ୟବସ୍ଥା କରାଯାଇଥାଏ । ତେବେ ଚଳିତ ବର୍ଷ ଏହି ସମୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟକ୍ରମ ସ୍ଥିର ହେବ ବୋଲି କହିଥିଲେ। ବିସ୍ତୃତ ଆଲୋଚନା ପରେ ସ୍ଥିର ହେଲା ଯେ ଅପ୍ରେଲ ୧ ତାରିଖ ପ୍ରାତଃ ୫ ଘଟିକା ସମୟରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରାତଃ ବନ୍ଦନା ପରିବେଷଣ କରାଯିବ । ପୌରପାଳିକା ଓ ସଦର ବ୍ଲକ ପକ୍ଷରୁ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯିବ । ଓଡିଶା ଦିବସ ଅବସରରେ ବିଭିନ୍ନ ସରକାରୀ ବେସରକାରୀ, ରାଷ୍ଟ୍ରାୟତ ଉଦ୍ୟୋଗ କାର୍ଯ୍ୟାଳୟ,ବ୍ୟାଙ୍କ ଇତ୍ୟାଦି ସେମାନଙ୍କ କାର୍ଯ୍ୟାଳୟ ଗୁଡିକୁ ଆଲୋକ ମାଳାରେ ସଜ୍ଜିତ କରିବା, ସ୍ୱାଗତ ତୋରଣ ନିର୍ମାଣ କରିବାକୁ ଅନୁରୋଧ କରାଗଲା । ବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଆୟୋଜନ କରାଯାଇ ଓଡିଶା ଦିବସରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ଆଇନଶୃଙ୍ଖଳା ରକ୍ଷା, ପାନୀୟ ଜଳ ଯୋଗାଣ,ଅଗ୍ନିଶମ ସେବା ଓ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା ଇତ୍ୟାଦି ପାଇଁ ସମ୍ପୃକ୍ତ ବିଭାଗ କୁ ଅନୁରୋଧ କରାଯାଇଛି । ଅପରପକ୍ଷରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଙ୍କ ଠାରୁ ଓଡିଶା ଦିବସର ମାର୍ଗଦର୍ଶିକା ମିଳିବା ପରେ ତାହାରି ଆଧାର ରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଚୂଡାନ୍ତ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ସୂଚନା ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏଡିଏମଓ ଡା ବିରଜା ଶଙ୍କର ରଥ,ଗୋପବନ୍ଧୁ ଆୟୁର୍ବେଦିକ ହସପିଟାଲ ର ଅଧକ୍ଷ ଅରୁଣ କୁମାର ଦାସ, ଡେପୁଟି କଲେକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ବିଶ୍ୱ ରଂଜନ ପ୍ରଧାନ, ପୌର ସ୍ୱାସ୍ଥ୍ୟ ଅଧିକାରୀ ଡା ଅଶୋକ କୁମାର ମିଶ୍ର,ଓଡିଶା ଚାରୁ ଓ କାରୁକଳା ଅଧକ୍ଷ ଦୁର୍ଗା ମାଧବ କର,ସଂଗଠକ ଚକ୍ରଧର ମହାପାତ୍ର, ଅନାମ ଚନ୍ଦ୍ର ସାହୁ,ସାହିତ୍ୟିକ ବଦ୍ରୀ ମିଶ୍ର,ଶିବ ସୁନ୍ଦର ମିଶ୍ର, ଗଣମାଧମ ପ୍ରତିନିଧି ବୃନ୍ଦ ଓ ବିଭିନ୍ନ ବିଭାଗର କର୍ମଚାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



## ଏସସିବିକୁ ଶରୀର ଦାନକଲେ ସମାଜସେବୀ ଚତୁର୍ଭୁଜ ପାଣି

କଟକ, (ସବ୍ୟୁ) : କଟକ ସଦର ୪୨ ମୌଜା ଅବିଭକ୍ତ ଦଧିବାମନପୁର ଗ୍ରାମ ପଞ୍ଚାୟତର ପ୍ରାକ୍ତନ ସମିତି ସଭ୍ୟ,ସରପଞ୍ଚ ତଥା ବ୍ରହ୍ମପୁର ନିବାସୀ ସମାଜସେବୀ ଚତୁର୍ଭୁଜ ପାଣି(୮୪) ବଡ଼ି ଆଣ୍ଡ ଅର୍ଗାନ୍ ଡୋନେସନ ସୋସାଇଟି ଅଫ୍ ଇଣ୍ଡିଆ(ବଓଡିଓ୍ୱାଇ) ଜରିଆରେ ଅପିଲ ନମ୍ବର ୨୨୩୧ ଅନୁଯାୟୀ ନିଜର ସମ୍ପୂର୍ଣ୍ଣ ଶରୀରକୁ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସପିଟାଲକୁ ଦାନ କରିବା ପାଇଁ ବିହୀତ ନିୟମ ଅନୁଯାୟୀ ଚୁକ୍ତିବଦ୍ଧ ହୋଇଛନ୍ତି । ତାଙ୍କର ଏହି ମହତ ଇଛା କାର୍ଯ୍ୟରେ ସହଯୋଗ କରିଥିଲେ ବ୍ରହ୍ମପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ରବିନାରାୟଣ ପ୍ରଧାନ ଓ ବରିଷ୍ଠ ସମାଜସେବୀ ବିଭୂତି ଭୂଷଣ ପ୍ରଧାନଙ୍କ ଜ୍ୟେଷ୍ଠପୁତ୍ର ନିର୍ମଳ ଚନ୍ଦ୍ର ପ୍ରଧାନ । ଏହି ଅବସରରେ ସମାଜସେବୀ ଚତୁର୍ଭୁଜ ପାଣିଙ୍କର ଏହି ମହତ ତ୍ୟାଗକୁ ବିଓଡିଓ୍ୱାଇ ସଭାପତି ବିଶିଷ୍ଟ ସମାଜସେବୀ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟଙ୍କ ସହ ବିଭିନ୍ନ ମହଲରୁ ଉଚ୍ଚ ପ୍ରଶଂସା କରାଯାଉଛି ।

## ଭାରତବ୍ୟାପୀ ଉପଲବ୍ଧ ହେଲା ପିଭିଆର୍ ଆଇନକ୍ସର ପକେଟ-ଫ୍ରେଣ୍ଡ୍ଲି ପାସ୍‌ପୋର୍ଟ

ଭୁବନେଶ୍ୱର(ସବ୍ୟୁ) : ଭାରତର ସର୍ବବୃହତ ମଲ୍ଟିପ୍ଲେକ୍ସ ଚେନ୍ ପିଭିଆର୍ ଆଇନକ୍ସ ଲିମିଟେଡ ପକ୍ଷରୁ ଏହାର ମାସିକ ସିନେମା ସବ୍‌ସ୍କ୍ରିପ୍‌ଶନ ସେବା, ପାସ୍‌ପୋର୍ଟର ୨ୟ ସଂସ୍କରଣ ଉନ୍ମୋଚନ କରାଯାଇଛି । ଏହି ନୂତନ ପାର୍ସପୋର୍ଟ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକ ସମେତ ଏବେ ଦେଶବ୍ୟାପୀ ଉପଲବ୍ଧ ହେଉଛି । ଏହା ଏବେ ଅଧିକ ଉପଭୋକ୍ତା ଅନୁକୂଳ ହେବା ସହ ଉତ୍ସାହଜନକ ନୂତନ ଫିଚର ଓ ସ୍ୱଳ୍ପ କିଛି ସର୍ତଗୁଡିକ ସହ ସୁସଜ୍ଜିତ ରହିଛି । ମାର୍ଚ୍ଚ ୧୮ ତାରିଖରୁ ଆରମ୍ଭ ହେଉଥିବା ଏହି ସେବା ମାଧ୍ୟମରେ ସବ୍‌ସ୍କ୍ରାଇବରମାନେ ସୁଲଭ ମୂଲ୍ୟରେ ଚଳଚିତ୍ର ଦେଖିପାରିବେ। ସୋମବାରରୁ ଗୁରୁବାର ପର୍ଯ୍ୟନ୍ତ ସବ୍‌ସ୍କ୍ରାଇବର ମାନେ କେବଳ ୩୪୯ ଟଙ୍କାରେ ୪ଟି ମୁଭି ଦେଖିପାରିବେ। ସବ୍‌ସ୍କ୍ରାଇବର ମାନଙ୍କ ନିକଟରେ ପାସ୍‌ପୋର୍ଟ ମାଧ୍ୟମରେ ଅନ୍ୟ ଜଣେ ବ୍ୟକ୍ତି ପାଇଁ ଟିକେଟ କିଣିବା ଓ ରିଡିମ୍ କରିବାର ବିକଳ୍ପ ରହିବ । ଯଦି ସବ୍‌ସ୍କ୍ରାଇବର ରିକ୍ଲାଇନର କିମ୍ବା ପ୍ରିମିୟମ ଓ ଏକ୍ସପେରିଏନ୍ସିଆଲ ଫର୍ମାଟ୍ ଯେପରିକି ଆଇମ୍ୟାକ୍ସ, ପି(ଏକ୍ସଏଲ୍), ଆଇସିଇ, ସ୍କ୍ରିନ୍‌ଏକ୍ସ, ଏମ୍‌ଏକ୍ସ୪ଡି କିମ୍ବା ୪ଡିଏକ୍ସାର ମୁଭି ଦେଖିବାକୁ ଚାହିଁବେ ତେବେ ସେମାନେ ପାସ୍‌ପୋର୍ଟ କୁପନ ଉପରେ ଅତିରିକ୍ତ ୧୫୦ ଟଙ୍କାର ଫି' ପଇଠ କରିପାରିବେ । ତେବେ ଏହି ଫିଚର ଦକ୍ଷିଣ ଭାରତୀୟ ବଜାରଗୁଡିକରେ ଉପଲବ୍ଧ ହେବ ନାହିଁ । ଚଳଚିତ୍ର ପ୍ରେମୀମାନେ ପିଭିଆର୍ ଓ ଆଇନକ୍ସ ଆପ୍ କିମ୍ବା ୱେବ୍‌ସାଇଟ୍ ଏବଂ ପେଟିଏମ୍ ମାଧ୍ୟମରେ ନିଜର ପିଭିଆର୍ ଆଇନକ୍ସ ପାସ୍‌ପୋର୍ଟ ୨.୦କୁ ହାସଲ କରିପାରିବେ । ସବ୍‌ସ୍କ୍ରାଇବରଙ୍କ ନିକଟରେ ମୋଟ ୧୦୪୭ ଟଙ୍କା ପଇଠ କରି ୩ ମାସର ସବ୍‌ସ୍କ୍ରିପ୍‌ଶନ କ୍ରୟ କରିବାର ବିକଳ୍ପ ରହିଛି ଯାହା ସେମାନଙ୍କୁ ୩୫୦ ଟଙ୍କାର ଖାଦ୍ୟ ଭାଉଚର ପ୍ରଦାନ କରିବ। ଚଳିତ ଥର ଉପଭୋକ୍ତାମାନେ କେବଳ ୫୦,୦୦୦ ଟଙ୍କାରେ ପିଭିଆର୍ ଆଇନକ୍ସ ପାସ୍‌ପୋର୍ଟ କ୍ରୟ କରିପାରିବେ ଯାହାର ବୁକିଙ୍ଗ୍ କେବଳ ୩ ସପ୍ତାହ ପାଇଁ ଖୋଲା ରହିବ ।



## ଭାରତ ସହ ସମ୍ପର୍କରେ ତିକ୍ତତା

# କାନାଡ଼ାର ୮୦୦ କମ୍ପାନୀ ଦେବାଳିଆ



ଟରଣ୍ଟୋ: ବ୍ରିଟେନ୍ ସହିତ ବିଶ୍ୱର ବହୁ ଦେଶରେ ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବ ପରିଲକ୍ଷିତ ହେବାରେ ଲାଗିଛି । ଜାପାନ ଏଭଳି ସ୍ଥିତିରୁ ଅଳ୍ପକେ ଦୂରେଇ ରହିଛି । ଏବେ କାନାଡ଼ା ଉପରେ ଆର୍ଥିକ ମାନ୍ଦାବସ୍ଥାର ସଙ୍କଟ ଦୃଷ୍ଟିଗୋଚର ହେବାରେ ଲାଗିଛି । ରାଷ୍ଟ୍ରପତି ଜଷ୍ଟିନ ଟ୍ରୁଡୋ ଭାରତ ସହିତ ବିବାଦ ଆରମ୍ଭ କରିବା ପରେ ଦେଶର ସ୍ଥିତି ବିଗିଡ଼ିବାରେ ଲାଗିଛି । ୨୦୨୪ ଜାନୁୟାରୀରେ ଦେଶର ୮୦୦ କମ୍ପାନୀ ନିଜକୁ ଦେବାଳିଆ ଘୋଷଣା କରିଥିଲେ । ଏହା ପୂର୍ବରୁ ୨୦୨୩ରେ ଦେଶରେ ଦେବାଳିଆ ହୋଇଥିବା କମ୍ପାନୀଙ୍କ ସଂଖ୍ୟାରେ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଥିଲା । ସମ୍ପ୍ରତି ନିଜକୁ ଦେବାଳିଆ ଘୋଷଣା କରିବାକୁ ଆବେଦନ କରୁଥିବା କମ୍ପାନୀଙ୍କ ସଂଖ୍ୟା ଗତ ୧୩ ବର୍ଷ ମଧ୍ୟରେ ସର୍ବାଧିକ ବୋଲି କୁହାଯାଉଛି । କରୋନା ମହାମାରୀ ସମୟରେ ଦେଶର କମ୍ପାନୀଗୁଡ଼ିକୁ ୪୫,୦୦୦ ଡଲାରର ସୁଧମୁକ୍ତ ଋଣ ପ୍ରଦାନ କରାଯାଇଥିଲା । ତେବେ ଋଣ ସୁଝିବାର ଅନ୍ତିମ ତାରିଖ ୨୦୨୪ ଜାନୁୟାରୀରେ ଶେଷ ହୋଇଛି । କାନାଡ଼ାର ଜିଡ଼ିପିରେ ଛୋଟ କମ୍ପାନୀଙ୍କ ଯୋଗଦାନ ୩୩ ପ୍ରତିଶତ ରହିଛି । ଏବେ ଦେଶରେ କମ୍ପାନୀ ନିଜକୁ ଦେବାଳିଆ ଘୋଷଣା କରିବାକୁ ଆବେଦନ ସଂଖ୍ୟା ବଢୁଥିବାରୁ କାନାଡ଼ା ଆର୍ଥିକ ମାନ୍ଦାବସ୍ଥା ମୁହାଁ ହୋଇଥିବା କୁହାଯାଉଛି । ସରକାରୀ ରିପୋର୍ଟ ଅନୁସାରେ ଦେଶର ଆର୍ଥିକ ସ୍ଥିତି ସୁଦୃଢ ରହିଛି । ତେବେ ଛୋଟ କମ୍ପାନୀ ଏବଂ ଉପଭୋକ୍ତାଙ୍କୁ ସଂଘର୍ଷ କରିବାକୁ ପଡୁଛି । ୨୦୨୪ ଡିସେମ୍ବରରେ ଦେଶର ଅର୍ଥନୀତି ୦.୩ ପ୍ରତିଶତ ବୃଦ୍ଧି ପାଇବାର ଆକଳନ କରାଯାଉଛି । ରାଷ୍ଟ୍ରପତି ଜଷ୍ଟିନ ଟ୍ରୁଡୋ ୨୦୨୩ରେ ଭାରତ ସହିତ ବିବାଦ ଆରମ୍ଭ କରିଥିଲେ । ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜରଙ୍କ ହତ୍ୟାରେ ଭାରତର ହାତ ଥିବା ସେ ଅଭିଯୋଗ କରିଥିଲେ ।ଏହା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା । ଉଭୟ ଦେଶ ସେମାନଙ୍କର କୂଟନେତିଙ୍କୁ ଦେଶରୁ ବାହାର କରିଥିଲେ । ଦୁଇ ଦେଶ ମଧ୍ୟରେ ବିବାଦ ୨୦୨୩ ସେପ୍ଟେମ୍ବରରେ ଦିଲ୍ଲୀରେ ହୋଇଥିବା ଜି-୨୦ ଶିଖର ସମ୍ମିଳନୀ ସମୟରେ ଆରମ୍ଭ ହୋଇଥିଲା । ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜଷ୍ଟିନ ଟ୍ରୁଡୋଙ୍କ ମଧ୍ୟରେ ବୈଠକ ହୋଇଥିଲା । ମୋଦୀ ତାଙ୍କୁ କାନାଡ଼ାରେ ଖଲିସ୍ତାନୀ ଗତିବିଧି ରୋକିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ ।

ତେବେ ରାଷ୍ଟ୍ରପତି ଜଷ୍ଟିନ ଟ୍ରୁଡୋ ଭାରତ କାନାଡ଼ାର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ହସ୍ତକ୍ଷେପ କରୁଥିବା ଅଭିଯୋଗ କରିଥିଲେ । ହରଦୀପ ସିଂ କାନାଡ଼ାର ନାଗରିକ ଥିଲେ ଏବଂ ତାଙ୍କୁ ଭାରତ ହତ୍ୟା କରିଥିବା ସେ କହିଥିଲେ । ସମ୍ପ୍ରତି ବିଶ୍ୱର ୮ ଦେଶ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛନ୍ତି । ସେମାନଙ୍କ ମଧ୍ୟରେ ବ୍ରିଟେନ୍, ଡେନମାର୍କ, ଇଷ୍ଟୋନିଆ, ଫିନଲ୍ୟାଣ୍ଡ୍, ଲୁକ୍ସେମବର୍ଗ, ମାଲଡୋଭା, ପେରୁ ଏବଂ ଅୟାରଲ୍ୟାଣ୍ଡ ରହିଛନ୍ତି ।

## ମିଳିଲାନି ଆସନ, କ୍ୟାବିନେଟ ଛାଡ଼ିଲେ ପଶୁପତି



ନୂଆଦିଲ୍ଲୀ: ବିହାର ଏନ୍ଡିଏରେ ସୃଷ୍ଟି ହୋଇଛି ଫାଟ । ଗୋଟିଏ ବି ଆସନ ନ ମିଳିବା ପରେ ଅସନ୍ତୁଷ୍ଟ ହୋଇ କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ପଶୁପତି ପାରସ । ତାଙ୍କ ଗୋଷ୍ଠୀକୁ ଲୋକସଭା ନିର୍ବାଚନରେ କୌଣସି ଆସନ୍ ଦିଆନଯିବାରୁ ସେ ଇସ୍ତଫା ଦେଇଛନ୍ତି ।

ଗତକାଲି ବିହାରରେ ଏନଡିଏ ମେଣ୍ଟର ସିଟ ଭାଗବଣ୍ଟା ଚୂଡ଼ାନ୍ତ ହୋଇଥିଲା । ଏଲଜେପିର ଚିରାଗ ପାଶ୍ୱାନଙ୍କ ଗୋଷ୍ଠୀକୁ ଅଂଶୀଦାର ଭାବେ ଗ୍ରହଣ କରି ୫ଟି ସିଟ୍ ଦିଆଯାଇଛି । କିନ୍ତୁ ପାରଶଙ୍କ ଗୋଷ୍ଠୀକୁ ଗୋଟିଏ ବି ସିଟ୍ ଦିଆଯାଇ ନଥିଲା, ଯଦିଓ ତାଙ୍କ ଗୋଷ୍ଠୀରେ ୫ ଜଣ ସାଂସଦ ଅଛନ୍ତି । ତେଣୁ ଏହାକୁ ନେଇ ପାରସ ଅସନ୍ତୁଷ୍ଟ ହୋଇ ଇସ୍ତଫା ଦେଇଛନ୍ତି । ସେ ଆରଜେଡି-କଂଗ୍ରେସ ମେଣ୍ଟରେ ଯୋଗ ଦେଇପାରନ୍ତି ବୋଲି କୁହାଯାଉଛି । ଇସ୍ତଫା ଦେବା ପରେ ପଶୁପତି ପାରସ କହିଛନ୍ତି, 'ଏନଡିଏ ମିଳିତ ମଞ୍ଚର ଘୋଷଣା ହୋଇସାରିଛି ଏବଂ ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଦେଉଛି । କିନ୍ତୁ ମୋ ତଥା ମୋ ଦଳ ପ୍ରତି ଅନ୍ୟାୟ କରାଯାଇଛି । ଏହି କାରଣରୁ ମୁଁ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛି । ଗତ ନିର୍ବାଚନ ବେଳେ ଏନଡିଏ ମେଣ୍ଟରେ ଥାଇ ମଧ୍ୟ ବିହାରରେ ଜେଡିୟୁ ବିରୋଧରେ ପ୍ରାର୍ଥୀ ଦେଇଥିଲେ ଚିରାଗ ।

ଏହା ଦ୍ୱାରା ନୀତୀଶ କୁମାରଙ୍କୁ ବହୁତ ଘାଟା ହୋଇଥିଲା । ଏପରିକି ତାଙ୍କ ବିଧାୟକ ସଂଖ୍ୟା ୫୦ ବି ଡେଇଁ ପାରିନଥିଲା । ପରେ କିନ୍ତୁ ଚିରାଗ ବଦଳରେ ତାଙ୍କ କାକା ପଶୁପତି ପାରସଙ୍କୁ ନିଜ ସହଯୋଗୀ ଭାବେ ବାଛିଥିଲା ବିଜେପି । କେନ୍ଦ୍ରରେ ତାଙ୍କୁ ମନ୍ତ୍ରୀ ବି କରାଯାଇଥିଲା ।ଏଲଜେପିକୁ ଭାଗ କରି ନିଜ ପଟକୁ ଅନେକ ନେତାଙ୍କୁ ଆଣି ବିଜେପିର ସହଯୋଗୀ ହୋଇଥିଲେ ପାରସ । କିନ୍ତୁ କିଛି ମାସ ପରେ ପରିସ୍ଥିତି ବଦଳି ଯାଇଥିଲା । ପୂରା ବିହାରରେ ପଦଯାତ୍ରା କରି ରାମବିଳାସ ପାଶ୍ୱାନ ପ୍ରକୃତ ଦାୟାଦ ଭାବେ ନିଜକୁ ପ୍ରତିପାଦିତ କରିଥିଲେ ଚିରାଗ ପାଶ୍ୱାନ । ତେଣୁ ନିର୍ବାଚନୀ ଫାଇଦାକୁ ନେଇ ପୁତୁରାକୁ ବିଜେପି ପସନ୍ଦ କରିଥିବା ବେଳେ କାକାଙ୍କୁ ଛାଡ଼ି ଦେଇଛି ।

## ହରିୟାଣାରେ ଶପଥ ନେଲେ ୮ ନୂଆ ମନ୍ତ୍ରୀ

ଚଣ୍ଡିଗଡ଼ : ହରିୟାଣାରେ ନୂଆ ସରକାର ଗଠନ ହେବା ପରେ ମଙ୍ଗଳବାର କ୍ୟାବିନେଟର ସମ୍ପ୍ରସାରଣ କରାଯାଇଛି । ନୟାବ ସିଂ ସାଇନି ସରକାରରେ ଆହୁରି ଅନେକ ନୂଆ ଚେହେରାଙ୍କୁ ସାମିଲ କରାଯାଇଛି । ଆଜି ମୋଟ ୮ ଜଣ ବିଧାୟକ ଶପଥ ନେଇଛନ୍ତି । ସେହିପରି ଗତଥର ୫ ଜଣ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିଲା । ଫଳରେ ନାଇବ କ୍ୟାବିନେଟରେ ମୋଟ ୧୩ ଜଣ ମନ୍ତ୍ରୀ ଙ୍କୁ ସାମିଲ କରାଯାଇଛି । ଅସନ୍ତୁଷ୍ଟ ଥିବା ପୂର୍ବତନ ମନ୍ତ୍ରୀ ଅନୀଲ ଭିଜଙ୍କୁ ମନ୍ତ୍ରୀ କରାଯାଇନାହିଁ । ଆଜି ରାଜଭବନରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ବିଧାୟକମାନେ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ଜଣଙ୍କୁ କ୍ୟାବିନେଟ ମନ୍ତ୍ରୀ କରାଯାଇଥିବା ବେଳେ ବାକି ୭ ଜଣଙ୍କୁ ସ୍ୱାଧୀନ ଦାୟିତ୍ୱ ଦିଆଯାଇଛି ।

## ଦୁଇ ଭାଇ ଦୁଇ ରାଜ୍ୟର ଡିଜିପି

ନୂଆଦିଲ୍ଲୀ: ପ୍ରଶାସନିକ ସେବାରେ ଚାକିରି ପାଇଥିବା ଦୁଇ ଭାଇ ଏବେ ଦୁଇ ରାଜ୍ୟର ପୁଲିସ ମହାନିର୍ଦ୍ଦେଶକ । ଏପରି ଦୁର୍ଲଭ ସୌଭାଗ୍ୟ ଅର୍ଜନ କରିଥିବା ଦୁଇ ଭାଇ ହେଉଛନ୍ତି ଆଇପିଏସ ଅଧିକାରୀ ବିକାଶ ସହାୟ ଏବଂ ବିବେକ ସହାୟ । ବିକାଶ ସହାୟ ଗୁଜରାଟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବରେ କାର୍ଯ୍ୟ କରୁଥିବା ବେଳେ ଗତକାଲି ପଶ୍ଚିମବଙ୍ଗ ସରକାର ବିବେକ ସହାୟଙ୍କୁ ରାଜ୍ୟ ଡିଜିପି ଭାବେ ନିଯୁକ୍ତି ଦେଇଛନ୍ତି ।କେବଳ ଯେ, ବିକାଶ ସହାୟ ଏବଂ ବିବେକ ସହାୟ ନୁହଁନ୍ତି ସେମାନଙ୍କ ବଡ଼ ଭାଇ ମଧ୍ୟ ଉଚ୍ଚ ପଦରେ ଅଛନ୍ତି । ଏହି ତିନି ଭାଇ ଏକାଠି ସିଭିଲ୍ ସର୍ଭିସ୍ ପାଇଁ ପ୍ରସ୍ତୁତି ଚଳାଇଥିଲେ ।ସେମାନଙ୍କ ମଧ୍ୟରୁ ଦୁଇ ଭାଇ ଆଇପିଏସ ଏବଂ ଅନ୍ୟ ଜଣେ ଭାଇ ରାଜସ୍ୱ ସେବାରେ ନିୟୋଜିତ । ସବୁଠୁ ବଡ଼ କଥା ହେଉଛି ଯେଉଁ ଦୁଇ ଭାଇ ଆଇପିଏସ ଚାକିରି ପାଇଥିଲେ, ସେମାନେ ଏବେ ଡିଜିପି ପାହ୍ୟାରେ ।ଭାରତୀୟ ରାଜସ୍ୱ ବିଭାଗ (ଇଣ୍ଡିଆନ ରେଭେନ୍ୟୁ ଇନିସ୍ପେକ୍ଟର)ରେ ନିଯୁକ୍ତି ପାଇଥିବା ବିକ୍ରମ ସହାୟ ତିନି ଭାଇଙ୍କ ମଧ୍ୟରେ ସବୁଠୁ ବଡ଼ଛ ସେ ବର୍ତ୍ତମାନ ଦିଲ୍ଲୀର ଆୟକର ବିଭାଗରେ କାର୍ଯ୍ୟରତ ।

## ଥାଇଲାଣ୍ଡରୁ ଫେରିଲା ବୁଦ୍ଧଙ୍କ ଅବଶେଷ

ନୂଆଦିଲ୍ଲୀ : ଥାଇଲାଣ୍ଡରୁ ଭାରତ ଫେରିଲା ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ । ବାୟୁସେନାର ସ୍ୱତନ୍ତ୍ର ବିମାନରେ ରାଜକୀୟ ସମ୍ମାନ ସହ ଅବଶେଷକୁ ଭାରତ ଅଣାଯାଇଛି । ଭଗବାନ ବୁଦ୍ଧ ଓ ତାଙ୍କର ଦୁଇ ଶିଷ୍ୟ ଅରହତ ସାରିପୁତ୍ର ଏବଂ ଅରହତ ମୋଦଗଲାୟନଙ୍କ ଅବଶେଷକୁ ଦିଲ୍ଲୀ ପାଲମ ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି । ଭଗବାନ ବୁଦ୍ଧଙ୍କ ଅବଶେଷ କିଭଳି ସସମ୍ମାନେ ଭାରତ ପହଁଚିବ ତାର ସମସ୍ତ ବ୍ୟବସ୍ଥା କରିଥିଲେ ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ମିନାକ୍ଷୀ ଲେଖି । ପୂର୍ବରୁ ବ୍ୟାଙ୍ଗକକ୍ର ସନମ ଲୁଆଙ୍ଗ ମଣ୍ଡପରେ ଅବଶେଷର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ଭାରତ ପଠାଯାଇଥିଲା । ବୁଦ୍ଧଙ୍କ ଅବଶେଷ ଭାରତ ଫେରିବା ଅବସରରେ ଶତାଧିକ ବୌଦ୍ଧ ଭିକ୍ଷୁ ଏବଂ ପୂଜକ ବିଶେଷ ପୂଜା ଏବଂ ପ୍ରାର୍ଥନା କରିଛନ୍ତି ।

# ବ୍ୟାଙ୍କ ଲୁଟି ନେଲେ ଗ୍ରାହକ




ଆଦିସ୍ ଆବା: ଇଥୋପିଆର ବାଣିଜ୍ୟିକ ବ୍ୟାଙ୍କ ସାଇବର ଆକ୍ରମଣର ଶିକାର ହୋଇଛିଛ ଗ୍ରାହକମାନେ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ମୋଟ ୩୩୨ କୋଟି ଟଙ୍କା ଲୁଟ୍ କରିଛନ୍ତିଛ ବର୍ତ୍ତମାନ ଏହି ଟଙ୍କା ଫେରସ୍ତ ପାଇଁ ବ୍ୟାଙ୍କ ଅଧିକାରୀ ଏବଂ ସ୍ଥାନୀୟ ପୋଲିସ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ମିଡିଆ ରିପୋର୍ଟ ଅନୁଯାୟୀ ବ୍ୟାଙ୍କର ସର୍ଭରରେ ସାଇବର ଆକ୍ରମଣ ହୋଇଛ । କେହି ଜଣେ ସିଷ୍ଟମକୁ ହ୍ୟାକ୍ କରି ନିୟନ୍ତ୍ରଣକୁ ନେଇଯାଇଥିଲେ ଏବଂ ପରେ ଗ୍ରାହକମାନେ ସେମାନଙ୍କ ଜମା ଖାତାରେ ଥିବା ଜମାଠାରୁ ଅଧିକ ଟଙ୍କା ଉଠାଇବା ଆରମ୍ଭ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ଅନୁସନ୍ଧାନରୁ ଜଣାପଡିଛି ଯେ ଯେଉଁ ଆକାଉଣ୍ଟଗୁଡ଼ିକରୁ ଜମା କ୍ଷମତାଠାରୁ ଅଧିକ ଟଙ୍କା ଉଠା ଯାଇଛି ସେଗୁଡିକ ଏକ ସ୍ଥାନୀୟ ବିଶ୍ୱବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କର । ସୂଚନାନୁସାରେ, ପ୍ରଥମେ ଜଣେ ଶିକ୍ଷାର୍ଥୀ ଜାଣିବାକୁ ପାଇଥିଲେ ଯେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ତାଙ୍କ ଜମା କ୍ଷମତାଠାରୁ ଅଧିକ ଟଙ୍କା ଉଠା ହୋଇ ପାରୁଛି । ଏହା ପରେ ସେ ଏହି ଖବରକୁ କଲେଜର ହ୍ୱାଟସ୍ ଆପ୍ ଗ୍ରୁପ୍ ଏବଂ ସୋସିଆଲ୍ ମିଡିଆ ଆକାଉଣ୍ଟରେ ଭାଇରାଲ୍ କରିଥିଲେ । ଏହା ପରେ ଏହି ଖବର ବିଶ୍ୱବିଦ୍ୟାଳୟରେ ଜଙ୍ଗଲ ନିଆଁ ପରି ବ୍ୟାପି ଯାଇଥିଲା । ବହୁ ସଂଖ୍ୟକ ଶିକ୍ଷାର୍ଥୀ କ୍ୟାମ୍ପସ୍ ଏଟିଏମ୍ ବାହାରେ ଧାଡି ବାନ୍ଧି ଟଙ୍କା ବାହାର କରିବାକୁ ଲାଗିଥିଲେ । କେତେକ ବ୍ୟାଙ୍କ ଆପ୍ ଏବଂ ଅନଲାଇନ୍ କାରବାର କରି କୋଟି କୋଟି ଟଙ୍କା ଉଠାଇ ନେଇଥିଲେ । ପୋଲିସର ସୂଚନାନୁସାରେ, ଯେଉଁମାନେ ବ୍ୟାଙ୍କ ଆକାଉଣ୍ଟରୁ ଏଭଳି ଟଙ୍କା ଉଠାଇଛନ୍ତି ସେମାନଙ୍କୁ ଟଙ୍କା ଫେରସ୍ତ ପାଇଁ ନିବେଦନ କରାଯାଇଛି । ଯେଉଁମାନେ ଟଙ୍କା ଫେରସ୍ତ କରିବେ ସେମାନଙ୍କ ବିରୋଧରେ କୌଣସି ଏଫଆଇଆର ପଞ୍ଜୀକୃତ ହେବ ନାହିଁ । ଏହି ଘଟଣାର ଅନୁସନ୍ଧାନ ପାଇଁ ଏକ ସାଇବର ବିଶେଷଜ୍ଞ ଦଳ ମଧ୍ୟ ଗଠନ କରାଯାଇଛି । କିଛି ଲୋକଙ୍କ ଆକାଉଣ୍ଟ ସିଜ୍ କରାଯାଇଛି ।ଅଧିକ ଅନୁସନ୍ଧାନ ପରେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପୋଲିସର ସୂଚନାନୁସାରେ, କିଛି ଘଣ୍ଟା ମଧ୍ୟରେ ସାଇବର ଆକ୍ରମଣକୁ ନିୟନ୍ତ୍ରଣ କରାଯାଇଥିଲା । କିନ୍ତୁ ସେତେବେଳକୁ ବହୁ ସଂଖ୍ୟକ ଲୋକ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଥିଲେ ।

## ହୋଲିରେ ପଡ଼ିବ ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ

ନୂଆଦିଲ୍ଲୀ: ଚଳିତ ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ହୋଲିରେ ପଡିବ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଚଳିତ ବର୍ଷ ଫାଲଗୁନ୍ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥି ଅର୍ଥାତ୍ ମାର୍ଚ୍ଚ ୨୫ ସକାଳ ୧୦.୩୦ରୁ ଚନ୍ଦ୍ରଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୩.୦୨ରେ ଶେଷ ହେବ । ଏହି ଗ୍ରହଣ ଚନ୍ଦ୍ର ଉପରେ କେତୁ ହେତୁ ଘଟୁଥିବା କୁହାଯାଉଛି ।୨୦୨୪ର ଏହି ପ୍ରଥମ ଚନ୍ଦ୍ରଗ୍ରହଣ ଉତ୍ତର-ପୂର୍ବ ଏସିଆ, ୟୁରୋପ, ଉତ୍ତର-ଦକ୍ଷିଣ ଆମେରିକା, ପ୍ରଶାନ୍ତ ମହାସାଗର, ଆଫ୍ରିକା, ଅଷ୍ଟ୍ରେଲିଆ, ଆଟଲାଣ୍ଟିକ୍, ଆର୍କଟିକ୍ ଏବଂ ଆଣ୍ଟାର୍କଟିକ୍ ସମେତ ଅନେକ କ୍ଷେତ୍ରରେ ଦୃଶ୍ୟମାନ ହେବ, କିନ୍ତୁ ଏହାର ପ୍ରଭାବ ଭାରତ ଉପରେ ରହିବ ନାହିଁ କି ଦୃଶ୍ୟମାନ ବି ହେବ ନାହିଁ । ତେଣୁ ମାର୍ଚ୍ଚ ୨୫କୁ ସୁତକ ଅବଧି ଭାବରେ ବିବେଚନା କରାଯାଉନାହିଁ । ଏଭଳି ପରିସ୍ଥିତିରେ ସମସ୍ତେ ହୋଲି ପର୍ବକୁ ସମ୍ପୂର୍ଣ୍ଣ ଭାବେ ଉତ୍ସାହର ସହ ପାଳନ କରି ପାରିବେ ।

## ପିଏମକେକୁ ୧୦ଟି ଆସନ ଦେଲା ବିଜେପି

ନୂଆଦିଲ୍ଲୀ : ୨୦୨୪ ଲୋକସଭା ନିର୍ବାଚନ ପାଇଁ ତାମିଲନାଡୁରେ ପିଏମ୍କେ ସହିତ ମେଣ୍ଟ କରିଛି ବିଜେପି । ଆଜି ଏହା ଚୂଡ଼ାନ୍ତ ହୋଇଛି । ମେଣ୍ଟ ସର୍ତ୍ତ ଅନୁସାରେ ପିଏମକେକୁ ୧୦ଟି ଲୋକସଭା ଆସନ ଦେଇଛି ବିଜେପି । ବିଜେପି ନେତୃତ୍ୱାଧୀନ ଏନଡିଏରେ ସାମିଲ ହୋଇ ଲୋକସଭା ନିର୍ବାଚନ ଲିବା ପାଇଁ ପିଏମକେ ଇଚ୍ଛା ଜାହିର କରିବାର ଦିନକ ପରେ ଆସିଛି ଏହି ଖବର । ପିଏମକେ ଅଧ୍ୟକ୍ଷ ଅଂବୁମଣି ରାମଦୋସ କହିଛନ୍ତି, ଦେଶର ଭଲ ପାଇଁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ ଯେପରି ଜାରି ରହିବ, ସେଥିପାଇଁ ଆମେ ଏନ୍ଡିଏରେ ମିଶିଛୁ । ଏହା ଦ୍ୱାରା ରାଜ୍ୟରେ ପରିବର୍ତ୍ତନ ଆସିବ ବୋଲି ଆମର ବିଶ୍ୱାସ ରହିଛି । ଆମ ମେଣ୍ଟ କେବଳ ତାମିଲନାଡୁ ନୁହେଁ, ସାରା ଭାରତରେ ବଡ଼ ବିଜୟ ହାସଲ କରିବ । ପିଏମକେର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ତାମିଲନାଡୁ ବିଜେପି ମୁଖ୍ୟ କେ ଅନ୍ନାମଲାଇ । ସେ କହିଛନ୍ତି ଯେ ଏନଡିଏ ଏଥର ଲୋକସଭା ର୍ନିବାଚନରେ ବଡ଼ ବିଜୟ ହାସଲ କରିବ । ଏନଡିଏର ୪୦୦ରୁ ଅଧିକ ନେତା ଲୋକସଭାକୁ ନିର୍ବାଚିତ ହେବେ ।

## ବଢିଲା ମହୁଆଙ୍କ ଅଡୁଆ, ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଲେ ଲୋକପାଳ

ନୂଆଦିଲ୍ଲୀ : ବଢିଚାଲିଛି ଟିଏମସି ନେତ୍ରୀ ମହୁଆ ମୈତ୍ରଙ୍କ ସମସ୍ୟା । ପ୍ରଶ୍ନ ପାଇଁ ଲାଞ୍ଚ ମାମଲାରେ ସିବିଆଇ ତଦନ୍ତ ପାଇଁ ଲୋକପାଳ ନିର୍ଦ୍ଦେଶ ଦେଇଛନ୍ତି ବୋଲି ବିଜେପି ସାଂସଦ ନିଶିକାନ୍ତ ଦୁବେ ଦାବି କରିଛନ୍ତି । ଗତ ବର୍ଷ ନିଶିକାନ୍ତ ଦୁବେ ଅଭିଯୋଗ କରିଥିଲେ ଯେ ମହୁଆ ମୋଇତ୍ରା ଶିଳ୍ପପତି ହିରାନନ୍ଦାନୀଙ୍କ ଠାରୁ ଟଙ୍କା ନେଇ ସଂସଦରେ ପ୍ରଶ୍ନ ପଚାରିଥିଲେ। ନିଶିକାନ୍ତ ଦୁବେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ସତ୍ୟମେବ ଜୟତେ, ଆଜି ମୋ ଅଭିଯୋଗକୁ ସଠିକ୍ ବୋଲି ବିଚାର କରି ଲୋକପାଳ ମହୁଆ ମୋଇତ୍ରାଙ୍କ ବିରୋଧରେ ତଦନ୍ତ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି । ଅର୍ଥାତ କିଛି ଟଙ୍କା ପାଇଁ ତୃଣମୂଳ କଂଗ୍ରେସର ପୂର୍ବତନ ସାଂସଦ ହିରାନନ୍ଦାନୀଙ୍କ ପାଖରେ ଦୁର୍ନୀତି ଓ ଦେଶର ସୁରକ୍ଷା ବନ୍ଧକ ରଖିଥିଲେ । ଜୟ ଶିବ । ଗତ ବର୍ଷ ବିଜେପି ସାଂସଦ ନିଶିକାନ୍ତ ଦୁବେ ମହୁଆ ଲାଞ୍ଚ ନେଇ ସଂସଦରେ ପ୍ରଶ୍ନ ପଚାରିଛନ୍ତି ବୋଲି ଅଭିଯୋଗ କରିଥିଲେ ।

ମହୁଆ ତାଙ୍କ ବନ୍ଧୁ ହିରାନନ୍ଦାନୀଙ୍କୁ ସଂସଦର ଲଗଇନ୍ ଆଇଡି ଓ ପାସୱାର୍ଡ ଦେଇଥିବା ଅଭିଯୋଗ ହୋଇଛି । ଦୁବେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖି ମହୁଆଙ୍କ ବିରୋଧରେ ତଦନ୍ତ ଦାବି କରିଥିଲେ । ଏହାପରେ ନୈତିକତା କମିଟି ଗଠନ କରାଯାଇଥିଲା ।

ନୈତିକତା କମିଟି ମହୁଆଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ବଜାୟ ରଖି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା । ଏହାପରେ ମହୁଆ ମୋଇତ୍ରାଙ୍କ ଆଚରଣକୁ ଅନୈତିକ ବୋଲି କହିବା ସହ ତାଙ୍କ ସଦସ୍ୟତା ରଦ୍ଦ କରାଯାଇଥିଲା ।

## ଠାକରେ-ଅମିତ ଶାହା ସାକ୍ଷାତକୁ ନେଇ କଟାକ୍ଷ

ମୁମ୍ବାଇ: ମହାରାଷ୍ଟ୍ର ନବନିର୍ମାଣ ସେନା (ଏମଏନଏସ) ମୁଖ୍ୟ ରାଜ ଠାକରେ ସୋମବାର ମୁମ୍ବାଇରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଛନ୍ତି । ଏହାକୁ ନେଇ ମହାରାଷ୍ଟ୍ର ରାଜନୀତି ସରଗରମ ହୋଇଉଠିଛି । କୁହାଯାଉଛି ଯେ ଏମଏନଏସ ଏନଡିଏ ସହିତ ମେଣ୍ଟ କରିପାରେ । ସେପଟେ ଏହି ସାକ୍ଷାତକୁ ନେଇ ବିଜେପିକୁ ଟାର୍ଗେଟ କରିଛନ୍ତି ଶିବସେନା ନେତା ଉଦ୍ଧବ ଠାକରେ । ସେ ମଙ୍ଗଳବାର (ମାର୍ଚ୍ଚ ୧୯) ଅଭିଯୋଗ କରିଛନ୍ତି ଯେ ବିଜେପି ର୍ନିବାଚନ ଜିତିବା ପାଇଁ ଆଉ ଜଣେ 'ଠାକରେ'ଙ୍କୁ ଚୋରି କରିବାକୁ ଚେଷ୍ଟା କରୁଛି ।

ପ୍ରଥମେ ସେମାନେ (ବିଜେପି) ବାଲ ଠାକରେଙ୍କ ଫଟୋ ଚୋରି କରିଥିଲେ, କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଆଜି ସେମାନେ ଆଉ ଜଣେ ଠାକରେଙ୍କୁ ଚୋରି କରିବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ସେମାନେ ରାଜଙ୍କୁ ନେଇ ଯାଆନ୍ତୁ । ମୋ ପାଇଁ କିଛି ଫରକ ପଡିବ ନାହିଁ । ନାନ୍ଦେଡ ଜିଲ୍ଲାରେ ଏକ ସମାବେଶକୁ ସମ୍ବୋଧିତ କରି ଠାକରେ ଏହା ମଧ୍ୟ କହିଛନ୍ତି ଯେ ଯଦି ବିଜେପି ତାଙ୍କ ସମ୍ପର୍କୀୟ ଭାଇଙ୍କୁ ଚୋରେଇ ନିଏ ତ ତାଙ୍କର କୌଣସି ଅସୁବିଧା ନାହିଁ । ମହାରାଷ୍ଟ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁରେ ଭୋଟ୍ ମିଳୁନାହିଁ ବୋଲି ବିଜେପି ଭଲ ଭାବେ ଜାଣିଛି । ଏଠାକାର ଲୋକମାନେ ବାଲ ଠାକରେଙ୍କ ନାମରେ ଭୋଟ୍ ଦିଅନ୍ତିଛ ଏହି ଅନୁଭବ ଯୋଗୁଁ ବିଜେପି ବାହାରୁ ନେତା ଚୋରି କରିବାକୁ ଚେଷ୍ଟା କରୁଛି । ବିଜେପି ବାଲ ଠାକରେଙ୍କ ପରମ୍ପରାକୁ ଅପହରଣ କରିବାକୁ ଚେଷ୍ଟା କରୁଛି ବୋଲି ସେ ଅଭିଯୋଗ କରିଛନ୍ତି ।

## ବିଜେପିରେ ସାମିଲ ହେଲେ ସୀତା ସୋରେନ୍



ରାଞ୍ଚି: ଜେଏମ୍ଏମ୍ (ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା)ର ପ୍ରମୁଖ ଶିବୁ ସୋରେନ୍ଙ୍କ ବଡ ବୋହୂ ସୀତା ସୋରେନ୍ ଦଳରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଛନ୍ତି । ଝାଡଖଣ୍ଡ ବିଜେପିର ପ୍ରଦେଶ ପ୍ରଭାରୀ ତଥା ରାଜ୍ୟସଭା ସାଂସଦ ଲକ୍ଷ୍ମୀକାନ୍ତ ବାଜପେୟୀ ଓ ରାଷ୍ଟ୍ରୀୟ ମହାସଚିବ ବିନୋଦ ତାବଡେଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ସୀତା ସୋରେନ୍ ବିଜେପିରେ ଯୋଗ ଦେଇଛନ୍ତି । ଆଗକୁ ସେ ବିଜେପି ଟିକେଟରେ ଲୋକସଭା ନିର୍ବାଚନ ଲଢି ପାରନ୍ତି ବୋଲି କୁହାଯାଉଛି । ବିଜେପିରେ ସାମିଲ ହେବା ପରେ ସୀତା ସୋରେନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି ।

ସେ କହିଛନ୍ତି, 'ଆଜି ମୁଁ ବିଶାଳ ପରିବାରରେ ସାମିଲ ହୋଇଛି । ନରେନ୍ଦ୍ର ମୋଦିଙ୍କ ଚିନ୍ତାଧାରା ପୂରା ଭାରତ ଓ ବିଶ୍ୱକୁ ପ୍ରଭାବିତ କରୁଛି । ଚାରିଆଡେ ବିକାଶର କାର୍ଯ୍ୟ ଚାଲିଛି । ସମସ୍ତେ ମିଳିତ ଭାବେ ଦେଶର ବିକାଶରେ ସହଯୋଗ କରୁଛନ୍ତି । ଆଜି ସମସ୍ତେ ଏହି ପରିବାରରେ ଯୋଗ ଦେଉଛନ୍ତି । ଝାଡଖଣ୍ଡ ଆଜି ବି ବିକାଶ ଠାରୁ ବହୁ ଦୂରରେ । ଆମକୁ ଝାଡଖଣ୍ଡକୁ ବଞ୍ଚାଇବାକୁ ପଡିବ ଏବଂ ନ୍ୟାୟ ଦେବାକୁ ହେବ ସେଥିପାଇଁ ମୁଁ ମୋଦି ଜି'ଙ୍କ ପରିବାରରେ ଯୋଗ ଦେଇଛି ।' ଦୁର୍ଗା ସୋରେନଙ୍କ ପତ୍ନୀ ସୀତା ସୋରେନ ଜେଏମଏମର ବିଧାୟକ ଥିଲେ । ସେ ତାଙ୍କର ଇସ୍ତଫାପତ୍ର ପାର୍ଟି ମୁଖ୍ୟ ଶିବୁ ସୋରେନଙ୍କ ନିକଟକୁ ପଠାଇ ଦେଇଛନ୍ତ । ସେ ପରିବାର ଓ ପାର୍ଟି ଉପରେ ଅଣଦେଖା ଓ ଷଡଯନ୍ତ୍ର ଅଭିଯୋଗ ଆଣି ଇସ୍ତଫା ଦେଇଛନ୍ତି ।

# ଏଥର ଭୋଟ ଦେବେ ୧୦୦୦ ଶତାୟୁ ଭୋଟର



ନୂଆଦିଲ୍ଲୀ: ୧୯୫୨ରୁ ଭୋଟ ଦେଇ ଆସୁଛନ୍ତି ୧୦୦୦ରୁ ଅଧିକ ସୁପର ସିନିୟର ଭୋଟର । ଦେଶ ସ୍ୱାଧୀନତା ହେବାର ୭ ଦଶନ୍ଧିରୁ ଅଧିକ ସମୟ ବିତିଗଲାଣି । ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ୧୯୫୨ମସିହାରେ ଦେଶରେ ପ୍ରଥମ ଲୋକସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଦେଶରେ ଅନେକ ଭୋଟର ଅଛନ୍ତି ଯେଉଁମାନେ ପ୍ରଥମ ସାଧାରଣ ନିର୍ବାଚନରେ ଭୋଟ୍ ଦେଇଥିଲେ । ବର୍ତ୍ତମାନ ୨୦୨୪ ମସିହାରେ ମଧ୍ୟ ସେମାନେ ଭୋଟ୍ ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ।

ଦେଶ ସ୍ୱାଧୀନ ହେବା ଠାରୁ ଆଜି ଯାଏଁ ନିର୍ବାଚନରେ ଏମାନେ ନିଜ ନିଜ ମତାଧିକାର ସାବ୍ୟସ୍ତ କରିବାକୁ ଭୁଲୁ ନାହାନ୍ତି । ଉତ୍ତରପ୍ରଦେଶର ପ୍ରୟାଗରାଜରେ ୪୬ ଲକ୍ଷରୁ ଅଧିକ ଭୋଟରଙ୍କ ମଧ୍ୟରୁ ୧୦୪୯ ଜଣ ସୁପର ସିନିୟର୍ ଭୋଟର ଅଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ବ୍ରିଟିଶ ଅମଳରୁ ରାଜନୀତିର ଖେଳ ଦେଖି ଆସୁଛନ୍ତି । ଏବେବି ଏମାନେ ସକ୍ରିୟ ଅଛନ୍ତି । ୧୦୪୯ ଜଣ ସୁପର ସିନିୟର୍ ଭୋଟରଙ୍କ ବୟସ ୧୦୦ରୁ ୧୨୦ ବର୍ଷ ମଧ୍ୟରେ ରହିଛି । ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଚୂଡ଼ାନ୍ତ ହୋଇଥିବା ଭୋଟର ତାଲିକା ଅନୁଯାୟୀ, ୪୧୪ ପୁରୁଷ ଏବଂ ୪୪୦ ଏଭଳି ମହିଳା ଭୋଟର ଅଛନ୍ତି ଯେଉଁମାନଙ୍କ ବୟସ ୧୦୦ରୁ ୧୦୯ ବର୍ଷ ମଧ୍ୟରେ ରହିଛି । ଏହି ତାଲିକାରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ୧୧୦ ରୁ ୧୧୯ ବର୍ଷ ବୟସ ମଧ୍ୟରେ ତିନି ଜଣ ପୁରୁଷ ଏବଂ ୧୦ ଜଣ ମହିଳା ଭୋଟର ଅଛନ୍ତି ।

ସେହିପରି ୧୨୦ ବର୍ଷ ବୟସର ଭୋଟର୍ଙ୍କ ମଧ୍ୟରେ ୪୪ ଜଣ ପୁରୁଷ ଓ ୩୮ ଜଣ ମହିଳା ଭୋଟର ଏଥର ପ୍ରୟାଗରାଜରେ ଭୋଟ୍ ଦେବାକୁ ଯୋଗ୍ୟ ଅଟନ୍ତି ।ଏହି ଭୋଟରମାନେ ଜବାହରଲାଲ ନେହେରୁଙ୍କ କାର୍ଯ୍ୟକାଳରୁ ଆରମ୍ଭ କରି ନରେନ୍ଦ୍ର ମୋଦିଙ୍କ ପର୍ଯ୍ୟନ୍ତ ଲୋକସଭା ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି । କେବଳ ଏତିକି ନୁହେଁ, ନେହେରୁଙ୍କ ପୂର୍ବରୁ ଅର୍ଥାତ୍ ବ୍ରିଟିଶ୍ ସମୟ ପୂର୍ବରୁ ମଧ୍ୟ ଅନେକ ଲୋକ ରାଜନୈତିକ ମାହୋଲର ମୁକସାକ୍ଷୀ ରହିଛନ୍ତି ।

ସୂଚନା ମୁତାବକ, ପ୍ରୟାଗରାଜରେ ମୋଟ ୪୬,୬୪,୫୧୯ ଜଣ ଭୋଟର ଅଛନ୍ତି । ଏଥିମଧ୍ୟରୁ ୨୫,୨୭,୬୭୬ ପୁରୁଷ, ୨୧,୩୬,୨୨୪ ଜଣ ମହିଳା ଓ ୬୧୯ ଜଣ ଟ୍ରାନ୍ସଜେଣ୍ଡର ଅଛନ୍ତି । ଏଥର ଉତ୍ତରପ୍ରଦେଶରେ ୭ଟି ପର୍ଯ୍ୟାୟରେ ଭୋଟିଂ ହେବ । ଏପ୍ରିଲ ୧୯ରୁ ଲୋକସଭା ନିର୍ବାଚନ ପାଇଁ ଭୋଟିଂ ଆରମ୍ଭ ହେବ । ଏହା ଜୁନ ୧ ଯାଏ ଚାଲିବ । ୮୦ଟି ଲୋକସଭା ଆସନ ପାଇଁ ଲୋକମାନେ ଏହି ୭ ପର୍ଯ୍ୟାୟରେ ମତଦାନ କରିବେ ।

## ଏମ୍‌ଜିଏମ୍–କୋଚିଂ ବିୟଣ୍ଡ ଏମ୍‌ଓୟୁ

# ଖୁବଶୀଘ୍ର ଓଡ଼ିଶାରେ କ୍ରିକେଟ ଗୁରୁକୁଳ




ଭୁବନେଶ୍ୱର, ୧୯।୩ (ସବ୍ୟୁ) : ଓଡ଼ିଶାରେ କ୍ରୀଡ଼ା ସଂସ୍କୃତିକୁ ପରିବର୍ତ୍ତିତ କରିବା ଏବଂ ଅଧିକ ସଫଳ କ୍ରିକେଟର ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଏମ୍‌ଜିଏମ୍ ଗ୍ରୁପ କଟକ ସହର ନିକଟ କପୁରସିଂ ଗୁରୁଡ଼ିଝାଟିଆ ଏକ ଅତ୍ୟାଧୁନିକ ହାଇପରଫର୍ମାନ୍ସ କ୍ରିକେଟ ଏକାଡେମୀ ସ୍ଥାପନ କରିଛି । ଏହି ଏକାଡେମୀର ନାଁ ରହିଛି ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟ୍ସ । ଏହା ରାଜ୍ୟରେ କ୍ରିକେଟ ସଂସ୍କୃତି ସୃଷ୍ଟି କରିବାର ଆଦର୍ଶ ଉଦ୍ଦେଶ୍ୟକୁ ପ୍ରୋତ୍ସାହିତ କରିବ । ଏହି ଆବାସିକ ଏକାଡେମୀ ଏମ୍‌ଜିଏମ୍ ଗ୍ରୁପ ଓଡ଼ିଶାର ଶାଖା କମ୍ପାନୀ ଏମ୍‌ଜିଏମ୍ ମିନେରାଲ୍ସ ଲିଃ.ର ଏକ ସମ୍ପୂର୍ଣ୍ଣ ମାଲିକାନାଧୀନ ସଂସ୍ଥା ।

ରାଜ୍ୟରେ କ୍ରିକେଟର ପୂର୍ଣ୍ଣାଙ୍ଗ ବିକାଶ ତଥା ଉଚ୍ଚମାନର ଓ ଦକ୍ଷ କ୍ରିକେଟର ଗଢ଼ିବା ଲକ୍ଷ୍ୟ ନେଇ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଏବଂ ରବି ଶାସ୍ତ୍ରୀଙ୍କ କୋଚିଂ ବିୟଣ୍ଡ କ୍ରିକେଟ ଏକାଡେମୀ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି ।

ଓଡ଼ିଶା ସରକାର ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନ ଭଳି ବର୍ତ୍ତମାନର ପ୍ରଶାସନିକ କଳ ସମର୍ଥନରେ ଆମେ ଦୃଢ଼ ନିଶ୍ଚିତ ଯେ, ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟ୍ସ ଓଡ଼ିଶାରେ କ୍ରିକେଟ ବ୍ୟବସ୍ଥାରେ ବୃଦ୍ଧି ଘଟାଇବ । ସଫଳ କିକେଟର ସୃଷ୍ଟି ଦିଗରେ କାର୍ଯ୍ୟ କରିବ । ଖୁବ୍‌ଶୀଘ୍ର ରାଜ୍ୟରେ କ୍ରିକେଟର ଗୁରୁକୁଳ ପାଲଟିବାକୁ ଯାଉଛି ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ । ଜାତୀୟ କ୍ରିକେଟ ଏକାଡେମୀ ଏବଂ ଅନ୍ୟ ଖ୍ୟାତି ସମ୍ପନ୍ନ ପ୍ରଶିକ୍ଷଣ କେନ୍ଦ୍ର ତାଙ୍କରେ ଏକ ଫିଡର ଅର୍ଗାନାଜେସନ ଭାବେ କାର୍ଯ୍ୟ କରିବ ।

ଖେଳାଳିଙ୍କ ରହିବା ପାଇଁ ଆବାସିକ ସୁବିଧା, ଅନ୍ତର୍ଜାତୀୟ ମାନର କ୍ରିକେଟର ପଡ଼ିଆ, ଟର୍ଫ ଓ୍ୱିକେଟ, ମ୍ୟାଟିଂ ପିଚ୍, ଏକ ୬ଲେନ୍ ଇଣ୍ଡୋର ଏରିନା, ସମସ୍ତ ସାଜ ସରଞ୍ଜାମ ଥିବା ଜିମ୍ନାସିଅମ, ସୁଇମିଂ ପୁଲ, ଫିଜିଓଥେରାପି ଏବଂ ରିକଭରି ସେଣ୍ଟର, ମୋଟିଭେସନ ହଲ, ପୁନର୍ବାସ କେନ୍ଦ୍ର, ବିଚ୍ ଭଲିବଲ କୋର୍ଟ, ବାସ୍କେଟ ବଲ କୋର୍ଟ ଆଦି ଅତ୍ୟାଧୁନିକ ଭିତ୍ତିଭୂମି ଏହି ସ୍କୁଲରେ ରହିଛି । ଏହି ସ୍ପୋର୍ଟ୍ସ ଏକାଡେମୀ କ୍ରିକେଟ ଖେଳାଳିଙ୍କୁ ସେମାନଙ୍କ ଲକ୍ଷ୍ୟ ହାସଲ ଦିଗରେ ବ୍ୟାପକ ତାଲିମ ଦେବାକୁ ସର୍ବଦା ସେବା ଯୋଗାଇ ଦେବ । ଏପରିକି ବର୍ଷର ୩୬୫ ଦିନ ପ୍ରଶିକ୍ଷଣ ନେବେ କ୍ରିକେଟର ।

ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ପୂର୍ବତନ ଟିମ୍ ଇଣ୍ଡିଆ କୋଚ ରବି ଶାସ୍ତ୍ରୀ, ବି.ଅରୁଣ ଏବଂ ଆର.ଶ୍ରୀଧରଙ୍କ ଦ୍ୱାରା ସ୍ଥାପିତ ଭାରତର ଅନ୍ୟତମ ପ୍ରମୁଖ କ୍ରିକେଟ କୋଚିଂ ପ୍ରତିଷ୍ଠାନ କୋଚିଂ ବିୟଣ୍ଡ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । କୋଚିଂ ବିୟଣ୍ଡ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସର ଏହି ପ୍ରୟାସ ନିମେନ୍ତ ଓଡ଼ିଶାକୁ ବିଶ୍ୱର ସର୍ବୋତ୍ତମ କ୍ରୀଡ଼ାଭ୍ୟାସ ଆଣିଦେବା ଲକ୍ଷ୍ୟରେ ଉଚ୍ଚ ଗୁଣମାନର କୋଚିଂ କାର୍ଯ୍ୟକ୍ରମକୁ ସୁଗମ କରାଇବା ଏବଂ କାର୍ଯ୍ୟକାରୀ କରିବା ଦିଗରେ ସହଭାଗୀ ହେବ ।

ବିଶିଷ୍ଟ କୋଚମାନଙ୍କ ସହ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଚୁକ୍ତି କରିଛି । ପୂର୍ବତନ ଭାରତୀୟ ଟେଷ୍ଟ କ୍ରିକେଟର ଭେଙ୍କଟପତି ରାଜୁଙ୍କୁ ମୁଖ୍ୟ ପରାମର୍ଶଦାତା କୋଚ ଭାବେ ଚୁକ୍ତିବଦ୍ଧ କରିଛି ।

ପ୍ରଥମ ଚରଣରେ ୫୦ ଜଣ ପର୍ଯ୍ୟନ୍ତ ପୁରୁଷ କ୍ରିକେଟ ଖେଳାଳିଙ୍କୁ ସ୍ୱଚ୍ଛ ପ୍ରକ୍ରିୟାରେ ମନୋନୀତ କରାଯିବ । କମ ଖର୍ଚ୍ଚରେ ସେମାନଙ୍କୁ ଉଚ୍ଚ ପ୍ରଦର୍ଶନକାରୀ ତାଲିମ ଦିଆଯିବ । ଭବିଷ୍ୟତରେ ଉଭୟ ପୁରୁଷ ଓ ମହିଳା କ୍ରିକେଟ ଖେଳାଳିଙ୍କ ସଂଖ୍ୟା ବୃଦ୍ଧି କରାଯିବ । ଏକାଡେମୀରେ ମଧ୍ୟ ଦୈନିକ କୋଚିଂ କାର୍ଯ୍ୟକ୍ରମ ରହିବ । ବିଶେଷକରି ୧୬ରୁ ୧୯ ବର୍ଷର ପିଲାଙ୍କୁ ଉଚ୍ଚମାନର ତାଲିମ ଦିଆଯିବ ।

ପଙ୍କଜ ଲୋଚନ ମହାନ୍ତି (ଏମ୍‌ଜିଏମ୍ ମିନେରାଲ୍ସ ଲିଃ. ସିଏମ୍‌ଡି) ଦୃଢ଼ ଆଶା ଓ ବିଶ୍ୱାସ ପ୍ରକଟ କରି କହିଛନ୍ତି ଯେ ସହଭାଗିତା ଓଡ଼ିଶା କ୍ରିକେଟର ଭବିଷ୍ୟତକୁ ସମୃଦ୍ଧ କରିବ । ବିଶ୍ୱରେ ଏହା ଏକ ସମ୍ମାନଜନକ କ୍ରିକେଟ ତାଲିମ କେନ୍ଦ୍ର ଭାବେ ପରିଣତ ହେବ ।

### ୪୦ ବର୍ଷର ସ୍ମୃତି ମନେ ପକାଇଲେ ଶାସ୍ତ୍ରୀ

ଓଡ଼ିଶା ତଥା ବାରବାଟୀ ଷ୍ଟାଡିୟମ ସହ ରବି ଶାସ୍ତ୍ରୀଙ୍କ ସମ୍ପର୍କ ପୁରୁଣା । ୪୦ ବର୍ଷ ତଳେ ଭାରତୀୟ ଦଳ ବାରବାଟୀରେ ଖେଳିଥିବା ପ୍ରଥମ ଦିନିକିଆରେ ରବି ଶାସ୍ତ୍ରୀ କମାଲ କରିଥିଲେ । ଅର୍ଥାତ ୧୯୮୪ ଡିସେମ୍ବର ୨୭ରେ ବାରବାଟୀ ଷ୍ଟାଡିୟମରେ ପ୍ରଥମ ଦିନିକିଆ ମ୍ୟାଚ ଖେଳାଯାଇଥିଲା । ଇଂଲଣ୍ଡ ବିପକ୍ଷ ମ୍ୟାଚରେ ରବି ଶାସ୍ତ୍ରୀ ୧୦୨ ରନର ଶତକୀୟ ଇନିଂସ ଖେଳିଥିଲେ । ସେତେବେଳର ସ୍ମୃତି ଏବେବି ଶାସ୍ତ୍ରୀଙ୍କ ମନରେ ଉଙ୍କି ମାରୁଛି । ରାଜ୍ୟରେ କ୍ରୀଡ଼ାକୁ ଆଗେଇ ନେବାର ସମର୍ଥନ ତଥା ପ୍ରଶିକ୍ଷଣ ଦିଗରେ ଆନ୍ତରିକତା ଏହି ଦୁଇଟି କଥା ଶାସ୍ତ୍ରୀଙ୍କ ମନକୁ ଛୁଇଁଛି । ଭାରତୀୟ କ୍ରିକେଟ ଦଳର ପୂର୍ବତନ କୋଚ ରବି ଶାସ୍ତ୍ରୀ, ଆର. ଶ୍ରୀଧର ଓ ଭେଙ୍କଟପତି ରାଜୁ ଦେଶରେ କ୍ରିକେଟର ମାନ ବଢ଼ାଇବା ଓ ଉଚ୍ଚସ୍ତରର କ୍ରିକେଟର ଗଢ଼ିବା ପାଇଁ କୋଚିଂ ବିୟଣ୍ଡ କ୍ରିକେଟ ଏକାଡେମୀ ଗଢ଼ିଛନ୍ତି । ଏପର୍ଯ୍ୟନ୍ତ ହାଇଦ୍ରାବାଦ ଓ ଚେନ୍ନାଇରେ କୋଚିଂ ବିୟଣ୍ଡର ଦୁଇଟି ଏକାଡେମୀ ରହିଛି । ଆଗାମୀ ଏପ୍ରିଲରୁ ଓଡ଼ିଶାରେ ଏହାର ତୃତୀୟ ଶାଖା ଏମ୍‌ଜିଏମ୍ ସହଭାଗିତାରେ ଆରମ୍ଭ ହେବାକୁ ଯାଉଛି । ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ଓଡ଼ିଶାରୁ ଆଉ ଜାତୀୟ ଦଳକୁ ଖେଳାଳି ଯାଇପାରି ନାହାନ୍ତି । ତେଣୁ ରାଜ୍ୟରେ ପ୍ରଶିକ୍ଷଣର ଧାରାରେ ତ୍ରୁଟି ଥିବା କହିଛନ୍ତି ରବି ଶାସ୍ତ୍ରୀ । ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଉଥିବା ପ୍ରଶିକ୍ଷକ ଉଚ୍ଚମାନର ହେଲେ ଯାଇ ଅନ୍ତର୍ଜାତୀୟ ସ୍ତରର ଖେଳାଳି ବାହାରି ପାରିବେ । ତେଣୁ ପ୍ରଥମେ ଆମର ପ୍ରୟାସ ରହିବ ଉଚ୍ଚମାନର ପ୍ରଶିକ୍ଷକ ସୃଷ୍ଟି କରିବା । ତାହାଲେ ଯାଇ ଓଡ଼ିଶାର ତୃଣମୂଳ ସ୍ତରରୁ ଭଲ କ୍ରିକେଟର ବାହାରି ପାରିବେ । ଯେଉଁ ଦୁଇ ଦଶନ୍ଧି ଧରି ଅନ୍ତର୍ଜାତୀୟ ଖେଳାଳି ଶୂନ୍ୟତା ଓଡ଼ିଶାରେ ରହିଛି, ତାହା ଖୁବ୍‌ଶୀଘ୍ର ଅନ୍ତ ହେବାକୁ ଯାଉଛି । ଆମେ ଦୁଇ/ତିନି ବର୍ଷ ମଧ୍ୟରେ ଜାତୀୟ ଦଳରେ ଖେଳିଲା ଭଳି ଯୋଗ୍ୟ ଖେଳାଳି ସୃଷ୍ଟି କରିବୁ ବୋଲି ଦୃଢ଼ତାର ସହ କହିଛନ୍ତି ରବି ଶାସ୍ତ୍ରୀ । ଜାତୀୟ ଦଳର ପ୍ରଦର୍ଶନକୁ ନେଇ ରବି ଶାସ୍ତ୍ରୀଙ୍କୁ ପ୍ରଶ୍ନ କରାଯାଇଥିଲା । ବିଶେଷକରି ଆମ ପାଖରେ ଅଧିକ ବେଗରେ ବୋଲିଂ କରୁଥିବା ବୋଲର ନାହାନ୍ତି । ଏନେଇ ପଡ଼ୋଶୀ ପାକିସ୍ତାନ ସବୁବେଳେ ସମାଲୋଚନା କରୁଛି । ଏହାର ଜବାବ ଦେଇ ଶାସ୍ତ୍ରୀ କହିଥିଲେ, ଅଧୁନା ଭାରତୀୟ ଦଳରେ ଖେଳୁଥିବା ଯଶପ୍ରୀତ ବୁମରା ଆଇସିସି ମାନ୍ୟତାର ଏକ ନମ୍ବର ବୋଲର । କେବଳ ସ୍ପିଡ୍ ନୁହେଁ, ଯେଉଁ ବୋଲର ଶୃଙ୍ଖଳିତ ବୋଲିଂ କରି ଦଳକୁ ଜିତାଉଛନ୍ତି, ସେମାନେ ହିଁ ଶ୍ରେଷ୍ଠ । ବର୍ତ୍ତମାନ ଭାରତ ପାଖରେ ଯଶପ୍ରୀତ ବୁମରା, ମହମ୍ମଦ ସାମି, ମହମ୍ମଦ ସିରାଜ, ରବିନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ବୋଲିଂ କମ୍ବିନେସନ ରହିଛି । ଯାହାକି ସାରା ବିଶ୍ୱ କ୍ରିକେଟରେ ସର୍ବଶ୍ରେଷ୍ଠ ବୋଲିଂ କମ୍ବିନେସନ ।




### ରଣଜୀ ପାଇଁ ଖେଳାଳି ଗଢ଼ିବୁ : ପଙ୍କଜ ଲୋଚନ

ରାଜ୍ୟରେ ଅନେକଗୁଡ଼ିଏ କ୍ରିକେଟ ଏକାଡେମୀ ରହିଛି । ମହମ୍ମଦ ଆଝାରୁଦ୍ଦିନଙ୍କର ହେଉ କିମ୍ବା ୟୁସୁଫ୍ ପଠାନ, ଏସବୁ ଏକାଡେମୀ କୌଣସି ସ୍କୁଲ, କଲେଜ କିମ୍ବା କ୍ଲବ ସହ ଚୁକ୍ତି କରି ଏକାଡେମୀ ଖୋଲିଛନ୍ତି । କିନ୍ତୁ ଏମ୍‌ଜିଏମ୍ ଏକାଡେମୀ ସମ୍ପୂର୍ଣ୍ଣ ଭାବେ ନିଜସ୍ୱ ଓ ଆବାସିକ । ଗୁରୁଡ଼ିଝାଟିଆରେ ୩୦ ଏକର ଅଞ୍ଚଳରେ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ରହିଛି । ଏଠାରେ ପ୍ରଥମ ପର୍ଯ୍ୟାୟରେ ୫୦ ଜଣ ଖେଳାଳି ରହିବାର ବ୍ୟବସ୍ଥା ରହିଛି ଓ ଅନ୍ୟାନ୍ୟ ସ୍ଥାନୀୟ ୫୦ ଜଣ ଖେଳାଳି ପ୍ରତ୍ୟହ ଅଭ୍ୟାସ କରିପାରିବେ । ୧୬ରୁ ୧୯ ବର୍ଷ ବୟସର ପିଲାଙ୍କୁ ପ୍ରଶିକ୍ଷଣ ଦିଆଯିବ, ଓଡ଼ିଶାରୁ ୮୦% ପିଲାଙ୍କୁ ନିଆଯିବ । ଏପ୍ରିଲରୁ ଏହି ଏକାଡେମୀ କାର୍ଯ୍ୟକ୍ଷମ ହେବ ବୋଲି ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସର ସିଏମ୍‌ଡି ପଙ୍କଜ ଲୋଚନ ମହାନ୍ତି କହିଛନ୍ତି । ଏକାଡେମୀରେ ରହି ପ୍ରଶିକ୍ଷଣ ନେବାକୁ ଥିବା ଖେଳାଳିଙ୍କ ପାଇଁ ମାସିକ ଦେୟ ୧୦ହଜାର ଏବଂ ସ୍ଥାନୀୟ ଖେଳାଳିଙ୍କ ପାଇଁ ୨,୫୦୦ ଟଙ୍କା ଧାର୍ଯ୍ୟ ହୋଇଛି । ଏପରିକି ଓଡ଼ିଶା ଦଳର ଖେଳାଳି ମଧ୍ୟ ଆବଶ୍ୟକ ସ୍ଥଳେ ଏଠାରେ ପ୍ରଶିକ୍ଷଣ ନେବେ । ଖୁବଶୀଘ୍ର ଆମେ ଏକାଡେମୀରୁ ଉଚ୍ଚମାନର କ୍ରିକେଟର ବାହାର କରି ଓଡ଼ିଶା ଦଳକୁ ଯୋଗାଇ ଦେବୁ । ଏହାହିଁ ଆମର ମୂଳ ଲକ୍ଷ୍ୟ ବୋଲି ପଙ୍କଜ ଲୋଚନ ମହାନ୍ତି କହିଛନ୍ତି ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

## କାଇପଦର ପ୍ରିମିୟର ଲିଗ୍
## ପାଇକ ଫାଇଟର୍ସ ବିଜୟୀ

ଖୋର୍ଦ୍ଧା, ୧୯।୩ (ସବ୍ୟୁ) : ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ସାଆନ୍ତା ମା' ବଘେଇ କ୍ରିକେଟ କ୍ଲବ ପଡ଼ିଆରେ ସ୍ୱସ୍ତି କ୍ଲବ ଆନୁକୂଲ୍ୟରେ ଚାଲିଥିବା କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନ ପାଇକ ଫାଇଟର୍ସ ବିଜୟୀ ହୋଇଛି । ମଙ୍ଗଳାବାର ପାଇକ ଫାଇଟର୍ସ ଓ ମା' ମଙ୍ଗଳା ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପାଇକ ଫାଇଟର୍ସ ବ୍ୟାଟିଂ କରି ୧୫ ଓଭରରେ ୮ ଓ୍ୱିକେଟ ହରାଇ ୧୩୨ ରନ କରିଥିଲା । ବୀରେନ ମଙ୍ଗରାଜ ୨୧ ବଲରେ ୪୧ ରନ କରିଥିଲେ । ଜବାବରେ ମା' ମଙ୍ଗଳା ଏକାଦଶ ୧୪.୪ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୧୦୪ ରନ କରିବାକୁ ସକ୍ଷମ ହୋଇଥିଲା । ଦଳ ତରଫରୁ ସୁରେନ୍ଦ୍ର ଚମ୍ପତିରାୟ ୧୧ ବଲରୁ ୨୪ ରନ କରିଥିଲେ । ପାଇକ ଫଇଟର୍ସ ୨୮ ରନରେ ବିଜୟୀ ହୋଇଛି । ବିଜୟୀ ଦଳର ଅଶୋକ ସାମନ୍ତରାୟଙ୍କୁ ୩ ଓ୍ୱିକେଟ ପାଇଁ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା । ଗୋପୀନାଥ ମାଝୀ ଓ ଜି.ସାମନ୍ତରାୟ ମ୍ୟାଚ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ଲଳିତ ଭାରି ମଲ୍ଲ, ଶୁଭ ପ୍ରସାଦ ରଣସିଂ, ଭରତ ସିଂ, ତପୁ ରଣସିଂ, କିଶୋର ପାଇକରାୟ, ଦୀପୁ ଅରସଲ. ରାଜେଶ ସୁବୁଦ୍ଧି, ଗୋପୀନାଥ ମହାରଥୀ, ଅଭିଷେକ ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ ।

## ମହିଳା ଟି-୨୦
## ନ୍ୟୁଜିଲାଣ୍ଡକୁ ଧରାଶାୟୀ କଲା ଇଂଲଣ୍ଡ

ଡୁନେଡିନ, ୧୯।୩ (ଏଜେନ୍ସି) : ଘରୋଇ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଇଂଲଣ୍ଡ ମହିଳା ଦଳ ମଧ୍ୟରେ ଟି-୨୦ ଶୃଙ୍ଖଳା ଆରମ୍ଭ ହୋଇଛି । ମଙ୍ଗଳବାର ଡୁନେଡିନ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ହେଦର ନାଇଟଙ୍କ ୬୩ ରନର ବିସ୍ଫୋରକ ଇନିଂସ ଯୋଗୁ ଇଂଲଣ୍ଡ ୨୭ ରନ ବ୍ୟବଧାନରେ ନ୍ୟୁଜିଲାଣ୍ଡକୁ ଧରାଶାୟୀ କରି ୧-୦ରେ ଶୃଙ୍ଖଳା ଆଗୁଆ ହୋଇଛି । ଏହି ମ୍ୟାଚରେ ଇଂଲଣ୍ଡ ୨୦ ଓଭରରେ ୪ ଓ୍ୱିକେଟ ହରାଇ ୧୬୦ ରନ କରିଥିଲା । ଦଳ ପକ୍ଷରୁ ଟମୀ ବ୍ୟୁମଣ୍ଟ ୧୫ ରନ, ସୋଫିଆ ଡଙ୍କଲୀ ୩୨ ରନ, ମାୟା ବୌଚର ଅପରାଜିତ ୪୩, ଅଧିନାୟିକା ହେଦର ନାଇଟ ୬୩ ରନ କରିଥିଲେ । ତେଣୁ ଇଂଲଣ୍ଡ ୨୦ ଓଭରରେ ୪ ଓ୍ୱିକେଟ ହରାଇ ୧୬୦ ରନ କରିଥିଲା । ଜବାବରେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୫ ଓ୍ୱିକେଟ ହରାଇ ୧୩୩ ରନ କରିବାକୁ ସକ୍ଷମ ହୋଇଥିଲା । ଅଧିନାୟିକା ସୁଜି ବେଟ୍ସ ୬୫ ରନ, ଜର୍ଜିଆ ପ୍ଲିମର ୨୧, ବ୍ରୋକ ହଲିଡେ ଅପରାଜିତ ୨୭ ରନ କରିଥିଲେ । ଇଂଲଣ୍ଡର ବୌରେନ ବେଲ୍‌ଙ୍କୁ ସର୍ବାଧିକ ୨ ଓ୍ୱିକେଟ ସଫଳତା ମିଳିଥିଲା ।

## ୟୁଟିଟି ପାରା ଟେବୁଲ ଟେନିସ : ଓଡ଼ିଶାରୁ ଭାଗ ନେବେ ୪

ଭୁବନେଶ୍ୱର, ୧୯।୩ (ସବ୍ୟୁ) : ମଧ୍ୟପ୍ରଦେଶର ଇନ୍ଦୋରଠାରେ ଚଳିତ ମାସ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ୟୁଟିଟି ପାରା ଟେବଲ ଟେନିସ ଜାତୀୟ ଚାମ୍ପିଅନସିପ ଆୟୋଜିତ ହେବାକୁ ଯାଉଛି । ଏଥିରେ ଓଡ଼ିଶାରୁ ୪ ଜଣ ଅଂଶଗ୍ରହଣ କରିଛନ୍ତି । ଏମାନେ ହେଲେ ଦେବାମୃତ ସାହୁ, ଉଦୟ କୁମାର ରାଉତ, ରୁଦ୍ରନାରାୟଣ ବେହେରା ଓ ଗୌତମ ସିଂ । ଇନ୍ଦୋରକୁ ପ୍ରଥମ ଥର ପାଇଁ ଓଡ଼ିଶା ପାରା ଟେବଲ ଟେନିସ ଦଳ ଖେଳିବାକୁ ଯାଇଛି । ପାରା ସ୍ପୋର୍ଟ୍ସ ସଂଘ ଓଡ଼ିଶାର କର୍ମକର୍ତ୍ତା ଏହି ପ୍ରତିଯୋଗିତାରେ ଓଡ଼ିଆ ଖେଳାଳି ଭଲ ପ୍ରଦର୍ଶନ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ ।

## କୋହଲିଙ୍କ ନୂଆ ଲୁକ୍

ନୂଆଦିଲ୍ଲୀ, ୧୯।୩ (ଏଜେନ୍ସି) : ଦୁଇମାସର ବ୍ରେକ ପରେ ପଡ଼ିଆକୁ ଓହ୍ଲାଇଛନ୍ତି ବିରାଟ କୋହଲି । ଆଇପିଏଲ ପୂର୍ବରୁ ସେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର କ୍ୟାମ୍ପକୁ ଫେରିଛନ୍ତି । ପ୍ରଥମେ ଡ୍ୟାଡ୍ ଟି-ସର୍ଟ ଓ ତାଙ୍କ ହେୟାର ଷ୍ଟାଇଲ ଦର୍ଶକଙ୍କୁ ବେସ ପସନ୍ଦ ଆସିଛି । କୋହଲିଙ୍କ ଆଇବ୍ରୋ କଟ୍ ସୋସିଆଲ ମିଡିଆରେ ଝଡ଼ ସୃଷ୍ଟି କରିଛି । ଖୁବ କମ ସମୟରେ ତାଙ୍କର ଏହି ନିଆରା ଲୁକ୍ ଜବରଦସ୍ତ ଭାଇରାଲ ହୋଇଛି । ଆର୍‌ସିବି ଓ ଚେନ୍ନାଇ ସୁପରକିଙ୍ଗସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ । ୨ମାସ ହେବ କୋହଲି କ୍ରିକେଟଠାରୁ ଦୂରେଇ ରହିଥିବାରୁ ସେ ଟି-୨୦ ବିଶ୍ୱକପ ଖେଳିବେ କି ନାହିଁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା । ତେବେ ଆଇପିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଏହି ବିଶ୍ୱକପ ଟିମ୍‌ରେ ସାମଲ ହେବାକୁ ଚାହିଁବେ । ୨୦୨୩ ଦିନିକିଆ ବିଶ୍ୱକପରେ କୋହଲି ଭାରତ ପକ୍ଷରୁ ସର୍ବାଧିକ ରନ କରିଥିଲେ । ଦଳରେ କୋହଲିଙ୍କ ସାମିଲକୁ ନେଇ ଅଧିନାୟକ ରୋହିତ ଶର୍ମା ଆଭିମୁଖ୍ୟ ସ୍ପଷ୍ଟ କରିସାରିଛନ୍ତି ।

Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

## ନିରାକାରପୁର ପ୍ରିମିୟର ଲିଗ : ଇଣ୍ଡିଆନ୍ସ ଚାମ୍ପିଅନ

ନିରାକାରପୁର, ୧୯।୩ (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ହାଇସ୍କୁଲ୍ ପଡିଆରେ ତିନି ଦିନ ଧରି ନିରାକାରପୁର କ୍ରିକେଟ ଆସୋସିଏସନ୍ ଦ୍ୱାରା ଚାଲିଥିବା ନିରାକାରପୁର ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟରେ ନିରାକାରପୁର ଇଣ୍ଡିଆନ୍ସ ଚାମ୍ପିଅନ ହୋଇଛି । ସମୁଦାୟ ୬ଟି ଦଳ ଖେଳରେ ଭାଗ ନେଇଥିବା ବେଳେ ଆଜିର ମ୍ୟାଚ୍ ଚନ୍ଦ୍ରକାନ୍ତ ବେହେରାଙ୍କ ନିରାକାରପୁର ଇଣ୍ଡିଆନସ ଓ ସୁଶାନ୍ତ କୁମାର ସେନାପତିଙ୍କ ନିରାକାରପୁର ଲିଟିଲ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ନିରାକାରପୁର ଇଣ୍ଡିଆନ୍ସ ବ୍ୟାଟି କରି ୮ ଓଭରରେ ୭ ଓ୍ୱିକେଟ ହରାଇ ୧୧୬ ରନ କରିଥିବାବେଳେ ନିରାକାରପୁର ଲିଟିଲ୍ ୮ ଓଭରରେ ୮ ଓ୍ୱିକେଟ ହରାଇ ମାତ୍ର ୯୨ ରନ କରିବାରେ ସକ୍ଷମ ହୋଇଥିଲେ । ଫଳରେ ନିରାକାରପୁର ଇଣ୍ଡିଆନ୍ସ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା ।

ଖେଳକୁ ପ୍ରତ୍ୟୁଷ କୁମାର ସାମନ୍ତରାୟ ଓ ରଘୁରାଜ ପ୍ରସାଦ ସାହୁ ପରିଚାଳନା କରିଥିଲେ । ଅତିଥି ଭାବେ ବରିଷ୍ଠ ନେତା ବିପିନ କୁମାର ଜୟସିଂହ, ସମାଜସେବୀ ଶୁଭମ ଦାଶ, ୧୨ନଂ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟା ସିଂହ ଓ ଛାତ୍ର ନେତା ବିଶ୍ୱଦୀପ ପ୍ରଧାନ ବଜ୍ରନାଥ, ୨୩ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ଅନାଦି ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ସମରେଶ ପାଇକରାୟ ଓ ଯୁବ ସମାଜ ସେବୀ ବିଶ୍ୱଦୀପ ଭୁଜବଳ ପ୍ରମୁଖ ଉପସ୍ଥିତ ରହି ବିଜେତା ଟ୍ରଫି ଓ ନଗଦ ୧୮ ହଜାର ଟଙ୍କା, ରାନସ ଅପ ଦଳକୁ ଟ୍ରଫି ସହିତ ନଗଦ ୧୨ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ ।

### ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍: କିଶୋର, କିଟ୍ ବିଜୟୀ

ଭୁବନେଶ୍ୱର, ୧୯।୩ (ସବ୍ୟୁ) : ୧୭ ବର୍ଷରୁ କମ ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ରେ ମଙ୍ଗଳବାର ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ଭୁବନେଶ୍ୱର କିଶୋର କ୍ଲବ ଏବଂ କିଟ୍ ବିଜୟୀ ହୋଇଛି । ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ କିଶୋର କ୍ଲବ ୬-୦ ଗୋଲରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (କାଜି ବଜାର)କୁ ହରାଇଥିଲା । ଏହି ମ୍ୟାଚ୍‌ରେ କିଶୋର କ୍ଲବ ପକ୍ଷରୁ ସଞ୍ଜନା ମାଝୀ ୭ ଓ ୫୭ତମ ମିନିଟରେ ଦୁଇଟି ଗୋଲ କରିଥିଲେ । ଦ୍ୱିତୀୟ ମିନିଟ୍‌ରେ ସସ୍ମିତା ଶୁଣ୍ଡି, ୧୫ତମ ମିନିଟରେ ତୁଳସୀ ମୁନାରୀ, ୧୭ତମ ମିନିଟରେ କାଜଲ ରାଉତ ଏବଂ ୩୯ତମ ମିନିଟରେ ଆଫ୍ରିନ ମିର୍ଜା ବେଗମ ଗୋଲ ସ୍କୋର କରିଥିଲେ । ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ କିଟ୍/କିସ୍ ଦଳ ୩-୦ ଗୋଲରେ ଯୋଡ଼ାର ଟାଟା ଷ୍ଟିଲ ଫାଉଣ୍ଡେସନକୁ ଧରାଶାୟୀ କରିଥିଲା । ବିଜୟୀ କିଟ୍/କିସ୍ ପକ୍ଷରୁ ହେମାବତୀ ହୋ ୧୯ ଓ ୫୧ତମ ମିନିଟରେ ଦୁଇଟି ତଥା ସୋନାଲି ଓରାମ ୩୮ତମ ମିନିଟରେ ଗୋଲସ୍କୋର କରିଥିଲେ ।

## ପୁଣି କମେଣ୍ଟ୍ରି କରିବେ ସିଦ୍ଧୁ

ନୂଆଦିଲ୍ଲୀ, ୧୯।୩ (ଏଜେନ୍ସି) : ପ୍ରାୟ ୧ଦଶନ୍ଧି ପରେ କ୍ରିକେଟ କମେଣ୍ଟ୍ରିକୁ ଫେରିବାକୁ ଯାଉଛନ୍ତି ନବଜ୍ୟୋତ ସିଂ ସିଦ୍ଧୁ । ମାର୍ଚ୍ଚ ୨୨ରୁ ଇଣ୍ଡିଆନ ପ୍ରିମିୟର ଲିଗ୍ ୧୭ତମ ସଂସ୍କରଣ ଆରମ୍ଭ ହେବ । ସିଦ୍ଧୁ ଷ୍ଟାର ସ୍ପୋର୍ଟ୍ସ ପ୍ରସାରଣ ଟିମରେ ଯୋଗଦେବେ । ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ଚେନ୍ନାଇ ସୁପରକିଙ୍ଗ୍ସରେ ମଧ୍ୟରେ ସିଜନର ପ୍ରଥମ ମ୍ୟାଚରୁ ତାଙ୍କ କମେଣ୍ଟ୍ରି କ୍ୟାରିଅରର ଦ୍ୱିତୀୟ ଇନିଂସ ଆରମ୍ଭ ହେବ । ଷ୍ଟାର ସ୍ପୋର୍ଟ୍ସ ସିଦ୍ଧୁଙ୍କୁ କମେଣ୍ଟ୍ରି ବକ୍ସର ସର୍ଦ୍ଦାର ବୋଲି ଦର୍ଶାଇ ତାଙ୍କ ପ୍ରତ୍ୟାବର୍ତ୍ତନ ଘୋଷଣା କରିଛି ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

୰ମନ୍ମଥ ଦାସ
ରାଣୀପାଟଣା, ବାଲେଶ୍ୱର
ଆବିର୍ଭାବ -୧୬.୦୭.୧୯୬୨
ତିରୋଧାନ-୨୦.୦୩.୨୦୨୩
ଋହୁଁ ଋହୁଁ ଗୋଟିଏ ବର୍ଷ ବିତିଗଲା । ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟ ପରାୟଣତା ଆମ ସମସ୍ତଙ୍କ ଜୀବନରେ ଚିର ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ପୁତ୍ର-ସୁବାସ ଦାସ, ପରିବାରବର୍ଗ, ରିଙ୍ଗାରିଙ୍ଗ ସାଉଣ୍ଡ ଏଣ୍ଡ ଲାଇଟ୍, ଲକ୍ଷ୍ମୀ ଆୟୁର୍ବେଦ କ୍ଲିନିକ୍ ଏବଂ ଆତ୍ମୀୟସ୍ୱଜନ ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541